


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-189 •SUNDAY •4 JANUARY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୮ ୯ •ରବିବାର •୪ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦ (ସିନ୍ଦୂରା ସହ)



ପ୍ରତିଘର ପାଠାଗାର

## ସମକାଳୀନ ଓଡ଼ିଆ କାହାଣୀ ଜଗତର ସବୁଠୁ ଚର୍ଚ୍ଚିତ ୩୦ ଗଳ୍ପ ପୁସ୍ତକ, ଅଧାମୂଲ୍ୟରେ*

ଆଧୁନିକ ଓଡ଼ିଆ କ୍ଲାସିକ୍ | ମନ ଚହଲେଇଦେବା ଭଳି କାହାଣୀ | ୩୦ଟି ପୁସ୍ତକରେ ୫୦୦ରୁ ଅଧିକ ଗଳ୍ପ | ସୁଯୋଗ ସୀମିତ ସମୟ ପାଇଁ

20 ପେନ୍ ଇନ୍ ବୁକ୍ସ PEN IN BOOKS twenty years of excellence




ଲେଖକ ଅଜୟ ସ୍ୱାଇଁ ମୂଲ୍ୟ ୧୯୯ ଟଙ୍କା | ଲେଖକ ଗୌରହରି ଦାସ ମୂଲ୍ୟ ୨୧୯ ଟଙ୍କା | ଲେଖକ ଅରୁଣ କୁମାର ସାହୁ ମୂଲ୍ୟ ୨୩୯ ଟଙ୍କା | ଲେଖକ ସୁରେଶ ଛୋଟରାୟ ମୂଲ୍ୟ ୨୪୯ ଟଙ୍କା | ଲେଖକ କ୍ଷୀରୋଦ ଦାସ ମୂଲ୍ୟ ୨୧୯ ଟଙ୍କା | ଲେଖକ ଜୀବନ କୃଷ୍ଣ ମହାପାତ୍ର ମୂଲ୍ୟ ୪୪୯ ଟଙ୍କା | ଲେଖକ ଘନବିହାରୀ ମହାରଣା ମୂଲ୍ୟ ୨୧୯ ଟଙ୍କା | ଲେଖକ ଶୁଭାଂଶୁ ପଣ୍ଡା ମୂଲ୍ୟ ୨୪୯ ଟଙ୍କା | ଲେଖକ ମୋନାଲିସା ମିଶ୍ର ମୂଲ୍ୟ ୩୧୯ ଟଙ୍କା | ଲେଖକ ଘନଶ୍ୟାମ ପାଣିଗ୍ରାହୀ ମୂଲ୍ୟ ୨୪୯ ଟଙ୍କା




ଲେଖକ ସୁବ୍ରତ କୁମାର ସେନାପତି ମୂଲ୍ୟ ୨୧୯ ଟଙ୍କା | ଲେଖକ ବିଲୁ ହୋତା ମୂଲ୍ୟ ୨୪୯ ଟଙ୍କା | ଲେଖକ ମିୟୋଗ ପାତ୍ର ମୂଲ୍ୟ ୧୯୯ ଟଙ୍କା | ଲେଖକ ତୃପ୍ତି ରଞ୍ଜନ ଦାସ ମୂଲ୍ୟ ୧୯୯ ଟଙ୍କା | ଲେଖକ ସ୍ୱାଗତ କୁମାର ପଣ୍ଡା ମୂଲ୍ୟ ୨୧୯ ଟଙ୍କା | ଲେଖକ ଅଶୋକ କୁମାର ମିଶ୍ର ମୂଲ୍ୟ ୨୧୯ ଟଙ୍କା | ଲେଖକ ଶୈଳେନ୍ଦ୍ର ଜେନା ମୂଲ୍ୟ ୧୯୯ ଟଙ୍କା | ଲେଖକ ହିପୁ ସଲ୍‌କ କ୍ରିଷିଲ ନାଥନ ମୂଲ୍ୟ ୨୪୯ ଟଙ୍କା | ଲେଖକ ରଞ୍ଜନ ପ୍ରଧାନ ମୂଲ୍ୟ ୨୧୯ ଟଙ୍କା | ଲେଖକ ହାଡ଼ିବନ୍ଧୁ ମହାଖୁଡ଼ ମୂଲ୍ୟ ୧୯୯ ଟଙ୍କା




ଲେଖକ ଛନ୍ଦା ମିଶ୍ର ମୂଲ୍ୟ ୨୨୯ ଟଙ୍କା | ଲେଖକ ଶକ୍ତି ମହାନ୍ତି ମୂଲ୍ୟ ୨୪୯ ଟଙ୍କା | ଲେଖକ ମନୋରଞ୍ଜନ ବେହୁରା ମୂଲ୍ୟ ୩୨୯ ଟଙ୍କା | ଲେଖକ ପ୍ରିୟଦର୍ଶିନୀ ପଣ୍ଡା ମୂଲ୍ୟ ୨୩୯ ଟଙ୍କା | ଲେଖକ ଲକ୍ଷ୍ମଣ କୁମାର ମୂଲ୍ୟ ୧୯୯ ଟଙ୍କା | ଅନୁବାଦ ବଙ୍ଗାଳୀ ନନ୍ଦ ମୂଲ୍ୟ ୨୪୯ ଟଙ୍କା | ଲେଖକ ସୁଷମା ଚୌଧୁରୀ ମୂଲ୍ୟ ୨୧୯ ଟଙ୍କା | ଲେଖକ ସୋମନାଥ ବିଶୋୟୀ ମୂଲ୍ୟ ୧୯୯ ଟଙ୍କା | ଲେଖକ ଶଶାଙ୍କ ପ୍ରିୟସଖା ମୂଲ୍ୟ ୨୩୯ ଟଙ୍କା | ଲେଖକ ଅରୁଣ କୁମାର ଦାଶ ମୂଲ୍ୟ ୨୪୯ ଟଙ୍କା

#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

ପେନ୍ ଇନ୍ ବୁକ୍ସ

ଯୋଗାଯୋଗ : ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ, ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ଡାକ ଖର୍ଚ୍ଚ ସହ
୩୦ଟି ଗଳ୍ପ ପୁସ୍ତକ
**୩୯୯୯ ଟଙ୍କା**
ଆଜି ହିଁ ୟୁପିଆଇରେ ପଇଠ କରନ୍ତୁ
ନିଜ ଦୁଆର ମୁହଁରେ ପୁସ୍ତକ ପାଆନ୍ତୁ

ପୁସ୍ତକ ପାଇବା ପାଇଁ

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ତାହାଣ ପାଖ କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୩,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ। ସ୍ପୀଡ୍‌ପୋଷ୍ଟ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୩,୯୯୯/- ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

ଜିତନ୍ତୁ ଏକ ଲକ୍ଷ ଟଙ୍କାର ମାଗଣା ପୁସ୍ତକ
ପଢ଼ିବା ପରେ ଆମାଜନ୍‌ରେ ଅତି କମରେ ୧୦ଟି ପୁସ୍ତକର ସମୀକ୍ଷା ଲେଖନ୍ତୁ। ସମୀକ୍ଷାର ସ୍କ୍ରୀନ୍‌ସଟ୍ ଆମକୁ ପଠାନ୍ତୁ। ୧୦ ଜଣ ପାଠକଙ୍କୁ ମିଳିବ ଏକ ଲକ୍ଷ ଟଙ୍କାର ପୁସ୍ତକ ଉପହାର। ଡାକ ଠିକଣାରେ ପୁସ୍ତକ ପହଞ୍ଚାଇଦିଆଯିବ।

78469 81182

Odia Media Private Limited
odiamedia@icici

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ଯାଏଁ ଖୋଲା ରହିବ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୭,୫୮୦ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ ଓ ପ୍ୟାକେଜିଂର ଆନୁମାନିକ ମୂଲ୍ୟ ୮,୦୦୦ ଟଙ୍କାରୁ ଅଧିକ।

## ବିଚାର ବିବାଦ ବିଧାନ

ରାଜୁତି, ରାଜନୀତି ଓ ରାଷ୍ଟ୍ରଗଠନ ସମ୍ବନ୍ଧରେ ୭ଟି ସ୍ୱତନ୍ତ୍ର ଗ୍ରନ୍ଥ ଏକତ୍ର
୩,୧୯୩ ଟଙ୍କାର ପୁସ୍ତକ ମାତ୍ର ୧,୯୯୯ ଟଙ୍କାରେ




| | | | | | | |
|---|---|---|---|---|---|---|
| ରାଷ୍ଟ୍ର ଓ ସମାଜ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୈଚାରିକ ଅବଦାନ ମୂଲ୍ୟ ୫୯୯/- | ୧୯୯୧ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ ବିଶ୍ଳେଷଣ ମୂଲ୍ୟ ୫୯୯/- | ୨୦୨୪ ଓଡ଼ିଶା ନିର୍ବାଚନର ରାଜନୀତି, ସମୀକରଣ, ଭିତିରି କଥା ଓ ଫଳାଫଳ ମୂଲ୍ୟ ୩୯୯/- | ପରାଜୟରୁ ବିଜୟ ଆଡ଼କୁ ବିଜେପିର ଯାତ୍ରାରେ ନରେନ୍ଦ୍ର ମୋଦୀଙ୍କ ଭୂମିକା ମୂଲ୍ୟ ୩୯୯/- | ୨୫ ବର୍ଷର ରାଜନୀତିରେ ନବୀନ ପଟ୍ଟନାୟକଙ୍କ ସଫଳତା ଓ ଉପଲବ୍ଧି ମୂଲ୍ୟ ୪୯୯/- | ଅରବିନ୍ଦ କେଜରିୱାଲଙ୍କ କଳ୍ପିତ ନୂଆ ଭାରତ ଓ ରାଜନୈତିକ ସଂକଳ୍ପ ମୂଲ୍ୟ ୨୯୯/- | ରାଜନୀତିରେ ସଫଳ ହେବ କି ରାହୁଲଙ୍କ ନୂଆ ପ୍ରୟୋଗ? ଏକ ଅନୁଶୀଳନ ମୂଲ୍ୟ ୩୯୯/- |

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ ପୁସ୍ତକଟି କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ରାଜନୀତି ବିଷୟରେ ଆଲୋଚନା କରିବା, ନେତାଙ୍କୁ ଗାଳିଦେବା ଅଥବା ଆଖିବୁଜି ସମର୍ଥନ କରିବା, ସାମାଜିକ ଗଣମାଧ୍ୟମ ଓ ଖଟିରେ ମତ ଦେବା, ଅଥଚ ରାଜନୀତି ଓ ଶାସନତନ୍ତ୍ରର ଭିତିରି କଥା ଜାଣିବା ନାହିଁ କି ପଢ଼ିବା ନାହିଁ - ଏ କେମିତିକା କଥା?
ରାଜନୀତି ଓ ରାଷ୍ଟ୍ରନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏହି ୭ଟି ପୁସ୍ତକ ପଢ଼ିବା ଓ ସାଇତିବା ଜରୁରୀ।

ପୁସ୍ତକ ପାଇବା ପାଇଁ

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୧,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।*
- ଯୋଜନାଟି ୧୭ ଜାନୁଆରୀ ୨୦୨୬, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୧,୯୯୯ ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

UPI ID - odiamedia@icici

77354 81182

OMPL/2601/SKL03

## ବଙ୍ଗୀୟ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର, ୩।୧(ସମିସ): ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ୩ ଜଣ ବଙ୍ଗୀୟ ଶ୍ରମିକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଲେଶ୍ୱର ସହରରେ ବଙ୍ଗୀୟ ଶ୍ରମିକ ରହି ରେଲୱେରେ ନିର୍ମାଣାଧୀନ ୩ନମ୍ବର ଲାଇନରେ ପାଖାପାଖି ୪୦ରୁ ଅଧିକ ଶ୍ରମିକ ଏକତ୍ରିତ ହୋଇ କାମ କରୁଥିଲେ। ସେଠାରେ ୧୫ରୁ ଅଧିକ ଦୁର୍ବୃତ୍ତ ପହଞ୍ଚି ସେମାନଙ୍କୁ ପ୍ରଥମେ ଆଧାରକାର୍ଡ ଓ ପରିଚୟପତ୍ର ଦେଖାଇବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରି ସେଠାରୁ ପଳାଇ ଯାଇଥିଲେ। ଏହି ଶ୍ରମିକମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ: ମୁଖ୍ୟମନ୍ତ୍ରୀ

### ଜାନକୀ ବାବୁଙ୍କ ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ ଥିଲା: ନବୀନ



ଭୁବନେଶ୍ୱର, ୩।୧(ସମିସ): ରାଜ୍ୟ ରାଜନୀତିରେ ଜାନକୀବଲ୍ଲଭ ଅନେକଙ୍କ ପାଇଁ ପ୍ରେରଣାଦାୟୀ ଗୁରୁ। କୌଣସି ସମସ୍ୟାରେ ବିଚଳିତ ନହୋଇ କର୍ମମୟ ଜୀବନରେ ଆଗକୁ ବଢ଼ି ଚାଲିବା, ଜାନକୀ ବଲ୍ଲଭଙ୍କ ଜୀବନୀରୁ ସମସ୍ତେ ଶିକ୍ଷାଲାଭ କରିବା ଉଚିତ। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟ ନାମ। ଶନିବାର ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଯୁବବର୍ଗଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୯୮୦ ମସିହାରେ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକ ରାଜ୍ୟରେ ପ୍ରଥମଥର ପାଇଁ ବ୍ୟାପକ ଶିଳ୍ପାୟନର ଉଦ୍ୟମ କରିଥିଲେ। ସେତେବେଳେ ହଜାର ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ସେ ସମୟରେ ଯୁବବର୍ଗଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା। ଆମ ସରକାର ଜନକୀ ବାବୁଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଯାଉଛି। ପୁଣିଥରେ ରାଜ୍ୟରେ ଶିଳ୍ପ ବିପ୍ଳବ ପୁନର୍ଜୀବୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି। ତାଙ୍କ ପରି ଧୈର୍ଯ୍ୟ, ଯଥାର୍ଥ ସାଂଗଠନିକ ଦକ୍ଷତା, ନିଷ୍ଠା, ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ ଦୀର୍ଘଜୀବୀ କରିପାରିବା ବୋଲି ଜାନକୀବଲ୍ଲଭ ପ୍ରମାଣ କରିଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଭିଡିଓ ବାର୍ତ୍ତା ମାଧ୍ୟମରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ତାଙ୍କର ଆମର ଆତ୍ମା ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ଜନକୀ ବାବୁ ୬୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ଜନଜୀବନ ସହ ଜଡ଼ିତ ଥିଲେ। ତାଙ୍କର ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ ଥିଲା। ଦୀର୍ଘ ୧୪ ବର୍ଷ ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଭାବରେ ଲୋକଙ୍କ ସେବା କରିଛନ୍ତି। କୃଷି, ଜଳସେଚନ, ଆଇଟି କ୍ଷେତ୍ରରେ ଅନେକ କାମ କରି ଯାଇଛନ୍ତି। ମୁଁ ମୁଖ୍ୟମନ୍ତ୍ରୀ ଥିଲା ବେଳେ ସେ ବିରୋଧୀ ଦଳ ନେତା ଥିଲେ। ସେ ସମୟରେ ସେ ଅନେକ ଗଠନମୂଳକ ପ୍ରସ୍ତାବ ଦେଇଛନ୍ତି। ସାଂଗଠନିକ ଦକ୍ଷତା ଓ ଧୈର୍ଯ୍ୟ ତାଙ୍କର ବଡ଼ ଶକ୍ତି ଥିଲା ବୋଲି ନବୀନ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ବରିଷ୍ଠ କଂଗ୍ରେସ ନେତା ତଥା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶତବାର୍ଷିକୀ କମିଟିର ଅଧକ୍ଷ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଜାନକୀବାବୁ ଓଡ଼ିଆ ଅସ୍ମିତାର ପଥ ପ୍ରଦର୍ଶକ ଥିଲେ। ଜାନକୀ ବାବୁ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଓଡ଼ିଶାରେ ସ୍ଥିର ଶାସନ ଦେଇପାରିଥିଲେ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରପ୍ପା ମୋଇଲି, ସାଂସଦ ରଣଦୀପ ସୁର୍ଜେୱାଲା, ସପ୍ତଗିରି ଉଲ୍ଲାକା, ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ ପ୍ରମୁଖ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ।

ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ, ୩।୧(ସମିସ): ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଶନିବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ସଂପନ୍ନ ହୋଇଛି। ରତ୍ନସିଂହାସନରେ ମହାପ୍ରଭୁ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ହଜାର ହଜାର ଶ୍ରଦ୍ଧାଳୁ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ।

ଶୁକ୍ରବାର ଚନ୍ଦନଲାଗି ପରେ ୮୭ ଗରା ଜଳ ଏବଂ ୨୧ ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିଲା। ଶନିବାର ସକାଳଧୂପ ବଢ଼ି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ମଇଲମ ପରେ ପୂର୍ବଦିନ ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅ ମିଶ୍ରିତ ଜଳରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଭିଷେକ କରାଯାଇଥିଲା। ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହଚ ତଳେ ଥିବା ପାଲିଙ୍କିରେ ବସି ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ପରେ ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କୀରଟି, ଶ୍ରୀପୟର, ଶ୍ରୀଭୁଜ ଆଦି ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ।

ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣର ଚକ୍ର, ରୁପାର ଶଙ୍ଖ, ବଳଭଦ୍ର ସୁବର୍ଣ୍ଣ ହଳମୂଷଳ ଧାରଣ କରିଥିଲେ। ସୁନାବେଶ ବଢ଼ିବା ପରେ ଯାତ୍ରାଙ୍ଗୀ ଭୋଗ ଶ୍ରୀଛାମୁକୁ ଆସିଥିଲା। ଏହି ସମୟରେ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରରୁ ଫେରି ଶ୍ରୀଅଙ୍ଗ ଲାଗି ହୋଇଥିଲେ। ଭୋଗ ସମୟରେ ସୁନାବେଶ ଥାଇ ଭିତରଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବା ବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ।

ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ପରେ ରାଜନୀତି ବନ୍ଦାପନା ହୋଇଥିଲା। ମୁଦିରସ୍ତ ସିଂହାସନ ଉପରକୁ ଉଠି ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଶ୍ରୀରଘୁନାଥ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବସି ବାହାର ଅଭିଷେକ ନିମନ୍ତେ ଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା।

ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ନୀତି ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ।

ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି

## ଜୋତା ପିନ୍ଧି ଶ୍ରୀମନ୍ଦିରକୁ ପଶିଗଲେ ଭକ୍ତ

ପୁରୀ, ୩।୧(ସମିସ): ଶ୍ରୀମନ୍ଦିର ସୁରକ୍ଷାରେ ପୁଣି ଏକ ବଡ଼ ତ୍ରୁଟି ପଦାକୁ ଆସିଛି। ଜଣେ ମହିଳା ଭକ୍ତ ଜୋତା ପିନ୍ଧି ମନ୍ଦିର ଭିତରକୁ ଚାଲିଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜୋତା ପିନ୍ଧି ମନ୍ଦିରକୁ ଯାଇଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ସୂଚନାନୁଯାୟୀ, ଶନିବାର ସକାଳେ ଜଣେ ପ୍ରତିହାରୀ ସେବକ ଶ୍ରୀମନ୍ଦିର ଭିତରୁ ହାତରେ ଜୋତା ଧରିବାହାରକୁ ଆସିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ଜଣେ ଶ୍ରଦ୍ଧାଳୁ ଜୋତା ପିନ୍ଧି ମନ୍ଦିରକୁ ପ୍ରବେଶ କରିଥିଲେ। ସେହି ଜୋତା ଭଅଣ୍ଡ ଘର ବା ଭୋଗମଣ୍ଡପ ଦ୍ୱାର ନିକଟରେ ରଖାଯାଇଥିବା ସେ ଦେଖିବାକୁ ପାଇଥିଲେ। ସେଠାରେ ଜୋତା ରହିଥିବା ଦେଖିବା ମାତ୍ରେ ହାତରେ ଧରି ବାହାରକୁ ଆଣିଛନ୍ତି। ସେ ସିଂହଦ୍ୱାରରେ ଥିବା ବେଳେ ଜଣେ ମହିଳା ଶ୍ରଦ୍ଧାଳୁ ତାଙ୍କ ପଛେପଛେ ଆସି ପହଞ୍ଚିଥିଲେ। ଏହି ଜୋତାଟି ତାଙ୍କ ନାନୀଙ୍କର ବୋଲି କହିଥିଲେ। ଗୁଜରାଟରୁ ଆସିଥିବା ଏହି ଭକ୍ତଙ୍କର ଗୋଡ଼ ଅପରେସନ୍ ହୋଇଛି। ସେ ଚାଲିବାକୁ ସକ୍ଷମ ନୁହନ୍ତି। ତେଣୁ ସମ୍ପର୍କୀୟମାନେ ତାଙ୍କୁ ହ୍ୱିଲ୍‌ଚେୟାରରେ ଆଣି ପତିତପାବନଙ୍କ ଦର୍ଶନ କରାଇଥିଲେ। ପରେ ସମ୍ପର୍କୀୟଙ୍କ ସହଯୋଗରେ ସେ ଜୋତା ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ସିଂହଦ୍ୱାରରେ ମାଳମାଳ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଏହି ବଳୟ ଭେଦ କରି ସେ କିପରି ଜୋତା ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କଲେ ଏବଂ କେହି ଜାଣିପାରିଲେ ନାହିଁ, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓସିଏସ୍ ପରୀକ୍ଷାରେ ଓଏଏସ୍, ଓଏଫ୍‌ଏସ୍, ଓଆରଏସ ପଦ ନ ରହିବା ପ୍ରସଙ୍ଗ

# ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି: ବିଜେଡି

ଭୁବନେଶ୍ୱର, ୩।୧(ସମିସ): ଓସିଏସ୍ ପରୀକ୍ଷା ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଓଏଏସ୍, ଓଏଫ୍‌ଏସ୍ ଏବଂ ଓଆର୍‌ଏସ୍ ପଦ ନ ରହିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି, ରାଜ୍ୟରେ ଏକ ଅପାରଗ ସରକାର ଚାଲିଛି। ତେଣୁ, ବାରମ୍ବାର ଏହିଭଳି ତ୍ରୁଟି ବିଚ୍ୟୁତି ନିୟମିତ ଭାବେ ଦେଖିବାକୁ ମିଳୁଛି।



ନବୀନ ସରକାରଙ୍କ ୨୪ ବର୍ଷର ଶାସନରେ ପ୍ରତିବର୍ଷ ଓଏଏସ୍, ଓଏଫ୍‌ଏସ୍ ଏବଂ ଓଆର୍‌ଏସ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଥିଲା। ପ୍ରଥମଥର ପାଇଁ ଏହି ପଦ ବିନା ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଅପାରଗପଣିଆ ଶିଖର ଛୁଇଁଲାଣି। ଗତ ୧୮ ମାସର ବିଜେପି ଶାସନରେ ୨୦ଟି ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଲାଣି। ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଜାତୀୟ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଚାକିରି ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି। ରାଜ୍ୟ ସରକାର ପରିସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ନିଜ ପିଠି ଥାପୁଡ଼ଉଛନ୍ତି। ସରକାର ରାଜ୍ୟର ମେଧାବୀ ଯୁବକମାନଙ୍କ ଭବିଷ୍ୟତ ସହ ନ ଖେଳିବାକୁ ଚିନ୍ମୟ ଚେତାବନୀ ଦେଇଛନ୍ତି। ଓଏଏସ୍, ଓଏଫ୍‌ଏସ୍ ଏବଂ ଓଆରଏସ୍ ପଦ ବାହାର ନ କରିବା ରାଜ୍ୟ ସରକାରଙ୍କ ବିଫଳତାକୁ ପଦାରେ ପକାଉଛି। ସାଧାରଣ ପ୍ରଶାସନ ବିଭାଗର ଏହି ବେପରୁଆ ମନୋଭାବ ପାଇଁ ଏବଂ ମୁଖ୍ୟମନ୍ତ୍ରୀ ଏହି ବିଭାଗର ଦାୟିତ୍ୱରେ ଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

ସେହିପରି ଇପ୍ସିତା କହିଛନ୍ତି, ତରବରିଆ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏକ ପ୍ରେସ୍ ବିବୃତ୍ତି ଜାରି କରାଯାଇ ନିଯୁକ୍ତି ପ୍ରକ୍ରିୟାରେ ଏହି ପଦଗୁଡ଼ିକୁ ସାମିଲ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ କ'ଣ ଏତେ ଅସହାୟ ଯେ ତାଙ୍କୁ ଏହି ପଦ ସାମିଲ କରିବା ଲାଗି ଅନୁରୋଧ କରିବାକୁ ପଡ଼ୁଛି ବୋଲି ଇପ୍ସିତା ପ୍ରଶ୍ନ କରିଛନ୍ତି। ସେହିପରି ବିଜେପି ସରକାର ୪୦ ହଜାର ନିଯୁକ୍ତି ଦେଇଥିବା କହୁଥିବା ବେଳେ ବାସ୍ତବରେ ପରୀକ୍ଷା ବିଭ୍ରାଟ ଉତ୍କଟ ହୋଇଛି। ୨୦ଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେବା ଦ୍ୱାରା ଆଶାୟୀଙ୍କ ମନୋବଳ ଭାଙ୍ଗିଯାଇଛି। ନବୀନ ସରକାରଙ୍କ ସମୟରେ ୧୭ ହଜାର ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ବିଜେପି ସରକାର କେବଳ ନିଯୁକ୍ତିପତ୍ର ବାଣ୍ଟି ବାହାସ୍ଫୋଟ ମାରୁଛି ବୋଲି ସେ କଟାକ୍ଷ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

## ଓସିଏସ୍ ପରୀକ୍ଷାରେ ସାମିଲ ହେଲା ଓଏଏସ୍, ଓଆରଏସ୍ ପଦ

ଭୁବନେଶ୍ୱର, ୩।୧ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ସଂଯୋଗ ହୋଇଛି ଓଡ଼ିଶା ପ୍ରାଶାସନିକ ସେବା (ଓଏଏସ୍) ପଦ। ଗତ ୩୧ ତାରିଖରେ ଓସିଏସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ତହିଁରେ ଗୋଟିଏ ମଧ୍ୟ ଓଏଏସ୍ ପଦ ନଥିଲା। ଏପରିକି, ଓଏଫ୍‌ଏସ୍ ଓ ଓଆରଏସ୍ ପଦ ବାହାରି ନଥିଲା। ଏହାକୁ ନେଇ ଆଶାୟୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଏସବୁ ପଦ ସମେତ ମୋଟ ୧୫୧ଟି ଅଧିକ ପଦ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ସରକାର ଅବଗତ କରିଛନ୍ତି। ଓପିଏସସିର ପୂର୍ବ ବିଜ୍ଞପ୍ତିରେ ସମୁଦାୟ ୩୧୪ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଓଡିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍), ଓଡ଼ିଶା ପରିବହନ ସେବା(ଓଟିଏସ୍) ଓ ଓଡ଼ିଶା ମଙ୍ଗଳ ସେବା(ଓଡବ୍ଲ୍ୟୁଏସ୍) ଆଦି କେତେକ କ୍ୟାଡର୍‌ରେ ଆଦୌ ପଦ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହାର ସମୀକ୍ଷା କରିବା ସହ ଖାଲି ପଦ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଭାବେ ୧୪ଟି ଓଏଏସ୍, ୧୧୩ଟି ଓଆରଏସ୍, ୧୬ଟି ଓଟିଏସ୍ ଓ ୮ଟି ଓଡବ୍ଲ୍ୟୁଏସ୍ ପଦ ପୂରଣ ହେବ। ଅଧିକ ୧୫୧ଟି ପଦ ପୂରଣ କରିବା ପାଇଁ ଓପିଏସ୍‌ସିକୁ ସରକାର ଅନୁରୋଧ କରିଛନ୍ତି। ଅର୍ଥାତ ସମୁଦାୟ ୪୬୫ଟି ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯିବ।

**୧୫୧ଟି ନୂତନ ପଦ ପୂରଣ ପାଇଁ ଓପିଏସସିକୁ ଅନୁରୋଧ କଲେ ସରକାର**

## ସିସିଟିଭିରେ କଳା ବୋଲି ଗହଣା ଦୋକାନରୁ ଲୁଟ୍

ବାରିପଦା, ୩।୧ (ସମିସ): ବାରିପଦା ସହରର ତକତପୁର ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଗହଣା ଦୋକାନର ସଟର ଭାଙ୍ଗି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଶୀତୁଆ ରାତିରେ ନିର୍ଜନତାର ସୁଯୋଗ ନେଇ ରାସ୍ତା କଡ଼ରେ ଥିବା ମହାପାତ୍ର ଜୁଏଲର୍ସ ଦୋକାନ ସଟର୍ ତାଡ଼ି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିଛନ୍ତି ଦୁର୍ବୃତ୍ତ। ଏନେଇ ମାଲିକ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପ୍ରତିଦିନ ଭଳି ଶୁକ୍ରବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳୁ ଦୋକାନ ଖୋଲିବାକୁ ଯିବା ବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୋକାନ ଆଗରେ ଥିବା ସିସିଟିଭି ଓ ଲାଇଟ୍ ଉପରେ କଳା ବୋଲି ଦୁର୍ବୃତ୍ତମାନେ ତାଙ୍କ ଦୋକାନରୁ ଲୁଟ୍ କରିଥିବା ଜଣାଯାଇଛି। ଅଭିଯୋଗ ପାଇ ପୁଲିସ ପହଞ୍ଚି ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଜାରି ରଖିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଚୋର ବା ଲୁଟ ଗହଣା ସମ୍ବନ୍ଧରେ ସୂଚନା ମିଳିନାହିଁ।

## ବଢ଼ିବ ବ୍ରହ୍ମପୁର, ଭୁବନେଶ୍ୱର ମହାନଗର ନିଗମର ପରିସୀମା

ଭୁବନେଶ୍ୱର,୩।୧(ସମିସ): ବଢ଼ିବ ରାଜ୍ୟର ଦୁଇ ମହାନଗର ନିଗମର ପରିସୀମା। ଭୁବନେଶ୍ୱର ମହାନଗର ନିଗମ ଏବଂ ବ୍ରହ୍ମପୁର ମହାନଗର ନିଗମରେ ଯୋଡ଼ିହେବେ ଏହାର ସୀମାବର୍ତ୍ତି ଗ୍ରାମ। ଏହାସହ ୱାର୍ଡ ସଂଖ୍ୟାରେ ବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମରେ ୨୬ଟି ଏବଂ ବ୍ରହ୍ମପୁର ମହାନଗର ନିଗମରେ ୩୪ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବାର ପ୍ରସ୍ତାବ ରହିଛି। ଏ ସଂପର୍କରେ ସୂଚନା ଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଭୁବନେଶ୍ୱର ସହରକୁ ସବୁଜସୁନ୍ଦର ଓ ନାଗରିକକୈନ୍ଦ୍ରିକ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପରିମଳ, ଆଲୋକୀକରଣ, ଜଳଯୋଗାଣ, ସଫେଇ କାର୍ଯ୍ୟ ଆଦି ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ବୌଦ୍ଧଗଡ, ଆସ୍କା, ଭଞ୍ଜନଗର, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ଓ କରଞ୍ଜିଆ ଆଦି ୭ଟି ଅଞ୍ଚଳକୁ ନୂତନ ପୌରପାଳିକା ଭାବେ ଘୋଷଣା କରାଯାଇଛି। ୩୧ ଡିସେମ୍ବର ୨୦୨୫ରେ ନୂଆ ୪ଟି ଏନ୍‌ଏସିକୁ ମିଶାଇ ସମୁଦାୟ ୨୮ଟି ଏନ୍‌ଏସି ମାନ୍ୟତା ପାଇଛି। ଏହି ସବୁ ଏନ୍‌ଏସିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୋଜନା କରାଯାଉଛି। ଏଥିପାଇଁ ୬କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏଥିସହ ପ୍ରତି ଏନ୍‌ଏସିକୁ ପରିମଳ, ଆଲୋକୀକରଣ ଏବଂ ସଫେଇ କାର୍ଯ୍ୟ ପାଇଁ ଦେଢ଼କୋଟି ଟଙ୍କା ଲେଖାଏଁ ଅର୍ଥରାଶି ମଞ୍ଜୁର କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ଖାରବେଳ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ସରକାର ପୁରୀକୁ ଷଷ୍ଠ ମହାନଗର ନିଗମ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ପୁରୀ ସହରର ଭିତ୍ତିଭୂମି ବିକାଶ ପାଇଁ ଅଧିକ ପାଣ୍ଠି ମିଳିବ ଏବଂ ପରିମଳ ଓ ଅନ୍ୟାନ୍ୟ ସେବାରେ ଉନ୍ନତି ଆସିବ। ପୁରୀର ଟାଉନ୍ ପ୍ଲାନିଂ ସ୍କିମକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ପୁରୀ, କଟକ ଓ ପାରାଦ୍ୱୀପକୁ ବୃହତ ଅର୍ଥନୈତିକ ଅଞ୍ଚଳରେ ପରିଣତ କରିବାକୁ ପରିକଳ୍ପନା କରାଯାଇଛି ବୋଲି ସେ ଦୋହରାଇଥିଲେ।

## ବ୍ରାଉନସୁଗର ମାଫିଆକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର,୩।୧ (ସମିସ): ବରମୁଣ୍ଡାରୁ ୩ କୋଟି ଟଙ୍କାର ବ୍ରାଉନସୁଗର ଜବତ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡିସନାଲ୍ ସେସନ୍ସ ଜଜ୍-୩ର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଏହି ମାମଲାର ବିଚାରକରି ନିଶା ମାଫିଆ ଏସକେ ସସିମ୍ ବକ୍ସକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ସୂଚନା ଅନୁସାରେ, ୨୦୨୦ ମସିହା ଅକ୍ଟୋବର ୩୦ ତାରିଖ ଦିନ ହସିମ୍ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଭୁବନେଶ୍ୱର ଆସିଥିଲା। ବରମୁଣ୍ଡା ରାଜ୍ ଇଲେକ୍ଟ୍ରୋନିକ ପାଖରେ ଡେଲିଭେରୀ କରିବାକୁ ଅପେକ୍ଷା କରିଥିବା ବେଳେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ଇନ୍ସପେକ୍ଟର ଜଗନ୍ନାଥ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ସେଠାରୁ ହସିମକୁ ଗିରଫ କରିବା ସହ ୧ କିଲୋ ୧୭୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଇନ୍ସପେକ୍ଟର ଶ୍ରୀ ସାହୁଙ୍କ ଅଭିଯୋଗ ଆଧାରରେ ଏସଟିଏଫ୍ କେସ୍ ନଂ - ୨୭/୨୦ ରେ ଦଫା ୨୧(ସି) ଓ ୨୯ ଏନଡିପିଏସ୍ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ତତ୍କାଳୀନ ଇନ୍ସପେକ୍ଟର ତଥା ବର୍ତ୍ତମାନର ଡିଏସପି ସୁନୀତା ପ୍ରଧାନ ଅଭିଯୁକ୍ତ ହସିମକୁ କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସଂପୃକ୍ତ ୧୦ ଜଣ ସାକ୍ଷୀ, ୪୨ଟି ଦସ୍ତାବିଜ ଓ ୯ଟି ଏମ୍‌ଓ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ହସିମକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୨୦ ବର୍ଷ ସଜା ଶୁଣାଇବା ସହ ଦୋଷୀ ସାବ୍ୟସ୍ତ ହୋଇଥିଲା ପ୍ରତ୍ୟକ ଦଫାରେ ଏକ ଲକ୍ଷ ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ଦୁଇ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

ଜିଲ୍ଲାସ୍ତରୀୟ ଅମଲା କ୍ୟାଡରର ହେବ ପୁନର୍ଗଠନ

# ୨ ମାସ ମଧ୍ୟରେ ସରିବ ପ୍ରକ୍ରିୟା

ଭୁବନେଶ୍ୱର,୩।୧(ସମିସ): ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗ ଅଧିନରେ କାର୍ଯ୍ୟରତ ଅମଲାମାନଙ୍କର କ୍ୟାଡାର ପୁନର୍ଗଠନ ହେବ। ଏଥିପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରପଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏହି କ୍ୟାଡର ପୁନର୍ଗଠନ ପ୍ରକ୍ରିୟା ୨ ମାସ ମଧ୍ୟରେ ସାରିବାକୁ କୁହାଯାଇଛି। ଅପରପକ୍ଷେ ଯେଉଁ ବିଭାଗ ଏଯାବତ୍ କ୍ୟାଡର ପୁନର୍ଗଠନ କରିନାହାନ୍ତି, ସେହି ବିଭାଗର କର୍ମଚାରୀମାନେ ମଧ୍ୟ ପଦୋନ୍ନତି ପାଇଁ ବିବେଚିତ ହେବେ। ପୁନର୍ଗଠିତ କ୍ୟାଡର ନିୟମାବଳୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦୋନ୍ନତି କମିଟି(ଡିପିସି)ର ସୁପାରିଶ ଆଧାରରେ ଜିଲ୍ଲା ସ୍ତରୀୟ ଅମଲା କ୍ୟାଡର ନିୟମାବଳୀ, ୨୦୧୯କୁ ଭିତ୍ତିକରି କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ସମ୍ପାଦିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଅମଲାମାନଙ୍କର ପଦବୀ ପୁନର୍ଗଠନ ପାଇଁ ରାଜ୍ୟ ସରକାର ୨୦୨୪ ମସିହା ମାର୍ଚ୍ଚ ୧୫ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଦୀର୍ଘ ଦିନ ଧରି ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା। ଯଦ୍ୱାରା ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲାମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିଥିବା ବେଳେ ଇତିମଧ୍ୟରେ ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ୍ୟ ଗ୍ରହଣ କରି ସାରିଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଏହି ବିଷୟରେ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜସ୍ୱ ମନ୍ତ୍ରୀ ଏହି ଦାବିକୁ ବିଚାରକୁ ନେଇ ନୂଆ କ୍ୟାଡର ପୁନର୍ଗଠନ ହେବା ଯାଏଁ ପୁରୁଣା କ୍ୟାଡର ଆଧାରରେ ଯୋଗ୍ୟ କର୍ମଚାରୀଙ୍କ ପଦୋନ୍ନତି ପାଇଁ ସାଧାରଣ ପ୍ରଶାସନ ବିଭାଗ ସହ ଆଲୋଚନା କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ପ୍ରଦାନ କରିବେ। ପରେ ଗତ ଡିସେମ୍ବର ୧୨ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକର ଆୟୋଜନ ହୋଇଥିଲା। ବୈଠକରେ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀଙ୍କ ସହ ଅମଲା ସଂଘ ନେତୃବୃନ୍ଦ ଉପସ୍ଥିତ ରହି ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ଜିଲ ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ବିଶଷକରି ଗତ ଅଗଷ୍ଟ ୧୧ରୁ ୨୫ ତାରିଖ ମଧ୍ୟରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା। ଏହି ବୈଠକ ପରେ ଗତ ଶୁକ୍ରବାର କ୍ୟାଡର ପୁନର୍ଗଠନ ସହ ସ୍ଥଗିତ ଥିବା ଦରମା ଏବଂ ଦୀର୍ଘ ଦିନ ସ୍ଥଗିତ ଥିବା ଅମଲାମାନଙ୍କର ପଦୋନ୍ନତିକୁ ବିଚାରକୁ ନେବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ୧ଠାରେ ନିର୍ଦ୍ଦେଶ ଦିଆଯାଇଛି। ସରକାର ଦାବିକୁ ଗ୍ରହଣ କରିଥିବାରୁ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଏବଂ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କୃତଜ୍ଞତା ଜଣାଇଛନ୍ତି।

- **କ୍ୟାଡର ପୁନର୍ଗଠନ ନହେବା ଯାଏଁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ କର୍ମଚାରୀ**
- **ପୁରୁଣା ନିୟମ ଆଧାରରେ ହେବ ପଦୋନ୍ନତି, ସରକାରଙ୍କୁ ଧନ୍ୟବାଦ ଜଣାଇଲା ରାଜସ୍ୱ ଅମଲା ସଂଘ**



ପୌଷ ପୂର୍ଣ୍ଣମୀରେ 'ସୁପର୍ ମୁନ୍'


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-189 ♦SUNDAY ♦4 JANUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୧୮୯ ♦ରବିବାର ♦୪ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୁରା ସହ)


# ବେଆଇନ ପଥର ଖଣିରେ ବିସ୍ଫୋରଣ; ୪ ମୃତ

■ ଢେଙ୍କାନାଳ, ୩।୧ (ସମିସ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ନିକଟ ଏକ ବେଆଇନ କଳାମୁଗୁନି ପଥର ଖଣିରେ ବିସ୍ଫୋରଣ ଘଟି ୪ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ମୃତାହତମାନଙ୍କ ପରିଚୟ ମିଳିନାହିଁ। ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବିନା ଅନୁମତିରେ ଏହି ବ୍ଲାଷ୍ଟିଂ କରାଯାଇଥିବା ସୂଚନା ମିଳିଛି।

ନିମିଧା ଗ୍ରାମ ନିକଟରେ ମାନସ ରାଉତ ନାମକ ଜଣେ ମୁଷ୍ଟିମେୟ ବ୍ୟକ୍ତିଙ୍କ ବେଆଇନ ଖଣିରେ ଶନିବାର ଅପରାହ୍ନ ୪ଟାରେ ପ୍ରାୟ ୨୦ ଶ୍ରମିକ କାର୍ଯ୍ୟରତ ଥିଲେ। ଏହି ସମୟରେ ଡିନାମାଇଟ ବିସ୍ଫୋରଣ କରାଯାଇଥିଲା। ଫଳରେ ବଡ଼ ବଡ଼ ପଥର ଖଣ୍ଡ କାର୍ଯ୍ୟରତ ଶ୍ରମିକମାନଙ୍କ ଉପରେ ପଡ଼ିଥିଲା। ପଥର ତଳେ ଚାପିହୋଇ ବହୁ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ କେତେକ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ବେଆଇନ ଖଣିକୁ ଗତ ଅଗଷ୍ଟ ମାସରୁ ପ୍ରଦୂଷଣ ବିଭାଗ କ୍ଲୋଜର ନୋଟିସ ଜାରି କରିଥିବା ବେଳେ ଖଣି ମାଲିକ କେତେକ ଅସାଧୁ କର୍ମଚାରୀଙ୍କୁ ହାତବାରିସ କରି ଏହି ଖଣିକୁ ବେଆଇନ ଭାବେ ଚଳାଉଥିବାର ଖବର ହସ୍ତଗତ ହୋଇଛି। ସେହିପରି ଖଣି ନିକଟରେ ଥିବା ଏକ ଜଳାଶୟକୁ ଖଣି ମାଲିକ ଆବଧ କରି ଏହି ଜଳକୁ ନିଜ ଖଣିରେ ବ୍ୟବହାର କରୁଥିବାର ଜଣାପଡିଛି। ଓଡାପଡା, ହିନ୍ଦୋଳ ତହସିଲ ଅଞ୍ଚଳରେ ୪୦୦ ରୁ ଉଦ୍ଧ୍ୱର୍ ବେଆଇନ ଖଣି ଚାଲୁଥିଲେ ମଧ୍ୟ ପ୍ରଶାସନ କିପରି ଏହା ଜାଣିପାରିଲା ନାହିଁ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣି ମାଫିଆ ମାନଙ୍କୁ ଜିଲ୍ଲା ଖଣି ଅଧିକାରୀ ଅହେତୁକ ଅନୁକମ୍ପା ସହିତ କୋଟି କୋଟି ଟଙ୍କା ଆଦୟ କରି ଖଣି ଲୁଟ ପାଇଁ ଅନୁମତି ଦେଉଥିବାର ଅଭିଯୋଗ ହୋଇଛି। ମୃତ ଶ୍ରମିକମାନଙ୍କର କୌଣସି ପରିଚୟ ମିଳିନଥିବା ବେଳେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର



## ୬ ଗୁରୁତର; ପ୍ରଶାସନ, ପୁଲିସର ତଦନ୍ତ ଜାରି

ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏହି ବେଆଇନଖଣିରେ ଅନ୍ଧାର କାରଣରୁ କେତେଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି ଏହାର ସବିଶେଷ ତଥ୍ୟ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ।

ଢେଙ୍କାନାଳ ଜିଲ୍ଲାରେ ଖଣି ଖାଦାନ ଲୁଟ ନେଇ ରୋଜାଲିନ ପୃଷ୍ଟି ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିଥିଲେ। ଏହାକୁ ନେଇ ତାଳଚେର ଖଣି ବିଭାଗ ଡେପୁଟି ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ ଜିଲ୍ଲାରେ ୨୭ଜଣଙ୍କ ବ୍ଲାଷ୍ଟିଂ ଅନୁମତି ରହିଥିବା ବେଳେ ମାତ୍ର ଜଣକୁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ୧୭ଜଣଙ୍କ ଆବେଦନ ଜିଲ୍ଲାପାଳଙ୍କ ନିକଟରେ ରହିଛି। ଲିଜ ଧାରୀ ମାନଙ୍କ ମଧ୍ୟରୁ ୧୯ଜଣଙ୍କୁ ଟ୍ରାନଜିଟ ପାସ ଦିଆଯାଇଥିବା ବେଳେ ନିହଲପ୍ରସାଦ ମେଟାଲକ୍ୱାରୀ,ନହଡା ରୋଡ ମେଟାଲ କ୍ୱାରୀ,ଟୋଲରପଶି ଖରି ଲିଜଧାରୀମାନଙ୍କ ନିକଟରେ ବିସ୍ଫୋରକ ଷ୍ଟୋରେଜ ଅନୁମତି ରହିଛି ଓ ଅନ୍ୟମାନଙ୍କର ଆବେଦନ ବିଚାରାଧିନ ରହିଛି। ସବିଶେଷ ତଥ୍ୟ ମଇ ୩ ତାରିଖ ଅନୁସାରେ୨୬ଟି କ୍ୱାରି ପାଇଁ ଖଣି ଅଧିକାରୀ ନିଜର ଆଇନକୁ ଉଲଙ୍ଘନ କରି କୋଟି କୋଟି ଟଙ୍କା ଆଦାୟ କରିଛନ୍ତି।ଏହାର ତଦନ୍ତ ସହିତ ତାଙ୍କ ବିରୁଦ୍ଧରେ ତଦନ୍ତ କରିବାକୁ ଦାବୀ ହୋଇଛି। ପ୍ରତିଦିନ ସକାଳ ଠାରୁ ବିଳମ୍ବିତ ରାତି ଯାଏ ପ୍ରଚଣ୍ଡ ଶବ୍ଦକାରୀ ଡାଇନାମାଇଟ ବିସ୍ଫୋରଣ କରି ପଥର ଫଟାଇବାଚାଲିଛି। ପ୍ରଚଣ୍ଡ ଶବ୍ଦରେ ଘର ଦ୍ୱାର ଦୋହଲି ଯାଉଥିବା ବେଳେ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁ ମାନେ ବି ଜଙ୍ଗଲ ପାଖ ମାଡୁନଥିବାର ଦେଖିବାକୁ ମିଳିଛି। ପଥର ଖଣି ଗୁଡିକର ଗଭୀରତା ୫୦ଫୁଟରୁ ୧୦ ଫୁଟ ହୋଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏକ ତଥ୍ୟରୁ ଜଣାପଡିଛି ଯେ ଶହ ଶହ ଖଣି ବେଆଇନ ଭାବରେ ଚାଲିଛି। କଳା ମୁଗୁନି ପଥରପାଇଁ ୨ଶହଫୁଟରୁ ଅଧିକ ଖୋଳି ବିପଦ ପୂର୍ଣ୍ଣର୍ ଭାବରେ ଉତ୍ତୋଳନ କରାଯାଉଛି। ଖଣିରେ ବ୍ୟବହାର କରୁଥିବା ରାସାୟନିକ ବିସ୍ଫୋରଣ ଫୁଟାଇ ପଥର ବାହାର କରିବା ଫଳରେ ଭୂତଳ ଜଳ ପ୍ରଦୂଷିତ ହେଉଛି। ଏହାସହ ପ୍ରତିବର୍ଷ ଅଞ୍ଚଳରୁ ୧୦/୧୫ ଟି ଜୀବ ଜନ୍ତୁଙ୍କ ସହ ମଣିଷ ବଡ ବଡ ଗାତରେ ପଡ଼ି ମୃତାହତ ହେଉଥିଲେ ମଧ୍ୟ ପ୍ରଶାସନ ତାର ଟେର ପାଉନାହିଁ। ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଧରି ଏହି କାମ ଚାଲିଥିବାର ଜଣାପଡିଛି। ବଡ ବଡ ଟ୍ରକ, ମେସିନ ଲଗାଇ ଖୁଲମଖୁଲା ବିନା ଭୟରେ ବିନା କାଗଜ ପତ୍ରରେ ଖଣି ଏଠାରେ ଚାଲିଥିଲେ ମଧ୍ୟ ପ୍ରଶାସନ ଏଠାରେ ନିଦାବିଷ୍ଟ ସାଜିଛି।

## 'ନିଶା-ସନ୍ତ୍ରାସ' ଅଭିଯୋଗରେ ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ

# ଟ୍ରମ୍ପ ସେନା କବଜାରେ ରାଷ୍ଟ୍ରପତି ନିକୋଲାସ

■ ୱାସିଂଟନ, ୩।୧ (ଏଜେନ୍ସି): ନୂଆବର୍ଷରେ ଭେନେଜୁଏଲା ଉପରେ ଆକ୍ରମଣ କରି ତାଙ୍କର ସାମରିକ ଅଭିଯାନ ଆରମ୍ଭ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଦ୍ୱିତୀୟ ଥର କ୍ଷମତାସୀନ ହେବାପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିବା ଟ୍ରମ୍ପ ଆଜି ଆକ୍ରମଣ କରି ନିଜର ଲକ୍ଷ୍ୟ ହାସଲ କରିଥିବା ଦାବି କରିଛନ୍ତି। ଆକ୍ରମଣ କରିବା ପରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଡୁରୋ ଏବଂ ତାଙ୍କ ପତ୍ନୀଙ୍କୁ ନିଜ କବଜାର ରଖିଛନ୍ତି ଆମେରିକା ସେନା। ତେବେ ନିକୋଲାସ ଦଂପତିଙ୍କୁ କେଉଁଠି ରଖାଯାଇଛି, ତାହା ଜଣାପଡ଼ିନାହିଁ। ଆମେରିକାର ଏଭଳି ଆକ୍ରମଣର ତୀବ୍ର ନିନ୍ଦା କରିଛି ଭେନେଜୁଏଲା ଏବଂ ଅଭିଯୋଗ କରିଛି ଯେ ଜାତିସଂଘର ସମସ୍ତ



ନୀତିନିୟମର ଉଲ୍ଲଙ୍ଘନ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ରୁଷ ମଧ୍ୟ ଏହାର ବିରୋଧ କରିବା ସହିତ ଜାତିସଂଘ ସୁରକ୍ଷା ପରିଷଦର ତୁରନ୍ତ ବୈଠକ ଡାକିବା ଲାଗି ଦାବି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ସମୟରେ ଆମେରିକାର ଯୁଦ୍ଧ ବିମାନ ଭେନେଜୁଏଲା ଉପରେ ଅଚାନକ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ। ରାଜଧାନୀ କାରାକାସ ସମେତ ଦେଶର ବିଭିନ୍ନ ସାମରିକ ଓ ବେସାମରିକ ପ୍ରତିଷ୍ଠାନ ଉପରେ ପ୍ରଚଣ୍ଡ ବୋମାମାଡ଼ କରିଥିଲେ। ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳ ପ୍ରଚଣ୍ଡ ବିସ୍ଫୋରଣରେ ଥରି ଉଠିଥିଲା। ବିସ୍ଫୋରଣ ସହିତ ନିଆଁ ଓ ଧୂଆଁ ଯୋଗୁଁ ସମଗ୍ର ଅଞ୍ଚଳରେ ଆତଙ୍କଜନିତ ସ୍ଥିତି ସୃଷ୍ଟି

### ରାଷ୍ଟ୍ରପତି ଭବନରୁ ଦମ୍ପତିଙ୍କୁ ଉଠାଇଆଣିଲେ

### ରୁଷର ତୀବ୍ର ପ୍ରତିବାଦ

### ଦାବିକଲା ଜାତିସଂଘ ନିରାପତ୍ତା ପରିଷଦର ଜରୁରୀ ବୈଠକ

ହୋଇଥିଲା। ଲୋକମାନେ ବିଛଣାରୁ ଉଠି ପ୍ରାଣବିକଳରେ ଏଣେତେଣେ ଦୌଡୁଥିବାର ଦେଖାଯାଇଥିଲା। ଆକାଶମାର୍ଗରୁ ଯୁଦ୍ଧ ବିମାନ ବୋମା ବର୍ଷା କରୁଥିବା ବେଳେ ଆମେରିକାର ସ୍ଥଳ ସେନା (ଡେଲଟା ଫୋର୍ସ) ରାଜଧାନୀରେ ପଶି ଅପରେସନ ଆରମ୍ଭ କରିଥିଲେ। ସେମାନେ ରାଷ୍ଟ୍ରପତି ଭବନରେ ପଶି ରାଷ୍ଟ୍ରପତି ନିକୋଲାସ ଏବଂ ତାଙ୍କ ପତ୍ନୀଙ୍କୁ ଧରିଥିଲେ। ତେବେ କିଛି ଘଣ୍ଟା ମଧ୍ୟରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାରେ ମୃତାହତ ସଂପର୍କରେ କିଛି କୁହାଯାଇ ନାହିଁ। ଆଉ ଏକ ସୂତ୍ରରୁ ପ୍ରକାଶ ଯେ ରାଷ୍ଟ୍ରପତି ନିକୋଲାସ ବଙ୍କର ଭିତରେ ଲୁଚିଥିବା ବେଳେ ଆମେରିକାର ସେନା ତାଙ୍କୁ ଧରିଥିଲେ। ଆମେରିକା ସେନା ନିକୋଲାସ ଦଂପତିଙ୍କୁ ▶ପୃଷ୍ଠା-୭

# ମହିଳା ବିଡିଓଙ୍କୁ ବିଜେପି କର୍ମୀଙ୍କ ସଙ୍ଘବଦ୍ଧ ଆକ୍ରମଣ



■ ରାଜନଗର, ୩।୧ (ସମିସ): ରାଜନଗର ବ୍ଲକ କାର୍ଯ୍ୟାଳୟରେ ମହିଳା ବିଡିଓଙ୍କୁ ସଙ୍ଘବଦ୍ଧ ଭାବେ ଘେରିବା ସହ ଲାପଟପ ଉଠାଇ ତାଙ୍କୁ ମାରିବାକୁ ଉଦ୍ୟମ କରାଯାଇଛି। ଖୋଦ୍ ବିଜେପି ନେତା ତଥା ବିଜେପିର ସ୍ଥାନୀୟ ବିଧାୟକ ପାର୍ଥୀ ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକମାନେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଛନ୍ତି। ବିଜେପି ନେତାଙ୍କ ଦାଦାଗିରିର ଭିଡିଓ ଭାଇରାଲ ହେବା ପରେ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବ୍ଲକର ସମିତି ସଭ୍ୟ ଓ ସରପଞ୍ଚମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିବା ବେଳେ ବିଜେଡି ସମର୍ଥକମାନେ ପ୍ରତିବାଦ ଶୋଭାଯାତ୍ରା ▶ପୃଷ୍ଠା-୭

### ଲାପ୍‌ଟପ୍ ଉଠାଇ ମାରିବାକୁ ଉଦ୍ୟମ

### ବ୍ଲକରେ ତାଲା ପକାଇ ଧାରଣାରେ ବସିଲେ ସମିତି ସଭ୍ୟ, ସରପଞ୍ଚ

### ହଂସୁଆ ସେତୁ ନିକଟରେ ରାସ୍ତା ଅବରୋଧ


### ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

# ଘର ସିଲ୍; ୧୨୭୫ ବସ୍ତା ଝାଡ଼ଖଣ୍ଡ ଧାନ ଜବତ



■ ରାଇରଙ୍ଗପୁର, ୩।୧ (ସମିସ): ଓଡ଼ିଶାକୁ ଲୁଚାଛପାରେ ଆସିଥିବା ୧୨୭୫ ବସ୍ତା ଝାଡ଼ଖଣ୍ଡ ଧାନବସ୍ତାକୁ ଆଜି ଜିଲ୍ଲା ପ୍ରଶାସନ ଜବତ କରିଛି। ଝାଡ଼ଖଣ୍ଡ ଅପେକ୍ଷା ଓଡ଼ିଶାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଅଧିକ ଥିବାରୁ କିଛି ଦଲାଲ ଟନ୍‌ଟନ୍ ଧାନବସ୍ତା ଓଡ଼ିଶାକୁ ଆଣି ଲୁଚାଇ ରଖିଥିଲେ। ଏ ସଂପର୍କରେ ଗତକାଲି 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଆଜି ପ୍ରଶାସନର ଏକ ମିଳିତ ଟିମ୍ ମୟୂରଭଞ୍ଜ-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଜାମଦା ବ୍ଲକ୍ ଅନ୍ତର୍ଗତ ବଡ଼ଦୁହୁ ଲ୍ୟାମ୍ପ ନିକଟସ୍ଥ ଦୁଇଟି ବନ୍ଦ ଘରେ ଚଢ଼ଉ କରି ଏହି ଧାନବସ୍ତା ଜବତ କରିଛି।

ଅପରପକ୍ଷେ, ଗୋଟିଏ ସ୍ଥାନରୁ ଏତେ ପରିମାଣର ଧାନବସ୍ତା ଜବତ ହେବା ପରେ ସାଧାରଣରେ ସନ୍ଦେହ ଆହୁରି ଘନୀଭୂତ ହୋଇଛି। ଝାଡ଼ଖଣ୍ଡ ଦଲାଲମାନେ ଏପରି ଆହୁରି ଧାନବସ୍ତା ଓଡ଼ିଶାକୁ ଆଣି ଏପରି ଗୋଲକଧନ୍ଦା କରୁଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏହାକୁ ନେଇ ଚାଷୀମହଲରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶା ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏବଂ ଯେପରି


ସକାଳ
ଓଡ଼ିଶାରେ ଟନ୍‌ଟନ୍ ଝାଡ଼ଖଣ୍ଡ ଧାନ

ବାହାର ରାଜ୍ୟର ଧାନ ଓଡ଼ିଶା ମଣ୍ଡିରେ ବିକ୍ରି ନହୁଏ, ସେଥିପାଇଁ ସରକାର ସୀମାନ୍ତରେ ସିସିଟିଭି ଲଗାଇଥିବା କହି ଡିଣ୍ଡିମ ପିଟୁଥିବା ବେଳେ ଏହି ଘଟଣା, ସରକାର ଓ ପ୍ରଶାସନର ଅପାରଗତାକୁ ପଦାରେ ପକାଇ ଦେଇଥିବା ଚାଷୀ କହିଛି। ସରକାର ଲଗାଇଥିବା ସିସିଟିଭି କୋଉ କାମକୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସୂଚନାନୁଯାୟୀ, ଅଧିକ ଏମ୍ଏସ୍‌ପି ▶ପୃଷ୍ଠା-୭

## ସୁକୁମାରେ ଏନ୍‌କାଉଣ୍ଟର

# ଯବାନଙ୍କ ଗୁଳିରେ ଟଳିଲେ ୧୪ ମାଓବାଦୀ

■ ମାଲକାନଗିରି, ୩।୧ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ନୂଆବର୍ଷ ଆରମ୍ଭରୁ ମାଓ ସଂଗଠନକୁ ଏକ ଶକ୍ତ ଧକ୍କା ଲାଗିଛି। ଜିଲ୍ଲାର କୋଣ୍ଟା ଏବଂ କିଷ୍ଟାରାମ ଜଙ୍ଗଲରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ୧୪ ମାଓବାଦୀ ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ କୋଣ୍ଟା ଏରିଆ କମିଟିର ଡିଭିସିଏମ୍ ସଦସ୍ୟ ସଚିନ ମଙ୍ଗୁଡୁଙ୍କ ସମେତ ବହୁ କୁଖ୍ୟାତ ମାଓବାଦୀ ରହିଛନ୍ତି। ଏହାସହ ଘଟଣାସ୍ଥଳରୁ ଏକେ-୪୭, ଇନ୍‌ସାସ୍ ରାଇଫଲ୍ ଭଳି ବହୁ ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହୋଇଛି। ସଂପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଛି ବୋଲି ସୁକୁମା ଏସ୍‌ପି କିରଣ ଚୌହାନ କହିଛନ୍ତି।

ସୂଚନାନୁଯାୟୀ, କିଷ୍ଟାରାମ ଓ କୋଣ୍ଟା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ବିଶେଷସୂତ୍ରରୁ ଯବାନଙ୍କୁ ଖବର ମିଳିଥିଲା। ମାଓବାଦୀମାନେ ବ୍ୟବହାର କରୁଥିବା



ମୋବାଇଲକୁ ଟ୍ରାକ୍ କରି ସୁରକ୍ଷା କର୍ମୀଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ କରାଯାଇଥିଲା। ଡିଆରଜି, ସିଆରପିଏଫ୍ ଯବାନଙ୍କ ସହ ସ୍ଥାନୀୟ ପୁଲିସ ପକ୍ଷରୁ କୋଣ୍ଟା ଜଙ୍ଗଲରେ ଗତରାତିରୁ ତଲାସି ଅଭିଯାନ ଜାରି ରହିଥିଲା। ଆଜି ସକାଳେ ▶ପୃଷ୍ଠା-୭

## ତେଲଙ୍ଗାନାରେ ୨୦ ମାଓବାଦୀଙ୍କ ଆତ୍ମସମର୍ପଣ

■ ହାଇଦରାବାଦ, ୩।୧ (ଏଜେନ୍ସି): ଦେଶରେ ମାଓଗଡ଼ ଭୁଶୁଡିବାରେ ଲାଗିଛି। କେତେକ ସ୍ଥାନରେ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରୁଥିବାବେଳେ ଆଉ କେଉଁଠାରେ ଆତ୍ମସମର୍ପଣ କରୁଛନ୍ତି। ସଦ୍ୟତମ ଘଟଣା ଭାବେ ହାଇଦରାବାଦ୍‌ରେ ଶନିବାର ୨୦ ଜଣ ହାର୍ଡକୋର ମାଓବାଦୀ ତେଲଙ୍ଗାନା ପୁଲିସ ମହାନିର୍ଦ୍ଦେଶକ ଶିବଧର ରେଡ୍ଡୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ନିଷିଦ୍ଧ ସିପିଆଇ ମାଓବାଦୀ ପିପୁଲ୍ସ ଲିବରେସନ ଗରିଲା ଆର୍ମି (ପିଏଲ୍‌ଜିଏ) ବାଟାଲିଅନ କମାଣ୍ଡର ସାମିଲ ଅଛନ୍ତି। ▶ପୃଷ୍ଠା-୭

## ତାମିଲନାଡୁ ଆଣିଲା 'ଆସ୍ୟୋର୍ଡ ପେନ୍‌ସନ ସ୍କିମ୍'

# ମିଳିବ ୫୦% ପେନ୍‌ସନ୍

■ ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ତାମିଲନାଡୁ ସରକାର 'ଆସ୍ୟୋର୍ଡ ପେନ୍‌ସନ ସ୍କିମ' ତଥା ଟିଏନଏପିଏସ ଆଣିଛନ୍ତି। ଏହି ଯୋଜନାରେ କର୍ମଚାରୀଙ୍କ ୫୦ ପ୍ରତିଶତ ପେନ୍‌ସେନକୁ ସୁନିଶ୍ଚିତ କରାଯାଇଛି। ଲକ୍ଷ ଲକ୍ଷ ସରକାରୀ କର୍ମଚାରୀଙ୍କ ଅନିଶ୍ଚିତତାକୁ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏହି ପଦକ୍ଷେପ ନେଇଛନ୍ତି। ୨୦୦୩ ପରଠାରୁ ପୁରୁଣା ପେନସେନ ଯୋଜନା (ଓପିଏସ)କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କର୍ମଚାରୀମାନେ ସଂଘର୍ଷ କରୁଥିଲେ। ୨୦୦୩ ଏପ୍ରିଲ ୧ ପରେ ସରକାରୀ ସେବାରେ ସାମିଲ ହୋଇଥିବା କର୍ମଚାରୀଙ୍କୁ ଏହି ଯୋଜନାର ପ୍ରତ୍ୟକ୍ଷ ଲାଭ ମିଳିବ। ଏ ପର୍ଯ୍ୟନ୍ତ କର୍ମଚାରୀ 'କଣ୍ଟ୍ରିବ୍ୟୁଟାରୀ ପେନ୍‌ସନ ଯୋଜନା (ସିପିଏସ)'ରେ ସାମିଲ ହୋଇଥିଲେ। ଏଥିରେ ରିଟର୍ଣ୍ଣ ବଜାରର ହ୍ରାସବୃଦ୍ଧି ଉପରେ ନିର୍ଭର କରୁଥିଲା। ନୂଆ ଯୋଜନାରେ ଏହି ଚିନ୍ତାକୁ ଉଚ୍ଛେଦ କରିଦିଆଯାଇଛି। ଏବେ ୨୫ ବର୍ଷ ସେବା ପୂରଣ କରିଥିବା କର୍ମଚାରୀଙ୍କୁ ଶେଷ ଦରମାର ୫୦ ପ୍ରତିଶତ ପେନ୍‌ସନ ଭାବେ ଦିଆଯିବ। ଏଥିରେ ପାରିବାରିକ ପେନସନ, ସମୟ ସମୟରେ ମହଙ୍ଗା ଭତ୍ତା (ଡିଏ) ଏବଂ ଡିଆର ମଧ୍ୟ ପ୍ରଦାନ କରାଯିବାର ▶ପୃଷ୍ଠା-୭

# ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟିର ମାରିଜୁଆନା ଜବତ

## ୭ ଦିନରେ ଜବତ ହେଲାଣି ୧୨ କୋଟିର ନୀଳ ଜହର

■ ଭୁବନେଶ୍ୱର, ୩।୧ (ସମିସ): ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୮କୋଟି ଟଙ୍କାର ମାରିଜୁଆନା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍ଆଇ) ଜଣେ ବିମାନଯାତ୍ରୀଙ୍କ ଠାରୁ ଏହି ମାରିଜୁଆନା ଜବତ କରିଛି। ଜବତ ମାରିଜୁଆନାର ପରିମାଣ ୮କେଜି ହେବ ବୋଲି ଜଣାପଡ଼ିଛି। ତେବେ ଯାତ୍ରୀ ଜଣଙ୍କ ଅନ୍ତର୍ଜାତୀୟ ନିଶା କାରବାର ର୍‌ୟାକେଟ୍‌ର ସଦସ୍ୟ ବୋଲି



ଅନୁମାନ କରାଯାଉଛି। ଡିଆର୍ଆଇ ସମ୍ପୃକ୍ତ ବିମାନ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମାତ୍ର ୭ଦିନ ତଳେ ୪କୋଟିର

### ବର୍ଷକରେ ରାଜ୍ୟକୁ ଆସିଲାଣି ୫୨କୋଟିର ମାରିଜୁଆନା

ମାରିଜୁଆନା ଜବତ ହୋଇଥିଲା ବେଳେ ପୁଣି ଆଉ ଏକ ମରିଜୁଆନା ଜବତ ହେବା ସୁରକ୍ଷା ଏଜେନ୍ସି ଗୁଡ଼ିକର ଚିନ୍ତାକୁ ବଢାଇ ▶ପୃଷ୍ଠା-୭

# ବ୍ରାଉନସୁଗର କାରବାରରେ ଆଇନ ଛାତ୍ର

■ ଭୁବନେଶ୍ୱର, ୩।୧ (ସମିସ): ବ୍ରାଉନସୁଗର ଡିଲ୍ ବେଳେ ଚଢ଼ଉ କରିଛି ଅବକାରୀ ବିଭାଗ। ଫରେଷ୍ଟ ପାର୍କ ଭିତରୁ ୩ ନିଶା ମାଫିଆଙ୍କୁ ଗିରଫ କରିବା ସହ ୨୬ ଲକ୍ଷ ଟଙ୍କାର ଧଳାଜହର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇନ୍ ଛାତ୍ର ତଥା ଭିମଟାଙ୍ଗୀ ଅଞ୍ଚଳର ଦେବୀପ୍ରସାଦ ଦାସ (୩୦), ୟୁନିଟ୍ ୬ ଭୀମପୁର ଅଞ୍ଚଳର ସୁକାନ୍ତ ନାୟକ (୩୬) ଓ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଆଁଳାର ସନ୍ତୋଷ ନାୟକ (୩୩)।

ଅବକାରୀ ବିଭାଗର ସୂଚନା ମୁତାବକ, ୟୁନିଟ୍ ୬ ଅଞ୍ଚଳରେ ବ୍ରାଉନସୁଗର ଡିଲ୍ ଚାଲିଥିବା ନେଇ ଭୁବନେଶ୍ୱର ଅବକାରୀ ବିଭାଗକୁ ଖବର ମିଳିଥିଲା। ବିଭାଗର ସ୍ୱତନ୍ତ୍ର ଟିମ୍ ଫରେଷ୍ଟ ପାର୍କ ଭିତରେ ଚଢ଼ଉ କରିଥିଲା। ସେଠାରୁ ଦେବୀପ୍ରସାଦ, ସୁକାନ୍ତ ଓ ସନ୍ତୋଷକୁ ଗିରଫ ▶ପୃଷ୍ଠା-୭



### ୩ ଗିରଫ; ୨୬ ଲକ୍ଷର ଧଳାଜହର ଜବତ

ସକାଳ
THE SAKALA



### ମୟୂରଭଞ୍ଜରେ ଶୀଘ୍ର ଖୋଲିବ ଏଟିଏସ୍

# ଯାନ ଫିଟନେସ୍ ଯାଞ୍ଚରେ ଆସିବ ସ୍ୱଚ୍ଛତା ଓ ନିରପେକ୍ଷତା

ବାରିପଦା, ୩।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ଶୀଘ୍ର ଖୋଲିବାକୁ ଯାଉଛି ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ୍ (ଏଟିଏସ୍)। ବାରିପଦାର ରଙ୍ଗାମାଟିଆରେ ରହିଥିବା ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ର ପାର୍ଶ୍ୱରେ ଏହି ନୂଆ କେନ୍ଦ୍ର ଖୋଲିବ। ଏ ନେଇ ସବୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବାବେଳେ ଚଳିତ ଜାନୁଆରୀ ମାସ ଶେଷ କିମ୍ବା ଫେବୃଆରୀ ପ୍ରଥମ ସପ୍ତାହ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି।

ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ମୟୂରଭଞ୍ଜ ସହ ଅନ୍ୟାନ୍ୟ ଜିଲ୍ଲାରେ ମୋଟ ୧୯ଟି ନୂଆ ଏଟିଏସ୍ ସ୍ଥାପନ କରାଯିବାକୁ ରହିଥିବାବେଳେ ଜିଲ୍ଲାରେ କାର୍ଯ୍ୟ ଜୋରସୋରରେ ଚାଲିଥିବା ଜଣାପଡ଼ିଛି। ଏହାଦ୍ୱାରା ଯାନବାହନର ଫିଟନେସ୍ ଯାଞ୍ଚ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ନିରପେକ୍ଷ ଓ ବୈଜ୍ଞାନିକ ହେବ। ରାଜ୍ୟର ପ୍ରଥମ ଏଟିଏସ୍ କଟକରେ ଚାଲୁ ହେବା ପରେ ଏବେ ବାରିପଦାରେ ଦ୍ୱିତୀୟ ସହ ବାଲେଶ୍ୱର, ସମ୍ବଲପୁର, ଅନୁଗୋଳ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ଏହି ଆଧୁନିକ କେନ୍ଦ୍ର ସ୍ଥାପନ ହେବା ନେଇ ବିଭାଗର ଆଶା ରହିଛି। ପୂର୍ବରୁ ସବୁ ଅଫଲାଇନରେ ହୋଇ ଅନଲାଇନରେ କେବଳ ତଥ୍ୟ ଅପଲୋଡ ହେଉଥିଲା। ଏବେ ସବୁ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ଅନୁଯାୟୀ ଏଟିଏସରେ ବ୍ରେକ୍, ସସ୍ପେନସନ୍, ଷ୍ଟିୟରିଂ, ହେଡ୍‌ଲାଇଟ୍, ଇମିସନ୍ ଆଦିର ଯାଞ୍ଚ ସମ୍ପୂର୍ଣ୍ଣ ଯନ୍ତ୍ର ଦ୍ୱାରା ହେବ। ଯଦ୍ଦ୍ୱାରା ମନୁଷ୍ୟ ହସ୍ତକ୍ଷେପ ଓ ତ୍ରୁଟି କମିବା ସହ ଦୁର୍ନୀତି ମଧ୍ୟ ହ୍ରାସ ପାଇବ। ଫଳାଫଳ ତୁରନ୍ତ ବାହାନ ପୋର୍ଟାଲରେ ଅପଲୋଡ ହେବ ଓ ପାସ୍ ହେଲେ ଇଲେକ୍ଟ୍ରୋନିକ୍ ଫିଟନେସ୍ ସାର୍ଟିଫିକେଟ୍ ମିଳିବା ଯୋଜନା ରହିଛି। ଏହି କେନ୍ଦ୍ରରେ ଅନଲାଇନ୍ ବୁକିଂ, ସ୍ୱୟଂକ୍ରିୟ ଟେଷ୍ଟ ଲେନ୍, ପାର୍କିଂ ଓ ୱେଟିଂ ଏରିଆ ଭଳି ସୁବିଧା ରହିବ। ମୟୂରଭଞ୍ଜର ଯାନ ମାଲିକଙ୍କ ପାଇଁ ଏହା ଏକ ବଡ଼ ସୁବିଧା ହେବ। କାରଣ ପୂର୍ବରୁ ମାନୁଆଲ୍ ଯାଞ୍ଚରେ ଅନେକ ଅସୁବିଧା ଥିଲା। ସଡ଼କ ସୁରକ୍ଷା ବଢ଼ାଇବା ସହ ପ୍ରଦୂଷଣ ନିୟନ୍ତ୍ରଣରେ ମଧ୍ୟ ଏହା ସାହାଯ୍ୟ କରିବ ବୋଲି ପରିବହନ ବିଭାଗ କହିଛି। ଏହି ଯୋଜନା ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବାରିପଦାର ଯାନ ମାଲିକମାନେ ଏହାକୁ ସ୍ୱାଗତ କରିଛନ୍ତି ଓ ଶୀଘ୍ର ଚାଲୁ ହେବାକୁ ଅପେକ୍ଷା କରିଛନ୍ତି। ଏହା ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବାବେଳେ ଶିରିଶ ଟେକ୍ ନାମରେ ଏକ ସଂସ୍ଥା ପରିଚାଳନା କରିବ। ମୟୂରଭଞ୍ଜ ଜିଲ୍ଲାରେ ୨୦୨୫ ତଥ୍ୟ ଅନୁଯାୟୀ ମୋଟ ନିବନ୍ଧିତ ଯାନବାହାନ ସଂଖ୍ୟା ପ୍ରାୟ ୨.୫ରୁ ୩ ଲକ୍ଷ ରହିଛି। ଦୁଇଚକିଆ ଯାନ (ମୋଟର ସାଇକଲ, ସ୍କୁଟର ଆଦି) ପ୍ରାୟ ୨ ଲକ୍ଷରୁ ଅଧିକ, ଚାରିଚକିଆ ବ୍ୟକ୍ତିଗତ ଯାନ (କାର, ଜିପ୍ ଆଦି) ପ୍ରାୟ ୩୦, ୦୦୦ରୁ ୫୦, ୦୦୦, ଯାତ୍ରୀବାହୀ ବସ୍ ପ୍ରାୟ ୧, ୫୦୦ରୁ ୨, ୫୦୦ ଖଣ୍ଡ, ଟ୍ରକ୍ ଓ ଅନ୍ୟାନ୍ୟ ବାଣିଜ୍ୟିକ ଯାନ ପ୍ରାୟ ୨୦, ୦୦୦ରୁ ୩୦, ୦୦୦ ରହିଥିବା ଜଣାପଡ଼ିଛି। ଏ ନେଇ ଆରଟିଓ ପ୍ରଶାନ୍ତ ପରିଡ଼ା କହିଛନ୍ତି, ଜିଲ୍ଲାରେ ଏଟିଏସ୍‌ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ରାସ୍ତାରେ ସଡ଼କ ଦୁର୍ଘଟଣା ଓ ପ୍ରଦୂଷଣ ଏକ ବଡ଼ ସମସ୍ୟା ହୋଇଥିବା ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ଏହି ଧାରା ବୃଦ୍ଧି ପାଉଥିବାରେ ଲାଗିଛି। ପୂର୍ବରୁ ମାନୁଆଲ୍ (ହାତରେ) ଯାଞ୍ଚ ପ୍ରକ୍ରିୟାରେ ଅନେକ ଅସୁବିଧା ଥିଲା। ଯେମିତି ମନୁଷ୍ୟ ତ୍ରୁଟି, ପକ୍ଷପାତିତା ଓ ଦୁର୍ନୀତି ହେବା ଆଶଙ୍କା ରହିଥିଲା। ଏଟିଏସ୍ ଏହାକୁ ଦୂର କରି ଯାନବାହାନର ଫିଟନେସ୍ ଯାଞ୍ଚକୁ ଅଧିକ ବୈଜ୍ଞାନିକ ଓ ନିରପେକ୍ଷ କରୁଛି। ଅନେକ ଦୁର୍ଘଟଣାର କାରଣ ଅଯୋଗ୍ୟ ଯାନବାହନ (ଖରାପ ବ୍ରେକ୍, ଷ୍ଟିୟରିଂ, ଲାଇଟ୍ ଆଦି)। ଏଟିଏସ୍‌ରେ ଯନ୍ତ୍ର ଦ୍ୱାରା ନିରପେକ୍ଷ ଯାଞ୍ଚ ହେବାରୁ କେବଳ ଯୋଗ୍ୟ ଯାନ ରାସ୍ତାରେ ଚାଲିପାରିବ, ଯାହା ଦୁର୍ଘଟଣା କମାଇବ। ଏଥିସହ ଅଯୋଗ୍ୟ ଯାନରୁ ଅଧିକ ଧୂଆଁ ଓ ବିଷାକ୍ତ ଗ୍ୟାସ୍ ବାହାରୁଛି। ଏଟିଏସ୍‌ରେ ଇମିସନ୍ (ଧୂଆଁ) ଯାଞ୍ଚ ଅଟୋମେଟିକ୍ ହେବାରୁ ପ୍ରଦୂଷଣ କମିବ ଓ ପରିବେଶ ସୁରକ୍ଷିତ ହେବ। ପୂର୍ବରୁ ମାନୁଆଲ୍ ଯାଞ୍ଚରେ ଏଜେଣ୍ଟ ଓ ଦୁର୍ନୀତିର ଅଭିଯୋଗ ଥିଲା। ଏଟିଏସରେ ଫଳାଫଳ ଯନ୍ତ୍ର ଦ୍ୱାରା ନିର୍ଦ୍ଧାରିତ ହେବ, ତୁରନ୍ତ ବାହନ ପୋର୍ଟାଲରେ ଅପଲୋଡ୍ ହେବ ଓ ନିୟମିତ ଅଡିଟ୍ ହେବ। ଏହା ଦୁର୍ନୀତି ରୋକିବ। ଅନଲାଇନ୍ ବୁକିଂ, କମ୍ ସମୟରେ ଯାଞ୍ଚ ଓ ଇଲେକ୍ଟ୍ରୋନିକ୍ ସାର୍ଟିଫିକେଟ୍। ଓଡ଼ିଶା ଭଳି ରାଜ୍ୟରେ ଯାନ ସଂଖ୍ୟା ବଢ଼ୁଥିବାରୁ ଏହା ଅତ୍ୟାବଶ୍ୟକ ବୋଲି ସେ କହିଛନ୍ତି।

■ ରଙ୍ଗାମାଟିଆରେ ଚାଲିଛି ନିର୍ମାଣ



## ବୈଶିଙ୍ଗା ମହୋତ୍ସବ ଉଦ୍‌ଘାଟିତ

ବୈଶିଙ୍ଗା, ୩।୧(ସମିସ): ବୈଶିଙ୍ଗାର ମାଟି ହେଉଛି କଳା ସଂସ୍କୃତିର ମାଟି। ଯାହା ସାରା ଓଡ଼ିଶାରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏହି ମହୋତ୍ସବ ଏ ଅଞ୍ଚଳ ମାଟିର କଥା କୁହେ ବୋଲି ଚତୁର୍ଥ ବାର୍ଷିକ ବୈଶିଙ୍ଗା ମହୋତ୍ସବ ଉଦଘାଟନ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ବୈଶିଙ୍ଗା ମାଟିର ବରପୁତ୍ର କ୍ଷେତ୍ରମୋହନ ପଣ୍ଡା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଂଯୋଜକ ଦୀପକ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଭଞ୍ଜ ମାଟିର କଳା ସଂସ୍କୃତିକୁ ବଖାଣିବା ସହିତ ବୈଶିଙ୍ଗାର ଐତିହ୍ୟ ଓ ମହୋତ୍ସବ କମିଟି ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ପ୍ରକାଶ ମହାପାତ୍ର, ପ୍ରୀତିସୁଦ୍ଧା ତ୍ରିପାଠୀ ପମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ପୂର୍ବତନ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଉପସ୍ଥିତ ଥିଲେ। ଜୟନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଯଲିଉଡ ଜଗତର ପ୍ରସିଦ୍ଧ କଣ୍ଠଶିଳ୍ପୀ ଡି. କ୍ରିଷ୍ଣା ଓ ଉପସ୍ଥାପିକା ରଶ୍ମୀ। ପରେ ସ୍ଥାନୀୟ ଅଞ୍ଚଳର ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଉଦଳା, ୩।୧(ସମିସ): ଉଦଳା ଏନ୍‌ଏସି କ୍ଲଷ୍ଟରସ୍ଥ ଜିରିଡା ପ୍ରାଇମେରୀ ସ୍କୁଲରେ ଆଜି ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛଇ। ସେ ଦିର୍ଘଦିନ ଧରି ଜିରିଡା ପ୍ରାଇମେରୀ ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ସତ୍ୟେନ୍ଦୁ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିନତୀ ପଣ୍ଡା, ସିଆରସିସି ଗୌରକିଶୋର ବିନ୍ଧାଣି, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆରତ ପରିଡ଼ା, ସିଆରସିସି ତଥା ଉଦଳା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଲଳିତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାଇମାତ ସୋରେନ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଗ୍ରାମବାସୀ ଓ ଯୁବ ଗୋଷ୍ଠୀ ମିଳିତ ଭାବେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ବାଇକ୍ ଧକ୍କାରେ ମହିଳା ମୃତ

ସାରସକଣା, ୩।୧(ସମିସ): ସାରସକଣା ବ୍ଲକ ଝାରପୋଖରିଆ ଥାନା ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ହୋଇଛି। ରାସ୍ତା ପାରି ହେଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବାଇକ୍ ଆରୋହୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣକ ଜାଲଦା ପଞ୍ଚାୟତ ପୁନାସିଆ ଗ୍ରାମର କାଶୀନାଥ ବେହେରାଙ୍କ ପତ୍ନୀ ବାସନ୍ତୀ ବେହେରା। ଗୁରୁତର ବାଇକ୍ ଆରୋହୀ ଜାମଶୋଳା ପୁରୁଣାପାଣି ଗ୍ରାମର ସୁବୋଧ ବାରିକଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ଧାନମଣ୍ଡି ଓ ନୂତନ ସମବାୟ ସମିତି ଗୃହ ଉଦ୍‌ଘାଟିତ

ବୈଶିଙ୍ଗା, ୩।୧(ସମିସ): ନଡପୁରଠାରେ ଧାନମଣ୍ଡି ଓ ନୂତନ ସମବାୟ ସମିତି (ଲ୍ୟାମ୍ପସ) କାର୍ଯ୍ୟାଳୟ ଗୃହ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ସମବାୟ ବିଭାଗର ଡିଆରସିଏସ୍ ଅଶୋକ ପାଣି, ସିନିୟର ଏଆରସିଏସ୍ ତୁଷାର ମହାନ୍ତି, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ସୂତାର, ଯୋଗାଣ ନିରୀକ୍ଷକ ଅଶୋକ ବେହେରା, ପରିଚାଳନା ନିର୍ଦ୍ଦେଶକ ଶାନ୍ତାଗୌରା ପରିଡ଼ା, ପ୍ରଶାସକ ଅଜିତ ବିଶ୍ୱାଳ, ସମବାୟ ସମିତି ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ତିନିଜଣ ଚାଷୀଙ୍କଠାରୁ ୧୧୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ମିଳିଛି।

## ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ ବୈଠକ

ବାରିପଦା, ୩।୧(ସମିସ): ମୟୂରଭଞ୍ଜ ସରକାରୀ ଠିକାଦାର ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ଗୃହିତ ହୋଇଛି। ଜିଲ୍ଲାର ବିଭିନ୍ନ କାର୍ଯ୍ୟ ପାଇଁ ହେଉଥିବା ସରକାରୀ ଟେଣ୍ଡରରେ ୩ କୋଟି ପର୍ଯ୍ୟନ୍ତ ଟେଣ୍ଡର ଧାର୍ଯ୍ୟ ମୂଲ୍ୟ ବା ସିଡ୍ୟୁଲ ରେଟରେ ଜିଲ୍ଲା ସଂଘର ସମସ୍ତ ଠିକାଦାର ପକାଇବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ମୟୂରଭଞ୍ଜ ବ୍ୟତୀତ ବାହାର ଜିଲ୍ଲାର କୌଣସି ଠିକାଦାରଙ୍କୁ ଜିଲ୍ଲାରେ ଟେଣ୍ଡର ନ ପକାଇବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ନିଷ୍ପତ୍ତି ବିରୁଦ୍ଧରେ ଯିଏ କାର୍ଯ୍ୟ କରିବ ସଂଘ ତାଙ୍କୁ ବିରୋଧ କରିବ। ବୈଠକରେ ଠିକାଦାର ସଂଘ ସଭାପତି, କାର୍ଯ୍ୟକାରୀ ସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷ ଓ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମୟୁରଭଞ୍ଜ ସରକାରୀ ଠିକାଦାର ସଂଘ ସାଧାରଣ ସମ୍ପାଦକ ତରୁଣ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସାନକେରକ ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ



ବଡ଼ସାହି, ୩।୧(ସମିସ): ବଡସାହି ବ୍ଲକ ଅଧୀନ ସାନକେରକ ଲ୍ୟାମ୍ପସରେ ଧାନମଣ୍ଡି ଉଦଘାଟିତ ହୋଇଛି। ବାରିପଦା ବିଧାୟକ ପ୍ରକାଶ ସରେନ, ଏମଡି ସତ୍ୟଜିତ ସାହୁ, ଲ୍ୟାମ୍ପସର ସମସ୍ତ ନିର୍ଦ୍ଦେଶକ, ଚାଷୀ କମିଟି ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ବିଧିବଦ୍ଧ ଭାବେ ଏହି ମଣ୍ଡିର ଉଦଘାଟନ କରିଛନ୍ତି। ବିଧାୟକ ପୂର୍ବ ବର୍ଷମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ବିଭିନ୍ନ ସମସ୍ୟା କିପରି ଚଳିତ ବର୍ଷ ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ବିଶେଷକରି ଧାନ କଟ୍‌ନୀ ଛଟ୍‌ନି, ମିଲରଙ୍କ ମନମାନି ଏସବୁ ଦିଗ ଉପରେ ନଜର ଦେବାକୁ ସ୍ପେସାଲ ଟାସ୍କଫୋର୍ସ ଗଠନ କରାଯାଇଛି। ଏତଦବାଦ କୌଣସି ଚାଷୀଙ୍କ ଟୋକନ ଯେପରି ବାଦ୍ ପଡ଼ି ନ ଯାଏ, ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। ପ୍ରଥମ ଦିନରେ ସାନକେରକ ଲ୍ୟାମ୍ପସରୁ ମଙ୍ଗଳ ପ୍ରସାଦ ମିଲ ୨ ଜଣ ଚାଷୀଙ୍କଠାରୁ ୫୯.୧୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବା ଜଣାଯାଇଛି।

## ୨୦ରେ ତକତପୁର ଆର୍‌ଏମ୍‌ସି ପଡ଼ିଆକୁ ସ୍ଥାନାନ୍ତର ହେବ ଷ୍ଟେସନ ବଜାର ହାଟ

ବାରିପଦା, ୩।୧(ସମିସ): ସ୍ଥାନୀୟ ଷ୍ଟେସନ ବଜାର ହାଟ ଦୋକାନୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଆବେଦନ ପତ୍ରକୁ ଆଧାର କରି ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବାରିପଦା ପୌର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ଦୋକାନୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ହାଟ ସ୍ଥାନାନ୍ତର ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସର୍ବସମ୍ମତି ନିଷ୍ପତ୍ତି ଅନୁସାରେ ଷ୍ଟେସନ ବଜାରସ୍ଥ ହାଟର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ବର୍ତ୍ତମାନ ହାଟକୁ ତକତପୁରସ୍ଥ ଆରଏମସି ପଡ଼ିଆକୁ ସ୍ଥାନାନ୍ତରିତ କରାଯିବ। ଉକ୍ତ ହାଟ ଏହାପରଠାରୁ ତକତପୁର ଆରଏମସି ପଡ଼ିଆରେ ଚାଲିବ। ଆଗକୁ ଜାନୁଆରୀ ୧୪ ତାରିଖରେ ମୟୂରଭଞ୍ଜର ପ୍ରସିଦ୍ଧ ମକର ପର୍ବ ଥିବାରୁ ବ୍ୟବସାୟୀଙ୍କ ଅନୁରୋଧ କ୍ରମେ ଆସନ୍ତା ୨୦ ତାରିଖରୁ ନିରୂପିତ ହୋଇଥିବା ଏହି ନୂତନ ସ୍ଥାନରେ ହାଟ ବସିବ। ଷ୍ଟେସନ ବଜାରଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହି ହାଟ ତକତପୁର ଆରଏମସି ପଡ଼ିଆରେ ଗୁରୁବାର ଓ ରବିବାର ବସିବ।

ଏହି ନୂତନ ସ୍ଥାନରେ ହାଟ ବସିବା ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ବାରିପଦା ପୌରପାଳିକା ତରଫରୁ ଦୀର୍ଘ ଦିନରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହା ହାଟ ବସିବା ପାଇଁ ଉପଯୋଗୀ କରାଯାଇଛି। ଷ୍ଟେସନ ବଜାରଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଟ କମ୍ପ୍ଲେକ୍ସରେ ପୌରପାଳିକା ତରଫରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ବଣ୍ଟନ ସମୟରେ ବର୍ତ୍ତମାନ ଏଠାରେ ବ୍ୟବସାୟ କରୁଥିବା ଲାଇସେନ୍ସଧାରୀ ଦୋକାନୀଙ୍କୁ ଦୋକାନ ଗୃହ ଆବଣ୍ଟନରେ ପ୍ରାଥମିକତା ଦିଆଯିବ। ଏତଦ୍‌ବ୍ୟତୀତ ଷ୍ଟେସନ ବଜାରରେ ଦୈନିକ ବଜାରରେ ବ୍ୟବସାୟ କରୁଥିବା ଦୋକାନୀଙ୍କ ପାଇଁ ମଧ୍ୟ ଦୋକାନ ଗୃହର ବ୍ୟବସ୍ଥା କରାଯିବ। ତେଣୁ ଜନସାଧାରଣଙ୍କ ଅବଗତି ନିମନ୍ତେ ଏହା ସୂଚୀତ କରାଯିବା ସହ ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

## ସର୍ବଭାରତୀୟ କାରାଟେ ଚାମ୍ପିଅନସିପରେ ଦୀପକଙ୍କୁ ବ୍ରୋଞ୍ଜ ପଦକ



ବାରିପଦା, ୩।୧(ସମିସ): ଦୀପକ କୁଁଅର ଗତ ଡିସେମ୍ବର ଶେଷ ସପ୍ତାହରେ ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ କରାଟେ ଚାମ୍ପିଅନସିପ୍‌ର ୪୫ କେଜି ଓଜନ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଦୀପକ ପ୍ରଥମ ଥର ପାଇଁ ୨୦୨୩ରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ସାହିତ ହୋଇଥିଲେ ଓ ୨୦୨୪ରେ ସବଜୁନିୟର ରାଜ୍ୟସ୍ତରୀୟ କାରାଟେ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨୦୨୫ ମେ ମାସରେ ରାଞ୍ଚିରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ଜନାର୍ଦ୍ଦନପୁର ନିବାସୀ ବିଶ୍ୱନାଥ କୁଁଅର ଓ ରୀତା କୁଁଅରଙ୍କ ପୁଅ ଦୀପକ ବର୍ତ୍ତମାନ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର। ଦୀପକଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇଥିବା ପ୍ରଶିକ୍ଷକ ଶ୍ରୀ ବାରିକ ପ୍ରକାଶ କରିଛନ୍ତି।

## ଦେଉଳିଆ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


ବଡ଼ସାହି, ୩।୧(ସମିସ): ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସନ୍ତୋଷ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷା କମିଟି ସଭାପତି ମନୋରଞ୍ଜନ ଲେଙ୍କା, ଅଜୟ ମଲିକ, ସୁକେଶ ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏ ଅବସରରେ ବିଦ୍ୟାଳୟରେ ଇନ୍‌ସ୍ପାଇରିଙ୍ଗ ଓଡ଼ିଶା-୨୦୩୬, ଦି ଟେଲେଣ୍ଟ ଗ୍ୟାଲେରୀ ଓ ପିଏମଶ୍ରୀ ବିଜିନେସ ମିଟ୍ ନାମକ ୩ଟି ଗ୍ୟାଲେରୀ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ପିଏମଶ୍ରୀ ହାଟରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ଜିନିଷ କିଣାବିକା କରିବା ଗ୍ରାମବାସୀଙ୍କୁ ବେଶ ପ୍ରଭାବିତ କରିଥିଲା। ପରେ ଛାତ୍ରଛାତ୍ରୀଙ୍କ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ବିମୋହିତ କରିଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଗୌରାଙ୍ଗ ଘୋଷ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜ କର୍ମଚାରୀଙ୍କ ମୃତ୍ୟୁ


ବୈଶିଙ୍ଗା, ୩।୧ (ସମିସ): ସ୍ଥାନୀୟ ପ୍ରିୟଂଶୀ ରାଧେ କଲେଜ କର୍ମଚାରୀ ବାଲେଶ୍ୱର ଜିଲ୍ଲା ସାହୁପଡ଼ା ଗ୍ରାମର ସ୍ୱର୍ଗତ ବାବାଜୀ ଖଟୁଆଙ୍କ ପୁଅ କୃଷ୍ଣଚନ୍ଦ୍ର ଖଟୁଆ (୫୮) ମୃତ୍ୟୁବରଣ କରିଛନ୍ତି। ସେ ୧୦ ବର୍ଷ ଧରି କଲେଜରେ କାର୍ଯ୍ୟ କରିଆସୁଥିଲେ। ଗୋଟିଏ ମାସ ଛୁଟି ପରେ ଆଜି ସକାଳୁ ସେ କଲେଜରେ ନିଜ କାର୍ଯ୍ୟରେ ଯୋଗଦାନ କରିଥିଲେ। ପ୍ରାୟ ୧୨ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ସହକର୍ମୀଙ୍କୁ ଜଣାଇଥିଲେ। ଅନ୍ୟ କର୍ମଚାରୀ ସଙ୍ଗେ ସଙ୍ଗେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କଲେଜରେ ଶୋକର ଛାୟା ଖେଳିଯାଇଥିଲା। ବୈଶିଙ୍ଗା ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। କଲେଜର ସଭାପତି, ସମ୍ପାଦକ, ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ତାଙ୍କ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଫେବୃଆରୀ ପ୍ରଥମ ସପ୍ତାହରେ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମହୋତ୍ସବ 'ମେଘାସନୀ'

ବାରିପଦା, ୩।୧(ସମିସ): ଫେବୃଆରୀ ପ୍ରଥମ ସପ୍ତାହରେ ସୁଭଦ୍ରା ଶକ୍ତି ମେଳା ସହ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସ୍ୱଦେଶୀ ମହୋତ୍ସବ 'ମେଘାସନୀ' ଆୟୋଜିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଫେବୃଆରୀ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଏହାକୁ ଆୟୋଜନ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି। ଓରମାସ୍ ତଥା ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ପକ୍ଷରୁ ଆୟୋଜନ ହେବାକୁ ଥିବା ଏହି ମେଳାରେ ୨୫୦ଟି ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ଖୋଲିବାକୁ ଯୋଜନା ହୋଇଛି। ସେହିପରି ଏହି ଉତ୍ସବ ଅବସରରେ ଶିମିଳିପାଳକୁ ମଣିଷକୃତ ନିଆଁ ଦାଉରୁ ରକ୍ଷା କରିବା ବାର୍ତ୍ତା ପ୍ରଚାର ପାଇଁ ଏକ ହାଫ୍ ମାରାଥନ୍ ଓ ଶିମିଳିପାଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ମେଳାରେ 'ଏକ ଜିଲ୍ଲା ଏକ ଉତ୍ପାଦ'କୁ ପ୍ରୋତ୍ସାହନ କରିବା ପାଇଁ ଆଇଟିଆଇ ଓ ପଲିଟେକନିକ୍ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ୱଦେଶୀ ଉତ୍ପାଦ ଉପରେ ନମୁନା ପ୍ରଦର୍ଶନ ହେବା ସହ ଉଦ୍ୟମିତା ବୃଦ୍ଧି ଉପରେ କର୍ମଶାଳା ଆୟୋଜନ ହେବ। ଏହି କ୍ରମରେ ସବାଇ ଘାସର ବିଭିନ୍ନ ଉତ୍ପାଦ, ବିର୍ଲା ଟାୟାର୍ସଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ରବର ଉତ୍ପାଦକୁ ବ୍ୟବହାର ଟାୟାର ପ୍ରସ୍ତୁତ ସମ୍ପର୍କିତ ପ୍ରଦର୍ଶନୀ ଷ୍ଟଲ ରହିବ ବିଶେଷ ଆକର୍ଷଣ। ଏଥିସହ ରେଶମ୍ ଉତ୍ପାଦ ସମ୍ପର୍କିତ ସ୍ୱତନ୍ତ୍ର ଷ୍ଟୋଲ୍ ମଧ୍ୟ ପ୍ରଦର୍ଶନ ହେବ।



ସେହିପରି ଶିମିଳିପାଳ ଜୈବମଣ୍ଡଳ ଆଧାରିତ ସ୍ୱତନ୍ତ୍ର ଷ୍ଟୋଲ୍ ମଧ୍ୟ ରହିଛି। ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଜନଜାତି ଅଧ୍ୟୟନ ଓ ସାନ୍ତାଳୀ ବିଭାଗ ତରଫରୁ ଆଦିବାସୀ ସଂଗ୍ରହାଳୟ ଷ୍ଟଲ୍ ଏଥିରେ ସ୍ଥାନୀତ ହେବ। ମେଳାରେ ସୁଭାଦ୍ର ଶକ୍ତି ସମ୍ପର୍କିତ ଷ୍ଟଲ ସ୍ଥାନିତ ହେବ। ଏହା ମହିଳା ଶକ୍ତି ଓ ଆତ୍ମନିର୍ଭରଶୀଳତା ସମ୍ପର୍କରେ କାହାଣୀ ବଖାଣିବ। ଏଥିରେ ଲକ୍ଷପତି ଦିଦି ଆସି ନିଜର ଅଭିଜ୍ଞତା ବାଣ୍ଟିବେ। ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ ଓ ମାର୍କେଟିଂ ପାଇଁ ମଧ୍ୟ କର୍ମଶାଳା ଆୟୋଜନ ହେବ। ସେହିପରି ବିଭିନ୍ନ ପୁସ୍ତକ ଷ୍ଟଲ୍ ମଧ୍ୟ ପ୍ରଦର୍ଶନ ହେବ। ଏହି ମେଳାକୁ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ କରିବା ପାଇଁ ଜିଲ୍ଲାପାଳ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ ଦେଇ ମେଳକୁ ଆସିବାକୁ ଥିବା ଖାଦ୍ୟ ଷ୍ଟଲ ଶାଳପତ୍ରକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଦିନ ଧୂମଧାମରେ ଆୟୋଜନ କରାଯିବ। ଏଥିରେ ଶାସ୍ତ୍ରୀୟ, ଗଜଲ ସନ୍ଧ୍ୟା, ରକ୍ ବ୍ୟାଣ୍ଡ, ଭଜନ, ଲୋକଗୀତ ଓ ଆଧୁନିକ ସଙ୍ଗୀତର କାର୍ଯ୍ୟକ୍ରମ ରହିଛି। ଆଜିର ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଓରମାସ୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ୍ ରୟ, ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା ଓ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।














## ବିରଳ ପ୍ରଜାତିର ପେଚା ଉଦ୍ଧାର



**କରଞ୍ଜିଆ, ୩୧ା(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ମୁର୍ଗାପାଟ ଗ୍ରାମ ନିକଟରେ ଥିବା ଏକ କୃଷି ଫାର୍ମରେ ଏକ ବିରଳ ପ୍ରଜାତିର ପେଚା ଉଦ୍ଧାର କରାଯାଇଛି। କୃଷି ଫାର୍ମ ମାଲିକ ତରଣୀ ପାତ୍ର ଫାର୍ମକୁ ଯାଇଥିବା ସମୟରେ ଫାର୍ମ ଫାଟକ ନିକଟରେ ଏକ ଅଜଣା ପକ୍ଷୀଟି ଥିବା ସେ ଦେଖିଥିଲେ। ସେ ଉକ୍ତ ପକ୍ଷୀର ଫଟୋ କରଞ୍ଜିଆ ସାମ୍ବାଦିକଙ୍କ ପାଖକୁ ପଠାଇଥିଲେ। ଉକ୍ତ ଫଟୋ ବନ ବିଭାଗ କର୍ମଚାରୀ ଦେଖିଲା ପରେ ତାହା ଏକ ବିରଳ ପ୍ରଜାତିର ପେଚା ବୋଲି ଜଣାପଡ଼ିଥିଲା। ବନ କର୍ମଚାରୀ ଉକ୍ତ ଫାର୍ମକୁ ଯାଇ ପେଚାକୁ ଉଦ୍ଧାର କରିଥିବା ଜଣାପଡ଼ିଛି।

## ଘର ସମ୍ମୁଖରୁ ବୋଲେରୋ ଚୋରି

**ରାଇରଙ୍ଗପୁର, ୩୧ା(ସମିସ):** ତେଣ୍ଡେଇପୋସି ଗ୍ରାମରେ ଘର ସମ୍ମୁଖରେ ପାର୍କ ଥିବା ବୋଲେରୋ ଗାଡ଼ି ଚୋରି ହୋଇଥିବା ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଏନେଇ କରଞ୍ଜିଆ ଥାନା ଅଞ୍ଚଳର ସେକ ସାହାଜାଦ ଅଲ୍ଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଶଶୁର ଘରକୁ ବୁଲିବାକୁ ଆସିଥିଲେ। ଘର ସମ୍ମୁଖରେ ବୋଲେରୋ ପାର୍କ କରି ଦାଘା ବୁଲିବାକୁ ଯାଇଥିଲେ। ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ଗାଡ଼ି ନ ଥିଲା। ବହୁ ଖୋଜାଖୋଜି ପରେ ଗାଡ଼ି ନ ପାଇବାରୁ ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ଉଦଳା, ୩୧ା(ସମିସ)**



କପ୍ତିପଦା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦଳା ହାଇସ୍କୁଲ ପଡ଼ିଆରେ ଉଦଘାଟିତ ହୋଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟ ଓ କୃଷି ଜିଲ୍ଲା ଅଧିକାରୀ ଉଦଳାଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି ମେଳାକୁ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉଦଳା ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ, ଖୁଣ୍ଟା ବ୍ଲକ ଅଧକ୍ଷ ସୁଧନ୍ୟା ନାଏକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ର, ଉଦଳା ବ୍ଲକ ଉପାଧକ୍ଷ ରଜନୀକାନ୍ତ ଦାସ, ଉପାଧକ୍ଷା ଉଦଳା ଏନଏସି ଲିଲି ଭୋଳ, ଜିଲ୍ଲା ପରିଷଦ ଜୋନ-୧ ସୁଶାନ୍ତି ସିଂ, ଜୋନ-୨ ଲଳିତା ବିଶୋଇ, ଜୋନ-୩ ସିରୁ ସୋରେନ୍, ଜୋନ-୧୩ ସୁନୀତି ମାର୍ଣ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ(କୃଷି) ଇଂ ତରଣୀକାନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କୃଷି ଯନ୍ତ୍ରପାତି ମେଳା ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ପ୍ରଥମେ ଉଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ଏକ କାର୍ଣ୍ଣିଭାଲ ଶୋଭାଯାତ୍ରା ବାହାରି ଯନ୍ତ୍ରପାତି ମେଳା ପଡ଼ିଆରେ ପହଞ୍ଚିଥିଲା। ପରେ ମେଳା ଉଦଘାଟନ ସହିତ ସମସ୍ତ ଅତିଥି ଷ୍ଟଲ ପରିଦର୍ଶନ କରି ସାରିବା ପରେ ସଭା କାର୍ଯ୍ୟ ଅରମ୍ଭ କରାଯାଇଥିଲା। କୃଷି ଜିଲ୍ଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ବ୍ୟାଚ୍ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଓଡ଼ିଶା ସରକାର କୃଷକ ସଶକ୍ତିକରଣ ଉଦ୍ଦେଶ୍ୟରେ ନେଇଥିବା ପଦକ୍ଷେପର ପ୍ରଶଂସା କରିବା ସହ ଚାଷୀର ଉତ୍ପାଦିତ ମୂଲ୍ୟ କେମିତି ଦ୍ୱିଗୁଣିତ ହେବ, ସେଥିପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି। ସ୍ରେୟାସ୍ମିତା ଦାସ ଓ ସତ୍ୟବ୍ରତ ଘଡ଼େଇ ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକ କୃଷି ଅଧିକାରୀ ପ୍ରଜ୍ଞାଶ୍ରୀ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଚାଷୀଙ୍କୁ ଅଧିକ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ସାଲଦୀ ମୁର୍ମୁ ଓ ମଧୁସ୍ମିତା ହେମ୍ବ୍ରମ୍ ଏହାକୁ ପରିଚାଳନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟାର ବୈଜ୍ଞାନିକ ଗୋବିନ୍ଦ ଧଳ ଓ ବ୍ଲକ କୃଷି ଅଧିକାରୀ ପ୍ରଜ୍ଞାଶ୍ରୀ ଚାନ୍ଦ ଚାଷୀଙ୍କୁ ନୂତନ କୃଷି ଜ୍ଞାନ କୌଶଳର ସମସ୍ତ ପ୍ରକାର ସୂଚନା ଦେଇଥିଲେ। ଏଥିରେ ଉଦ୍ୟାନ, କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଓଡ଼ିଶା କୃଷି ଶିଳ୍ପ ନିଗମ, ଆଇଟିଡିଏ, ମିଶନ ଶକ୍ତି ଆଦି ବିଭାଗ ସହିତ ଅନ୍ୟାନ୍ୟ ଯନ୍ତ୍ରପାତି ସମ୍ବନ୍ଧୀୟ ୩୨ଟି ପ୍ରଦର୍ଶନୀ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶୁଭ୍ରାଂଶୁ ମହାନ୍ତ, ଯଜ୍ଞଦତ୍ତ ସେଠୀ, ନମିତା ସିଂ, ସାନଦୀ ମୁର୍ମୁ, ମଧୁସ୍ମିତା ହେମ୍ବ୍ରମ, ଆଦ୍ୟାଶା ପ୍ରିୟଦର୍ଶିନୀ, ସିପୁନ ଜାମୁଡିହା, ସଞ୍ଜୀବ ନାୟକ, ଚନ୍ଦ୍ରିକା ସେଠୀ, ଭବାନୀ ଶଙ୍କର ସିଂ, ଲୋକନାଥ ପଲେଇ, ଅଭୟ ପରିଡ଼ା, ମନୋଜ ସାନ୍ତରା, ଅସିତ ମହାନ୍ତି, ଭକ୍ତଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାନଗୋବିନ୍ଦପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ମାଣ୍ଡ୍ରୀ, ୩୧ା(ସମିସ):** ଶନିବାର ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଅଭିଆସାହି ଖେଳ ପଡ଼ିଆରେ ମାନଗୋବିନ୍ଦପୁର ପ୍ରିମିୟର ଲିଗ୍ (ଏମପିଏଲ) ସିଜନ-୪ ଉଦ୍‌ଘାଟିତ ହୋଇଛି। ଏମପିଏଲର ସଭାପତି ରାକେଶ ମହାପାତ୍ରଙ୍କ ସଂଯୋଜନା ଓ ପରିଚାଳନାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଡିଓ ବନଜା ଦାସ, ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ସରପଞ୍ଚ କୁନି ସିଂ, ସ୍ୱାସ୍ଥ୍ୟ ବିଭାଗର ଉପନିର୍ଦ୍ଦେଶକ ଡାକ୍ତର କିଶୋର ମହାପାତ୍ର, ମାଣ୍ଡ୍ରୀ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ରାଜୀବଲୋଚନ ମହାପାତ୍ର, ସାମ୍ବାଦିକ ମନୋଜ ପଣ୍ଡା, ପୂର୍ବତନ ହାଇସ୍କୁଲ ପ୍ରଧାନ ଶିକ୍ଷକ ହରିହର ସିଂହ, ଶିକ୍ଷାବିତ ପ୍ରତାପ ପରିଡ଼ା ଓ ୟୁନିଅନ ବ୍ୟାଙ୍କ ମାନଗୋବିନ୍ଦପୁର ଶାଖାର ପରିଚାଳକ ସଞ୍ଜୟ କୁମାର ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଉନ୍ନତ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନକୁ ପ୍ରଶଂସା କରିଥିଲେ। ଏମପିଏଲର ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ୬ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ପ୍ରଥମ ମ୍ୟାଚ ପୂର୍ବଚନ୍ଦ୍ର ଗାର୍ଡସ୍ ଓ ଦିବ୍ୟାଂଶ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବଚନ୍ଦ୍ର ଗାର୍ଡସ୍ ବିଜୟ ହୋଇଥିଲା। ଏମପିଏଲର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ରାଇରଙ୍ଗପୁର, ୩୧ା(ସମିସ):** ବଣମୁଣ୍ଡା ନିକଟରେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ରାଇରଙ୍ଗପୁର ଥାନା ଅନ୍ତର୍ଗତ ହଳଦା ଗ୍ରାମର ଡମ୍ବୁରୁଧର ମହାନ୍ତ (୨୭)। ସେ ନବବର୍ଷ ପାଇଁ ଯଶିପୁର ବନ୍ଧୁ ଘରକୁ ଯାଇଥିଲେ। ଘରକୁ ଫେରୁଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଛି।

## ସ୍କୁଟିରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବୈଶିଙ୍ଗା, ୩୧ା(ସମିସ):** ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ବେଲାଣପୁରା ଛକ ନିକଟରେ ସ୍କୁଟିରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କାଠପାଳ ଗ୍ରାମର ସତ୍ୟବାଦୀ ମହାପାତ୍ର ନିଜ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରୁଥିବା ଶଙ୍ଖମୁଣ୍ଡ ଗ୍ରାମର ସୁନୀଲ ସିଂଙ୍କୁ ନିଜ ବ୍ୟାଟେରୀଚାଳିତ ସ୍କୁଟିରେ ବସାଇ ଯାଉଥିବା ସମୟରେ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ବେଲାଣପୁରା ଛକ ନିକଟରେ ବାଙ୍କ ରାସ୍ତାରେ ଭାରସାମ୍ୟ ହରାଇ ସୁନୀଲ ଗାଡ଼ିରୁ ପଡ଼ିଯାଇଥିଲେ। ପଡ଼ିଯିବା ଯୋଗୁଁ ସୁନୀଲଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସତ୍ୟବାଦୀ ସୁନୀଲଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ




**ବାରିପଦା, ୩୧ା(ସମିସ):** ଶନିବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରରେ ନିରନ୍ତର ବିକାଶ ଲକ୍ଷ୍ୟର ଫଳପ୍ରସୂ ପାଇଁ ସଚେତନତା ବୃଦ୍ଧି, ସମନ୍ୱୟ ସୁଦୃଢ଼ କରିବା ଓ କାର୍ଯ୍ୟକାରୀ ରୂପାୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀମତୀ ହାଁସଦା ସମାବେଶୀ, ସମତାମୂଳକ ଓ ନିରନ୍ତର ଉନ୍ନତି ସାଧନାରେ ନିରନ୍ତର ବିକାଶ ଲକ୍ଷ୍ୟର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଏସଡିଜିର ଲକ୍ଷ୍ୟକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରି ବାସ୍ତବତାରେ ପରିଣତ କରିବା ପାଇଁ ସମସ୍ତ ବିଭାଗର ସାମ୍ପ୍ରତିକ ବାଧ୍ୟତା ରହିଛି ବୋଲି କହିଥିଲେ।

ସେହିପରି ସଭାପତି ଶ୍ରୀ ବେହେରା ବିକଶିତ ଜିଲ୍ଲା ପରିକଳ୍ପନା ପ୍ରକ୍ରିୟାରେ ନିୟମିତ ବ୍ୟବଧାନରେ ଏହି ସମ୍ମିଳନୀର ଆବଶ୍ୟକତା ଉପରେ ଆଲୋକପାତ କରିଥିବାବେଳେ ବିଭାଗ ମଧ୍ୟରେ ସମନ୍ୱୟ, ସହଯୋଗ, କାର୍ଯ୍ୟକାରୀ ନିରୀକ୍ଷଣ ଓ ଫଳାଫଳମୁଖୀ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜର ନିଜର ଅନୁଭବ, ସମସ୍ୟା, ନିଜ ନିଜ କ୍ଷେତ୍ରରେ ଏସଡିଜିଏସର ଉପଯୁକ୍ତ କାର୍ଯ୍ୟକାରିତା ଓ ରୂପାୟନ ପାଇଁ ସୁଚିନ୍ତିତ ମତାମତ ସୁପାରିଶ କରିଥିଲେ। ପରିଶେଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଲେମ୍ବ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



**କରଞ୍ଜିଆ, ୩୧ା (ସମିସ):** ଆଜି ଅପରାହ୍ନରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ଅଧକ୍ଷତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିହାର ରଞ୍ଜନ ସେଠୀଙ୍କ ପରିଚାଳନାରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ଏସଡିପିଓ ନବକୃଷ୍ଣ ନାୟକଙ୍କ ସମେତ ତହସିଲଦାର, ମ୍ୟୁନସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ, କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ, ସମସ୍ତ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ କାର୍ଯ୍ୟାଳୟର ପଦାଧିକାରୀ, ଓକିଲ, ସାମ୍ବାଦିକ ଯୋଗଦେଇ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ମତାମତ ରଖିଥିଲେ। ପରମ୍ପରେ ଗ୍ରନ୍ଥାଗରିକ ଅରୁଣ ପାଣିଗ୍ରାହୀ ପୂର୍ବ ବୈଠକର ବିବରଣୀ ପାଠ କରି ସଦସ୍ୟଙ୍କ ମତାମତ ଲୋଡ଼ିଥିଲେ। ପୂର୍ବବର୍ଷ ଭଳି ରାମଧୁନ, ଶୋଭାଯାତ୍ରା, ବରପୁତ୍ରଙ୍କ ପ୍ରତି ମାଲ୍ୟାର୍ପଣ, ବିଭିନ୍ନ ପ୍ରତିଯୋଗିତା, ପ୍ୟାରେଡ ପ୍ରତିଯୋଗିତା, ସାଂସ୍କୃତିକ ବିଚିତ୍ରା କାଯ୍ୟକ୍ରମ ସମେତ କ୍ରିକେଟ ମ୍ୟାଚ୍ ଆୟୋଜନ କରିବା ପାଇଁ ମତ ପ୍ରକାଶ କରିଥିଲେ। ଗ୍ରନ୍ଥାଗରିକ ଅରୁଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବାଣ୍ଟନ

**ମୋରଡା, ୩୧ା(ସମିସ):** ଶନିବାର ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମଳ ବଣ୍ଟନ କରିଛନ୍ତି। ଚିତ୍ରଡା ମଣ୍ଡଳ ସଭାପତି ପ୍ରକାଶ ମହାନ୍ତଙ୍କ ସୂଚନା ମୁତାବକ ବରକନ୍ଦ, ପଳାଶମୁଣ୍ଡୁଳି ଓ ବରକନ୍ଦ ପଞ୍ଚାୟତର ୨୬୦ ଜଣ ବୃଦ୍ଧାବୃଦ୍ଧଙ୍କୁ କମଳ ପ୍ରଦାନ କରିଛନ୍ତି ମନ୍ତ୍ରୀ ଶ୍ରୀ ମହାପାତ୍ର। ପୂର୍ବତନ ବିଧାୟକ କାନ୍ଧ୍ରା ସୋରେନ, ଜୋନ ସଭାପତି ପ୍ରକାଶ ମହାନ୍ତଙ୍କ ସମେତ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ସର୍ବଭାରତୀୟ କରାଟେର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୩୧ା(ସମିସ):** ଭୁବନେଶ୍ୱରସ୍ଥ ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ୧୫ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାଲବଣିସ୍ଥ ଉତ୍କଳ କରାଟେ ସ୍କୁଲର ବାରିପଦା ମୁଖ୍ୟ ଶାଖାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସଭାପତି ତଥା ସ୍ଥାନୀୟ କାଉନସିଲର ଦେବାଶିଷ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡିସେମ୍ବର ୨୭ରୁ ୩୦ ପର୍ଯ୍ୟନ୍ତ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ୨୨ ଜଣ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ। ସେମାନଙ୍କୁ ଅତିଥି ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଖେଳାଳିଙ୍କୁ ସଫଳତା ପାଇଁ ମୁଖ୍ୟଅତିଥି ଶ୍ରୀ ପାତ୍ର ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଅସହାୟ ପରିବାରଙ୍କୁ କମ୍ବଳ ବଣ୍ଟନ



**ବିଶୋଇ, ୩୧ା(ସମିସ):** ଶିମିଳିପାଳ ପାଦଦେଶର ଅପହଞ୍ଚ ଅଞ୍ଚଳରେ ବସବାସ କରୁଥିବା ଅସହାୟ ପରିବାରକୁ ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ବିଜାତଳା ବ୍ଲକ ସରଗଡ଼ା ପଞ୍ଚାୟତର ସରଗଡ଼ା ଦେହୁରୀ ସାହି ଓ ସାପଘେରା ଗ୍ରାମ ନାଲାକୋଟା ସାହିର ସମସ୍ତ ଗରିବ ଅସହାୟ ପରିବାରବର୍ଗଙ୍କୁ ହେଲପିଂ ହ୍ୟାଣ୍ଡ ମୟୂରଭଞ୍ଜ ଓ ତୁଳସୀ ପରିବାର ବାରିପଦାର ମିଳିତ ସହଯୋଗରେ ପରିବାର ପିଛା ୨ଟି କମ୍ବଳ ପ୍ରଦାନ କରାଯାଇଛି। ପ୍ରବଳ ଶୀତ ପ୍ରଭାବରେ ଉକ୍ତ ଗ୍ରାମର ଏକାଧିକ ଅସହାୟ ଗରିବ ପରିବାର ଥରହର ହୋଉଥିବାବେଳେ ଏହି ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି।

## ରୟାଲ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

# ପ୍ରଥମ ମ୍ୟାଚ୍‌ରେ ମା’ ଅମ୍ବିକା ସୁପର ସ୍ମାସର ବିଜୟୀ

**ବାରିପଦା, ୩୧ା(ସମିସ)**




କ୍ଷେସନ ଆଥଲେଟିକ ଆସୋସିଏସନ ପକ୍ଷରୁ ଶନିବାର ରୟାଲ ପ୍ରିମିୟର ଲିଗ ସିଜନ-୧୧ ଉଦଘାଟିତ ହୋଇଯାଇଛି। ବାରିପଦା ପୌରପାଳିକା ଅନ୍ତର୍ଗତ କ୍ଷେସନ ବଜାରସ୍ଥ ଖେଳ ପଡ଼ିଆରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଲିଗ୍ ଅଧକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ ତଥା ୨୫ ନମ୍ବର ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, କ୍ଷେସନ ଆଥଲେଟିକ ସଂଘ ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ କ୍ଲବର ଅନ୍ୟ ସଦସ୍ୟ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ମା’ ଅମ୍ବିକା ସୁପର ସ୍ମାସର ଦଳ ଏମର୍ଜି ଟାଇଟନ୍ ଦଳକୁ ୪୮ ରନରେ ପରାସ୍ତ କରିଛି। ତାପସ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚ୍‌ରେ ଆଞ୍ଜେଲ ରଣା ଦଳ ମା’ ତାରିଣୀ ୱାରିୟର୍ସ ଦଳକୁ ୪୫ ରନରେ ପରାସ୍ତ କରିଛି। ଲାଲଟୁ ସିଂ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ୍‌ରେ ପରୀ ଚ୍ୟାଲେଞ୍ଜର୍ ଦଳ ଭିରାର୍ ଦଳକୁ ୩ ରନରେ ପରାସ୍ତ କରିଛି। ମାନସ୍ ସିଂ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚତୁର୍ଥ ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର ଦଳ ଥ୍ରିଲର ଦଳକୁ ୯ ୱିକେଟରେ ପରାସ୍ତ କରିଥିବାବେଳେ ଦିବ୍ୟେଶ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଲିଗ୍ ୧୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆଜିର ଖେଳକୁ ଲକ୍ଷ୍ମୀଧର ସିଂ, ପ୍ରସନଜିତ ମହାନ୍ତି, କିଶୋର ମହାପାତ୍ର ପରିଚାଳନା କରିଥିବାବେଳେ ବିଭୁ ସ୍କୋରର ଓ ରାଜେଶ ସାହୁ ମ୍ୟାଚ୍ ରେଫରୀ ଥିଲେ।


ଜାନୁଆରୀ ପହିଲାରୁ ପୂର୍ବ ତଟ ରେଳପଥ ଦ୍ୱାରା

ନୂତନ ସମୟ ସାରଣୀ 2026

(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)



**ନୂତନ ଟ୍ରେନ୍ ପ୍ରଚଳନ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

**ଟ୍ରେନ୍‌ଗୁଡ଼ିକର ସଂପ୍ରସାରଣ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ଼ | ପରେ ସୂଚିତ କରାଯିବ |
| 2 | 12872 | ଟିଟିଲାଗଡ଼ - ହାଓଡ଼ା | ଜୁନାଗଡ଼ ରୋଡ଼ | |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

**ଟ୍ରେନ୍‌ଗୁଡ଼ିକର ଚଳାଚଳରେ ବୃଦ୍ଧି**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

**ଟ୍ରେନ୍‌ଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର | ସୋମବାର | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | ବ୍ୟତୀତ | ବ୍ୟତୀତ | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର | ମଙ୍ଗଳବାର | 03.06.25 |
| 20836 | ପୁରୀ - ରାଉରକେଲା | ବ୍ୟତୀତ | ବ୍ୟତୀତ | 03.06.25 |

**ଟ୍ରେନ୍‌ଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | ସଞ୍ଚିତ ସମୟ ମିନିଟରେ |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ତାଳଚେର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

**ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ: ପ୍ରସ୍ଥାନ (ପ୍ରାରମ୍ଭିକ ଷ୍ଟେସନରେ) | ପୂର୍ବ ସମୟ: ଆଗମନ (ପ୍ରାରମ୍ଭିକ ଷ୍ଟେସନ ପାଖ) | ନୂତନ ସମୟ: ପ୍ରସ୍ଥାନ | ନୂତନ ସମୟ: ଆଗମନ |
|---|---|---|---|---|---|
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ଼ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରନ୍ଦୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନିପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାରଣାସୀ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରନ୍ଦୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡ଼ା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରନ୍ଦୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଳାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

**ରେକ୍ ଗୁଡ଼ିକୁ LHB କୋଚ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ**

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ଼ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ଼ - ଭୁବନେଶ୍ୱର | 25.08.2025 |

**ପରିବର୍ତ୍ତନ ହୋଇଥିବା ଟ୍ରେନ୍ ନଂ**

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

**ଟ୍ରେନ୍‌ଗୁଡ଼ିକର ଅତିରିକ୍ତ ଷ୍ଟପେଜ୍**

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡ଼ା - ଜଗଦଲପୁର | ଲୋଇସିଂହା | 19.11.2025 |
| 2 | 18006 | ଜଗଦଲପୁର - ହାଓଡ଼ା | ଲୋଇସିଂହା | 19.11.2025 |
| 3 | 13351 | ଧାନବାଦ - ଆଲେପି | ନରଲା ରୋଡ଼ | 04.03.2025 |
| 4 | 13352 | ଆଲେପି - ଧାନବାଦ | ନରଲା ରୋଡ଼ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଶପଲ୍ଲା | ବୋଲଗଡ଼ ବାରନ | 20.01.2025 |
| 6 | 18424 | ଦଶପଲ୍ଲା - ଭୁବନେଶ୍ୱର | ବୋଲଗଡ଼ ବାରନ | 21.01.2025 |
| 7 | 68449 | ପୁରୀ - ଦଶପଲ୍ଲା | ରାଜପଦର | 20.01.2025 |
| 8 | 68450 | ଦଶପଲ୍ଲା - ପୁରୀ | ରାଜପଦର | 21.01.2025 |
| 9 | 68443 | ଭଦ୍ରକ - ଦଶପଲ୍ଲା | ରାଜପଦର | 21.01.2025 |
| 10 | 68444 | ଦଶପଲ୍ଲା - ଭଦ୍ରକ | ରାଜପଦର | 20.01.2025 |
| 11 | 68429 | ଭୁବନେଶ୍ୱର - ଦଶପଲ୍ଲା | ରାଜପଦର | 21.01.2025 |
| 12 | 68430 | ଦଶପଲ୍ଲା - ଭୁବନେଶ୍ୱର | ରାଜପଦର | 20.01.2025 |
| 13 | 18423 | ଭୁବନେଶ୍ୱର - ଦଶପଲ୍ଲା | ରାଜପଦର | 20.01.2025 |
| 14 | 18424 | ଦଶପଲ୍ଲା - ଭୁବନେଶ୍ୱର | ରାଜପଦର | 21.01.2025 |
| 15 | 68429 | ଭୁବନେଶ୍ୱର - ଦଶପଲ୍ଲା | ଚରାବୋଇ | 17.09.2025 |
| 16 | 68430 | ଦଶପଲ୍ଲା - ଭୁବନେଶ୍ୱର | ଚରାବୋଇ | 17.09.2025 |
| 17 | 68449 | ପୁରୀ - ଦଶପଲ୍ଲା | ଚରାବୋଇ | 17.09.2025 |
| 18 | 68450 | ଦଶପଲ୍ଲା - ପୁରୀ | ଚରାବୋଇ | 17.09.2025 |
| 19 | 18423 | ଭୁବନେଶ୍ୱର - ଦଶପଲ୍ଲା | ଚରାବୋଇ | 17.09.2025 |
| 20 | 18424 | ଦଶପଲ୍ଲା - ଭୁବନେଶ୍ୱର | ଚରାବୋଇ | 17.09.2025 |
| 21 | 68443 | ଭଦ୍ରକ - ଦଶପଲ୍ଲା | ଚରାବୋଇ | 17.09.2025 |
| 22 | 68444 | ଦଶପଲ୍ଲା - ଭଦ୍ରକ | ଚରାବୋଇ | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | ନଗାଉ ସାର୍ଥୀପୁର | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | ନଗାଉ ସାର୍ଥୀପୁର | 15.08.2025 |
| 31 | 12837 | ହାଓଡ଼ା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡ଼ା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | ଭୁବନେଶ୍ୱର | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | ଭୁବନେଶ୍ୱର | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | ବଲାଙ୍ଗୀର | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | ବଲାଙ୍ଗୀର | 17.08.2025 |
| 39 | 18425 | ପୁରୀ - ଦୁର୍ଗ | ବଲାଙ୍ଗୀର | 15.08.2025 |
| 40 | 18426 | ଦୁର୍ଗ - ପୁରୀ | ବଲାଙ୍ଗୀର | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦ୍ଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦ୍ଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଲାସପୁର ଜଂ - ତିରୁପତି | ଆମ୍ଗୋଦଲା | 16.08.2025 |
| 46 | 17482 | ତିରୁପତି - ବିଲାସପୁର ଜଂ | ଆମ୍ଗୋଦଲା | 15.08.2025 |
| 47 | 13351 | ଧାନବାଦ - ଆଲେପି | ଆମ୍ଗୋଦଲା | 15.08.2025 |
| 48 | 13352 | ଆଲେପି - ଧାନବାଦ | ଆମ୍ଗୋଦଲା | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁନିଗାଡ଼ା | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁନିଗାଡ଼ା | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ଼ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ଼ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ଼ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ଼ | 06.01.2026 |
| 55 | 12837 | ହାଓଡ଼ା - ପୁରୀ | ନିର୍ଗୁଣ୍ଡୀ | 01.01.2026 |
| 56 | 12838 | ପୁରୀ - ହାଓଡ଼ା | ନିର୍ଗୁଣ୍ଡୀ | 01.01.2026 |

**ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ**

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| କଟକ | 0330 | 0335 |
| ଭୁବନେଶ୍ୱର | 0410 | 0415 |
| ଖୋର୍ଦ୍ଧା ରୋଡ଼ | 0425 | 0430 |

12879 (ଲୋକମାନ୍ୟ ତିଲକ ଟର୍ମିନସ - ଭୁବନେଶ୍ୱର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

18005 (ହାଓଡ଼ା - ଜଗଦଲପୁର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ଼ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋଉଭଲସା | 0830 | 0832 |
| ଶିମହାଚଳମ | 0926 | 0928 |
| ବିଶାଖାପାଟଣା | 1005 | - |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ଼ | 0500 | 0505 |
| ପୁରୀ | 0655 | - |

22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

13351 (ଧାନବାଦ - ଆଲେପି ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଲାଙ୍ଗୀ | 0208 | 0210 |


18422 (ସୋନପୁର - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଲାଙ୍ଗୀ | 0208 | 0210 |

ଡାଏଲ କରନ୍ତୁ 139
- ସୁରକ୍ଷା ସହାୟତା
- ଡାକ୍ତରୀ ଜରୁରୀକାଳୀନ
- କୋଚ୍ ସଫା କରିବା
- କ୍ୟାଟରିଂ ଅଭିଯୋଗ
- ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ
- ପିଏନଆର ସ୍ଥିତି, ଟ୍ରେନ୍‌ର ସ୍ଥିତି ଇତ୍ୟାଦି
- ଟ୍ରେନ୍ ଭିତରେ ଅଭିଯୋଗ

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
/@EASTCOASTRailway1 | /@EastCoastRail
D-9/25-26

# ଦିନେ ଦିନକର କଥା



ଗଙ୍ଗାଧର ବିଶ୍ୱାଳ



ଦିନକର କଥାଟି ଏମିତି ।
ଶୀତ ସରି ସରି ଆସୁଥାଏ ।
ପାଚିଲା ଧାନକ୍ଷେତର କିଆରି କିଆରି ହସ ଆଉ ହସ ।

ଚବରଚବର ପାଣିଚିଆ ପାଉଁଜିର ଓଡ଼ିଶୀ ଆତୁଆଳରେ, ମଧୁ ମାଷ୍ଟ୍ରେଙ୍କ ଆଖି ହଳକ ବର୍ଚ୍ଛାର ଚକ୍‌ଚକ୍ ଧାରୁଆ ମୁହଁ । ଘରବାଡ଼ିରେ ଲତା ହେଇ ନଟେଇ ଯାଉଥାଏ, ମଧୁମାଳତୀ । ଫୁଲ୍‌ଫୁଲିଆ ଜହ୍ନରାତି ଆଉ ନିଛାଟିଆ ନିର୍ଜନତା ଦେଖୁଛି, ସାଧୁ ପଧାନର ଯୁବତୀ ଝିଅ ରଙ୍ଗଲତା । ତା' ଡେଣାରେ ଯୋଡ଼ି ଯାଇଛି, ଅପ୍‌ସରୀର ଆହ୍ଲଲା । ରାଜକୁମାର ଜଣେ, ପକ୍ଷୀରାଜ ଘୋଡ଼ା ଚଢ଼ି ଓହ୍ଲେଇ ଆସୁଛି । ଅଭିଆଡ଼ୀ ରଙ୍ଗଲତାର ଦେହରେ ବିବଶ ଜହ୍ନରାତିର ମାଦକତା ।

ଗାଁ ଶେଷ, ପୋଖରୀ । ପୋଖରୀର କାଚକେନ୍ଦୁ ପାଣିରେ ନୌ-ବିହାରରେ ବିଭୋର, ଦୁହେଁ ।

ତା'ପରେ । ଘଟଣାଟିକୁ ସ୍ୱପ୍ନ କୁହାଯାଉ ।
କାରଣ, ଆଜିକାଲି ସ୍ୱପ୍ନରେ ଯାହା ମିଛ, ବାସ୍ତବରେ ତାହା ହିଁ ସତ ।

ଜହ୍ନରାତିର ଆଲୁଅରେ ତିଆରି ଶିଡ଼ିଟାଏକୁ ଆଶ୍ରା କରି, ତଳକୁ ତଳ ପୋଖରୀର ଅକାତକାତ ପାଣିକୁ ପାରି ହେବା ପାଇଁ ଉଦ୍ୟମ ଜାରି । ରାଜକୁମାର ଓ ଅପ୍‌ସରୀର ଜଳକ୍ରୀଡ଼ା । ପାଣି ତଳ ରାଜପ୍ରାସାଦର ଅନ୍ତେବାସୀ, ଭଅଁରର ଫରୁଆ ସାମ୍ରାଜ୍ୟରେ ବିଚରଣ ।

ଏମିତି କେତେକେତେ କଥା ।

ସ୍ୱପ୍ନର କି ହାତଗୋଡ଼ ଥାଏ । ଥାଏ କି, ଯୋଜନ ଯୋଜନ ଦୂରତାର ମାଇଲଖୁଣ୍ଟି ! ?

ତା'ପରେ । ସ୍ୱପ୍ନ ନୁହେଁ, ସତ ।
ସତ ହେଉ, ସପ୍ତରଂଗର ଇନ୍ଦ୍ରଧନୁ ।

ସତସତିକା ମିଛ ଓ ମିଛିମିଛିକା ସତ ହେଇଯାଉ ଦିନକର କଥାଟି । ଦିନକର କଥାରୁ ଲେଖାଯାଉ, କେଇ ଫର୍ଦ୍ଦ ଗପ । ଗପ ଲାଗୁ, ଗପ ଭଳି । ନିଜ ନିଜ ମନକୁ ଛୁଇଁଲା ଭଳି ହେଉ, ଗପ ।

ପୋଖରୀ । ଅତଏବ ପୋଖରୀର ସାତତାଳ ପଙ୍କତଳେ ଥିବା ନଅରର ଏକଛତ୍ରାଧିପତି ରାକ୍ଷସର କଡ଼ଲେଉଟା ନିଦ । ଦୋହଲିଲା, ପୋଖରୀ । ଭଉଁରିଗଲା, ପୋଖରୀର ପାଣି । ଯକ୍ଷଦେବତା ପ୍ରମାଦ ଗଣିଲେ । ଶହେ ଆରପାରିର ଏକାକୀ ଛତ୍ରପତି ବିରାଟକାୟ ମାଛଟିର ଆଖିରେ ପ୍ରଳୟର ନିଆଁ । ନିଆଁ ଚରିଗଲା, ପୋଖରୀ । ନିଆଁ ଚରିଗଲା, ପବନ । ନିଆଁ ଚରିଗଲା, ଜଙ୍ଗଲ । ନିଆଁ ଚରିଗଲା, ଜନବସତି ।

ଅନେକ କିଛି ବଦଳିଗଲା । ବଦଳିଗଲା, ଜୀବନ । ବଦଳିଗଲା ଜୀବିକା ।

ପୋଖରୀ ପରିତ୍ୟାଗ କରି ଭିକାରି ବେଶରେ ପାଣିରୁ ବାହାରିଲେ, ଯକ୍ଷଦେବତା । କପର୍ଦ୍ଦକଶୂନ୍ୟ ଫକୀରର ଭ୍ରମ ଥିଲା ତାଙ୍କ ଚେହେରାରେ । ଲାଗୁଥିଲେ ଅସହଜ ଅସହଜ । ଅଥଚ ଦିଶୁଥିଲେ, ଶାନ୍ତ । ଦିଶୁଥିଲେ, ହସହସ । ଖୁସି ମିଜାଜ୍‌ର । ହୁଏତ ନିଜକୁ ନିଜେ ପସନ୍ଦ କରିବା, ଥିଲା ତାଙ୍କର ପ୍ରଥମ ପସନ୍ଦ ।

ଚାହୁଁ ଚାହୁଁ ରୁପା ମାଛ, ସୁନା ମାଛ ନିଜ ନିଜର ଠାଣି, ବାଣୀ ଆଉ ସୁନ୍ଦର ସ୍ୱରକୁ ନେଇ, ଥିଲେ ଉତ୍‌ଫୁଲ୍ଲିତ । ପାଣି ପହଁରା ଭୁଲି ପବନ ପହଁରାର ଉଡ଼ାଣରେ ଥିଲେ ପ୍ରସ୍ତୁତ । ଧୀବର, କେଉଟଙ୍କ ମାଛଧରା ଜାଲ ଆଉ ନ ଥିଲା । ଥିଲା, ଶିକାର ଉପଲବ୍ଧ ଧନୁ ଆଉ ତୀର । ପାଣିକୁ ଜାଲ ଫିଙ୍ଗିବା ଭୁଲି ସେମାନେ ଆକାଶକୁ ଫିଙ୍ଗୁଥିଲେ, ମାରଣାସ୍ତ୍ର । ଆଗେ ଆଗେ ମାଛ ରୂପୀ ପକ୍ଷୀ ଓ ପଛେ ପଛେ ଜାଲ ରୂପୀ ଜୀବନନାଶକ ଅସ୍ତ୍ର । ଆଗରେ ଜୀବନ । ପଛରେ ମରଣ ।

ଏହା ଦେଖାଦେଖି, ଜହ୍ନଆଲୁଅର ଛାତି ଚିରି, ଚରିଗଲା ଖରା । ଭାଦ୍ରବର ଟାଣ ଖରା । ବର୍ଷା ଓଦା ଚିଡ଼ିଚିଡ଼ା ଖରା । ପୋଖରୀ ହୁଡ଼ାର ଗଛଡ଼ାଳରେ ବିଶ୍ରାମ କାଟୁଥିବା ଅଣ୍ଟଧାରୀ ଚଢ଼େଇମାନେ ନିଜନିଜ ଡେଣାରୁ, ଗଛ ଡାଳରୁ, ନିଦୁଆ ଖରାବେଳରୁ ବିରତି ନେଇ ଗୋଟେ ଗୋଟେ ଅଘଟଣର ଆକଳନ କରିବା କାମରେ, ହେଲେ ଅନ୍ୟମନସ୍କ । ଅନ୍ୟମନସ୍କ, ଜୀବଜଗତ । ଅନ୍ୟମନସ୍କ ମଣିଷ । ଅନ୍ୟମନସ୍କ, ନାରୀ ଓ ପୁରୁଷ ।

ଆଖିରେ, ଦେହରେ, ମନରେ ସେମାନଙ୍କର, ପରିବର୍ତ୍ତନର ରୋମାଞ୍ଚ । ଅନୁଭବ । ପୁଲକ । ଥୁଣ୍ଟାଗଛରେ ପତ୍ରକଅଁଳା ଋତୁ । କୋଇଲିର କଣ୍ଠରେ କା'କା ରାବ । କୁଆର ଡାକରେ ବସନ୍ତର କୁହୁ । ମାଛରଙ୍କାର ଥଣ୍ଟରେ କାଠହଣା ଚଢ଼େଇର ଠକ୍‌ଠକ୍ ପାହାର । ପଡ଼ିଆରେ ଗୋରୁଗାଈ ପିଠିରେ, ପଛରେ ଚାଲି ଚାଲି ଯାଉଥିବା ବଗର ଟିଙ୍କଖିଆ, ପୋକଗିଳା ସ୍ୱଭାବ । ପାରା ଓ କପୋତଙ୍କ ଦଳବଦ୍ଧ ଏକତା ବାହାରେ ଛତ୍ରଭଙ୍ଗର ବିରହ ଜ୍ୱାଳା ।

ଗାତରେ, ଅପନ୍ତରାରେ ଓ ଅଯତ୍ନରେ ପଡ଼ିରହୁଥିବା ସାପଙ୍କ ସ୍ୱଭାବରେ ବେଶ୍ କିଛି ଫରକ । ଲକ୍ଷ୍ୟ କରିବାର କଥା, ଏପରି ହେବା ପଛର ରହସ୍ୟଟି କ'ଣ?

ଫଳନ୍ତି ଗଛର ପତ୍ର ଉହାଡ଼ରେ ଚୁପ୍‌ଚାପ୍ ବସିଥିବା ଶୁଆଶାରୀ । ଘରବାଡ଼ିର ନେଉଳ, ପୋଷାବିରାଡ଼ି, କୁକୁର ଓ ଗୃହପାଳିତ ଜୀବଜନ୍ତୁ । ଆଉ ମଣିଷମାନେ ।

ଦେଖୁଦେଖୁ ବିମର୍ଶ ମୁହଁଟିମାନ ନେଇ ଚାଷୀଭାଇ ବାହାରିଛି, କ୍ଷେତକୁ । କ୍ଷେତରେ ପାଚିଲା ଫସଲ ନାହିଁ । ନାହିଁ, କିଆରି କିଆରି ହସ । ପୋଖରୀଟି ପୋଖରୀ ହେଇ ନାହିଁ । ଶାଗୁଣା, ବିଲୁଆ ମଡ଼କୁ ଘେରି ଭୋଜି ମଉଜରେ ନାହାନ୍ତି । ନାହାନ୍ତି, ବରଗଛ ତଳ ଛାଇରେ ଘଡ଼ିଏ ବସି, ପୁଣି ବାଟ ଚାଲିବା ଅପେକ୍ଷାରେ ଥିବା ବାଟୋଇ । ଗଛ ଓହଳ ଚଢ଼ି ଗଛ ଡାଳରେ ଡାଳ ମାଙ୍କୁଡ଼ି ଖେଳୁଥିବା ପିଲାଙ୍କ କବିଲାଙ୍କ ମନଖୋଲା ରଡ଼ି । ଗାଈଆଳ ପିଲାର ମନଗଢ଼ା ହାତ ତିଆରି ସଂଗୀତର ସ୍ୱର । କୁଆଡ଼େ ଗଲା, ପବନବାହୀ ବାର୍ତ୍ତାର ସୁମଧୁର ଆଳାପ । କିଏ ଚୋରେଇ ନେଲା? ଆହା ! ଗଛତଳ ଛାଇରେ ତାଡ଼ି, ହାଣ୍ଡିଆ ଆସର । ନିଶାପାଣି ବେପାରରେ ବସିଥିବା ଉଠା ସଂସାର । କି ଭରସା, ଏ ଜୀବନକୁ? ଖରା ବର୍ଷା ଶୀତ କାକରରେ ଝାଳ ନିଗାଡ଼ି ଜୀବନ ଜିଇବା ସ୍ୱପ୍ନ ହେଇଗଲା । ଦେହ ମେହେନତିର ମଣିଷ, ମାଟିର ମଣିଷ କି ସ୍ୱପ୍ନରେ, ନିଦରେ, ଶାନ୍ତିରେ ନିଃଶ୍ୱାସ ନେବନି, ରାତିରେ? ରାତିରେ ନଶୋଇଲେ, ସଂସାର ପାଇଁ କାମକୁ ବାହାରିଯିବ କେମିତି, କାଲି ସକାଳେ ।

ଦେଖୁଦେଖୁ, ହାର ବୁଢ଼ୀ ରାତିଅଧିଆ ବାହାରିଛି, ମଶାଣି ଭୂଇଁ । ଗୋଡ଼କୁ ଟେକି ପାଦରେ ଚାଲି ଚାଲି ଘୁଅ ଚରେ, ଡାଆଣୀ ହେଇ । କଅଁଳା ଛୁଆର ଜିଅନ୍ତା ମାଂସ ଖାଏ । ମଲା ଛୁଆକୁ ବଞ୍ଚାଏ । ଖେଳାଏ । ଗେଲ କରେ । ଭୋର୍ ଭୋର୍ ଘରମୁହାଁ ହୁଏ ।

ଭୋର୍‌ରୁ, ନିଦରୁ ଉଠି ବାରିକଘରର ପୁଅ ଝିଅ ବହି ପଢ଼ନ୍ତି । ପାଠ ଘୋଷନ୍ତି । ଛବିଳ ମଧୁ ବର୍ଣ୍ଣବୋଧରୁ ବନାନ ଶୁଦ୍ଧି ହୁଅନ୍ତି । ଶଙ୍କି ବିଲେଇ ଜୁଳୁଜୁଳୁ ଅନାଇଥାଏ ତ ନଜର ଥାଏ ଖଳାବାଡ଼ିର ଗଭୀର ବିଲ ଧାନକଳିର ଗାଦିତଳ ମାଟିକୁ । ମୂଷାଗାତର ମାଟିକୁ, ଧାନର ଅମାରକୁ । ଅଥଚ ବହିରେ ଲେଖାଥାଏ, "ବିଲେଇ ନାନୀ ଉଠାଏ ଫଟୋ ମୂଷାପଲଙ୍କୁ ଦେଖି ।"

ଦିନେ କିନ୍ତୁ ସାତତାଳ ପାଣିତଳ ନଅରର ରାକ୍ଷସ ମଲା । ମଲା, ଭଅଁର । ଯେଉଁ ଭଅଁରଟି ରାକ୍ଷସର ଜୀବନନାଟିକା ।

ଚାହୁଁ ଚାହୁଁ, ସ୍ୱପ୍ନ ଲାଗିଲା ସତ ।
ଦେଖୁଦେଖୁ, ସତ ଲାଗିଲା ସ୍ୱପ୍ନ ।
ଅତଏବ, ଜୀବନ ସ୍ୱପ୍ନ ଆଉ ସତ, ସତ ଆଉ ସ୍ୱପ୍ନ ।

ଏତେସବୁ କଥା ଜାଣିବା ବେଳକୁ କିଛିଦିନ ବିତିଯାଏ । ବିତିଯାଏ, ମାସମାସ, ବର୍ଷବର୍ଷ । ପୂର୍ବଭଳି ସମୟ ହୁଏ ସ୍ୱାଭାବିକ । ସବୁକିଛି ହୁଏ ଠିକ୍‌ଠିକ୍ । ସମୟର ବାଟଭୁଲାମନ ଆଉ ଅନ୍ୟମନସ୍କ ମନଟି ଧାରାବାହିକ ବିବରଣୀରୁ, ପ୍ରବଚନରୁ ବିରତ ହେଇ ପୁଣି ଫେରିବାବେଳକୁ ଲାଗିଯାଏ ଅନେକ ଦିନ । ଅନେକ ରାତି ।


ପୁଣି ସମୟ ଫେରେ, ଫେରିବା ବାଟକୁ । ଆଲୁଅ ପରି ନୁହେଁ, ଲତା ପରି । ଗୁଡ଼େଇ ତୁଡ଼େଇ । ଲାଗେ, ଯୁଗଟିଏ ବିତିଗଲା । ଯେମିତି, ହଜିଯାଇଥିବା ଅନିମା, ଦିନେ ନା ଦିନେ ଅବଶ୍ୟ ଫେରିବ । ■

'ଆମ ଘର'
ନିଉ କଲୋନି, ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର- ୭୫୬୦୦୧
ମୋ: ୯୪୩୭୨୧୨୯୨୬୫

## ପୁସ୍ତକ ଓ ପତ୍ରିକା ପରିଚୟ

### ସୁଭାଷିତ ଶତଦଳ

ସୁଷମା ପରିଜା




ବନଫୁଲ
ଭିଏସ୍‌ଏସ୍ ନଗର,
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୨୨୫ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି ସୁଷମା ପରିଜାଙ୍କ 'ସୁଭାଷିତ ଶତଦଳ' ପୁସ୍ତକ । ଏହି ପୁସ୍ତକରେ ୧୦୦ଟି ପ୍ରବନ୍ଧ ସଂକଳିତ ହୋଇଛି । ପ୍ରତିଟି ପ୍ରବନ୍ଧରେ ଜୀବନ ଜିଜ୍ଞାସା, ଜୀବନର ମୂଲ୍ୟବୋଧ, ମାନବିକତା, ଦାର୍ଶନିକ ଚିନ୍ତାଧାରା , ଐଶ୍ୱରୀୟ ଚେତନା ପ୍ରତିଫଳିତ ହୋଇଛି । 'ବର୍ତ୍ତମାନ ସମୟ ହିଁ ଶ୍ରେଷ୍ଠ ସମୟ', 'ଅନ୍ୟର କଥା ଶୁଣି ବିବ୍ରତ ହୁଅନା', 'ବୂ୍ୟହଭେଦ', 'ସଂପର୍କ', 'ଆଧ୍ୟାତ୍ମିକତା', 'ମଧୁମୟ ବିଶ୍ୱ', 'ଜୀବନ ଏକ ଯାତ୍ରା', 'ସମାଜ ଆଉ ଆମେ', 'କଷ୍ଟ କଲେ କୃଷ୍ଣ ମିଳେ', 'କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ', 'ସୁଖର ସନ୍ଧାନ', 'ନୀରବତାର ହିଁ ଶ୍ରେୟସ୍କର', 'ଜୀବନ ଅଳିକ', 'ଉତ୍ତମ ବନ୍ଧୁ' ଆଦି ପ୍ରବନ୍ଧଗୁଡ଼ିକ ମନନଶୀଳ, ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । 'ସୁଭାଷିତ ଶତଦଳ'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ

ପ୍ରଭାତ ସିହ୍ନା




ଶାନ୍ତିସେନା ପବ୍ଲିକେଶନ୍‌ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୧୫୦ ଟଙ୍କା

ଜଣେ ବୁଢ଼ୀମା'ର ପ୍ରେମ, ମମତା ଓ ସଂଘର୍ଷମୟ ଜୀବନକୁ ନେଇ ଗତିଶୀଳ ହୋଇଛି 'ବୁଢ଼ୀମା' ଗପର କାହାଣୀ । ପ୍ରଭାତ ସିହ୍ନାଙ୍କ 'ବୁଢ଼ୀମା ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକରେ ସଂକଳିତ ହୋଇଛି ୧୪ଟି ଗପ । 'ଖରା ଲେଉଟାଣି', 'ବୁଢ଼ୀମା', 'ପ୍ଲାଟ୍‌ଫର୍ମ ଟିକଟ', 'କଣ୍ଢେଇ ରାଣୀ', 'ଭୋକ ଓ ଭୋଟ', 'ଅଧାଖୋଲା ଝର୍କା', 'ପ୍ରେମ ଓ ପ୍ରଳୟର ପର୍ବ', 'ସପନର ରେଳଗାଡ଼ି', 'ଲଭ ଷ୍ଟେସନ୍' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକରେ ସଂକଳିତ ଗପଗୁଡ଼ିକ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା, ଜୀବନଧର୍ମୀ ହୋଇଛି । ଏକ ଅପ୍ରୀତିକର ଘଟଣାରୁ କିଭଳି ଦୁଇଟି ପରିବାର ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଛି, ତାହା 'ସପନର ରେଳଗାଡ଼ି' ଗଳ୍ପରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ଏହି ପୁସ୍ତକର ଗପଗୁଡ଼ିକର ସରଳ ଭାଷା, ନିଆରା କାହାଣୀ ପାଠକମାନଙ୍କୁ ବାନ୍ଧି ରଖିବ ବୋଲି ଆଶା କରାଯାଏ । ■

### ଲେଖନୀ

ମୁଖ୍ୟ ସଂପାଦକ: ଅକ୍ଷୟ କୁମାର ଜେନା



ଧର୍ମଶାଳା ସଂସ୍କୃତି ପରିଷଦ
ଧର୍ମଶାଳା, ଯାଜପୁର
ମୂଲ୍ୟ ୫୦ ଟଙ୍କା

ଅକ୍ଷୟ କୁମାର ଜେନାଙ୍କ ସଂପାଦନାରେ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ଲେଖନୀ'ର ସାରଳା ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାରେ କୃଷ୍ଣ ବଳଙ୍କ 'ସେ ଯେମନ୍ତ ଲେଖିଲେ, କେମନ୍ତ ଲେଖିଲେ: ସାରଳାଙ୍କ ମନୋଚେତନା', ପଣ୍ଡିତ କାମଦେବ ଶତପଥୀଙ୍କ 'ଦୁଇ ମହାଭାରତ: ସଂସ୍କୃତ ଓ ଓଡ଼ିଆ ପ୍ରାକୃତ', ବାମଦେବ ପାଢ଼ୀଙ୍କ 'ପ୍ରାକୃତ ସାହିତ୍ୟର ଆଦିପର୍ବ ଓ ଶୂଦ୍ରମୁନି ସାରଳା ଦାସ', ଡକ୍ଟର ସନ୍ତୋଷ କୁମାର ମହାପାତ୍ରଙ୍କ 'ସାରଳା ମହାଭାରତରେ ଚର୍ଯ୍ୟାଗୀତିର ଭାଷା' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । ସାରଳା ଦାସଙ୍କ କୃତିଗୁଡ଼ିକ ସଂପର୍କରେ ଜାଣିବା ପାଇଁ 'ଲେଖନୀ'ର ଏହି ସଂଖ୍ୟାଟି ଅତ୍ୟନ୍ତ ଉପାଦେୟ । 'ଲେଖନୀ'ର ସାରଳା ବିଶେଷାଙ୍କ ଗବେଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ସଂଗ୍ରହଣୀୟ ନିଶ୍ଚୟ । ■

## ଅଜାତଶତ୍ରୁ

ଫନୀ ମହାନ୍ତି



ମୋହବନ୍ଧର ମାୟାଜାଲରୁ
ବିମୁକ୍ତ କରି
ମତେ ନୂଆ ଜୀବନ ଦିଅ
ମୁଁ ତଲ୍ଲୀନ ହୋଇଯିବାକୁ
ଚାହେଁ ଭୂମିରେ
ଭୂମାରେ, ଘଟରେ
ପଟରେ , ଅଘଟନ ଘଟନ
ପଟିୟସୀ ମାୟାବର୍ତ୍ତର
ମାୟାନ୍ଧକାରରେ
ସଚରାଚରରେ, ମଧୁର ପ୍ରେମରେ ।

ଅନୌପଚାରିକତାରେ
ଅଣଲୋଡ଼ାରେ ମୋର
ହୋଇ କିଛି ହିଁ
ନରହୁ ଯେ' ଭବବନରେ,


ମୋର ପରିଚିତି
ମୋର ଅସ୍ମିତା
ମୋର ସ୍ୱାଭିମାନ
ମୋର ଅହଂକାର
ନିପାରିଲାପଣର
ନିଟୋଳ ପୁରୁଷକାର
ବିନଷ୍ଟ ହୋଇଯାଉ ପଛେ

କାଳକାଳ ଅନନ୍ତକାଳ
କିନ୍ତୁ, ଲକ୍ଷ୍ୟଚ୍ୟୁତ ନ ହେଉ

ମୋ ଗାଣ୍ଡିବ ତୂଣୀରର ନିକ୍ଷିପ୍ତ
ଶରଜଳରେ
ମୁଁ ଥାଏ କି, ନ ଥାଏ
ଆମ ଏହି ଦ୍ୟାବା ପୃଥିବୀରେ

ବିଷାଦ ଅପନୋଦନର
ଅଭୟ କବଚ
ଦିଅ ମତେ ଈଶ୍ୱର
"ହେ ପରମେଶ୍ୱର!
ନିତ୍ୟ ନୂତନତାରେ ଉନ୍ମୀଳିତ କର
ମତେ ଉନ୍ମୁଖ କର
ବିସ୍ତୃତରୁ ବିସ୍ତୃତତର କର
ଅଜାତଶତ୍ରୁ କର
ନିଟୋଳ ପ୍ରେମର ମଧୁରିମାରେ
ମତେ ଉଦ୍ଦୀପିତ କର
ଛଳଛଳ ଛଳକପଟରୁ ମୁକ୍ତ
କର ହେ ମୋର ପ୍ରିୟତମ ଅବିନଶ୍ୱର ॥ ■

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର



## ସମୟ ତା' ନିଜ ବାଟରେ

ଅପର୍ଣ୍ଣା ମହାନ୍ତି



ସମୟ ତା' ନିଜ ବାଟରେ
ଅପର୍ଣ୍ଣା ମହାନ୍ତି
ମହାକାଳର ବା
କ'ଣ ଯାଏ ଆସେ !

ମଣିଷ ଇ
ବଦଳାଉଥାଏ କ୍ୟାଲେଣ୍ଡର
ମଣିଷ ପାଇଁ ହିଁ
ଆରମ୍ଭ ହୁଏ ଓ ସରିଯାଏ
ସମୟ... ।

ସମୟକୁ ହାତମୁଠାରେ
ଧରି ରଖିବାର ଅହଙ୍କାର
ଏଇ ମଣିଷର,
ମଣିଷକୁ ଇ
ଛଟପଟ କରେ ମୃତ୍ୟୁର ଆତଙ୍କ
କାଳ ଗ୍ରାସର ଭୟ ।

କାଳେ କେତେବେଳେ ମରିଯିବ
ତା' ଆଗରୁ, ସାରା ବସୁନ୍ଧରାକୁ
ପଦାନତ କରିଯିବ ବୋଲି ତ
ସେ ଥରକୁ ଥର
ରକ୍ତରେ ମାଟି ପଖାଳେ

ବିନାଶର ତାଣ୍ଡବରେ
ସମୟକୁ ଥରହର କରେ

ପାଣି, ପବନ, ଆକାଶ
ଆଲୋକରେ ବିଷ ଭରେ
ସର୍ବନାଶର ଶିଖରରେ
ପତାକା ପୋତି
ଘୋଷଣା କରେ
ବିଜୟ...ବିଜୟ...

ଏତେ ଜଞ୍ଜାଳ ନ ଥାଏ
ଚଢ଼େଇ ଛୁଆର
ଫୁଲ ପାଖୁଡ଼ାର
କି ଶୀତ ସକାଳର
ଏଇ କାକର ଟୋପାର ।

ନା ଏସବୁ ଦ୍ୱନ୍ଦ୍ୱ ସଂଘାତ
ବି ନଥାଏ ଆଣ୍ଠୁଆ ଗୋପାଳର
ବୁଲା ଫକୀରର


ମୁଗ୍ଧ ପ୍ରେମିକର
ବିଭୋର କବିର
ମଗ୍ନ ସନ୍ନ୍ୟାସୀର... ।

ସମୟକୁ ଏମାନେ
ତା' ନିଜ ବାଟରେ
ଯିବାକୁ ନେଲାବେଳେ
ମହାକାଳ,
ଏଇମାନଙ୍କ ନିଷ୍ପାପପଣର
ପଛେ ପଛେ...
ଛପି ଛପି ଗୋଡ଼ାଇଥାନ୍ତି
ଖାଲି ଦିଶିବାକୁ
ଟିକିଏ ନିର୍ମଳ, ନିର୍ଭୟ । . ■

ଗ୍ରା:/ପୋ: କପାଳେଶ୍ୱର
ଭାୟା: ଠାକୁରପାଟଣା
କେନ୍ଦ୍ରାପଡ଼ା- ୭୫୪୨୫୦




# "କେତେ ରଙ୍ଗଭରା ସାହିତି୍ୟକ ଜୀବନ"



ପୀତବାସ ରାଉତରାୟ

କେତେ ରଙ୍ଗର ଏ ଜୀବନ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମୋର ମନେ ପଡ଼ିଯାଉଛି କିମ୍ବଦନ୍ତୀ ପୁରୁଷ ଚନ୍ଦ୍ରଶେଖର ରଥଙ୍କ କଥା । ସେ ପ୍ରଥମେ ପ୍ରବନ୍ଧ ଓ ରମ୍ୟ ରଚନାରୁ ଆରମ୍ଭ କଲେ ସାହିତି୍ୟକ ଜୀବନ । ପରେ ପରେ ଲେଖି ଚାଲିଲେ ଅସରନ୍ତି ଗଳ୍ପ ତା' ସାଙ୍ଗକୁ ଚହଳ ପକାଇଲା ଭଳି ତିନୋଟି ଉପନ୍ୟାସ । ତା' ପରେ ଆସିଲା କବିତା । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଲେଖିଲେ ଗଦ୍ୟର ଗୀତଗୋବିନ୍ଦ 'ରଥ ସପ୍ତକ' । ଲେଖା ସହ ଚିତ୍ର ଆଙ୍କିଲେ, ପଥରରେ ମୂର୍ତ୍ତି ଗଢ଼ିଲେ । ଶେଷ ଜୀବନରେ ସଂସ୍କୃତରେ ଶ୍ଳୋକ ଲେଖିବା ଆରମ୍ଭ କରି ଶ୍ରୀଜଗନ୍ନାଥଙ୍କୁ ରଥରେ ସମର୍ପି ଦେବା ପାଇଁ ମୋତେ ଯେତେବେଳେ ଦେଲେ ମୁଁ ସେତେବେଳେ କହିଲି "ସାର୍ ଆପଣ ଓଡ଼ିଆ ଓ ଇଂରାଜୀରେ ସାହିତ୍ୟର ପ୍ରାୟ ସବୁ ଦିଗକୁ ଛୁଇଁ ଚିତ୍ର କଳାକୁ ଆସିଲେ ପୁଣି ଏବେ ସଂସ୍କୃତ ଲେଖନୀ!" ସେ ପଦେ ହସି କହିଥିଲେ "ମାଲିକ ଆମକୁ ଜନ୍ମ ଦେଇଛନ୍ତି ଆମ ଦ୍ୱାରା ଯାହା ସେ କରେଇ ନେବେ ଆମେ ତାକୁ ଆଶୀର୍ବାଦ ବୋଲି ଭାବି ନେବା । " ତାଙ୍କ ଭଳି ଜଣେ ପ୍ରବାଦ ପୁରୁଷଙ୍କ କଥା ମୋର ମନେ ପଡ଼େ ଯେତେବେଳେ ମୁଁ ସାହିତ୍ୟ ରାଜ୍ୟରେ ନିଜକୁ ବିଶ୍ଳେଷଣ କରେ ।

ମୋର ଜନ୍ମ ଏକ ବିଶ୍ୱ ପ୍ରସିଦ୍ଧ ସ୍ଥାନ କୋଣାର୍କ ମନ୍ଦିରର ନିକଟବର୍ତ୍ତୀ ଗ୍ରାମରେ, ଯେଉଁ ଗ୍ରାମର ପୋଖରୀ ତୁଠରୁ କୋଣାର୍କ ମନ୍ଦିର ଦୃଶ୍ୟମାନ ହୁଏ । ଗାଁ ଚାରିପାଖ ବାଲିବନ୍ତ ଓ ଝାଉଁଗଛ । ପିଲାଦିନେ ବାଲିବନ୍ତରେ ଖେଳିବାର ଆନନ୍ଦ ଓ ରାତି ହେଲେ ଜହ୍ନ ଆଲୁଅ ଫାଙ୍କରେ ଝାଉଁଗଛର ଶୋଭା, ଅଦୂରରେ ସମୁଦ୍ରର ଗର୍ଜନ ମନ ଭିତରେ ଗୋଟିଏ ସୃଜନାତ୍ମକ ପରିବେଶ ସୃଷ୍ଟି କରିଥିଲା । ପିଲାଦିନରୁ କୋଣାର୍କ ମନ୍ଦିରର ଶିଳ୍ପକଳା ମନ ଭିତରେ ବିସ୍ମୟ ସୃଷ୍ଟି କରିଥିଲା । ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ଚାଲି ଆସିଲି ଭୁବନେଶ୍ୱର ଯେତେବେଳେ ବାପା ଥିଲେ ସମବାୟ ବିଭାଗରେ ଶିକ୍ଷା ଓ ସଂପ୍ରସାରଣ ଅଧିକାରୀ । ଘରକୁ ଯେତେବେଳେ ଆସୁଥିଲା ସବୁ ଖବର କାଗଜ । ଯେଉଁଥିରେ ଶିଶୁମାନଙ୍କ ପାଇଁ ଗୋଟିଏ ଲେଖାଏଁ ପୃଷ୍ଠା ପ୍ରତି ସପ୍ତାହରେ ମିଳୁଥିଲା । ମୀନାବଜାର ଉଦୟଭାନୁ ପରି ଶିଶୁ ସାହିତ୍ୟ ପୃଷ୍ଠା ମୋ ମନରେ କବିତା ଲେଖିବା ପାଇଁ ସୃଷ୍ଟି କଲା ପ୍ରେରଣା । ସେଇ କବିତାରୁ ଆରମ୍ଭ ହେଲା ସାହିତି୍ୟକ ଜୀବନ ପିଲାଦିନୁ । ବାପାଙ୍କ ସହ ଯୁଆଡ଼େ ବୁଲିଯାଏ ସେହି ସ୍ଥାନର ବର୍ଣ୍ଣନା କବିତାରେ ପ୍ରକାଶ କରୁଥାଏ । ତା'ପରେ ସ୍କୁଲ ପତ୍ରିକାରୁ ଲେଖା ପ୍ରକାଶ ପାଇ ସାହିତ୍ୟ ପତ୍ରିକାରେ ଲେଖା ପ୍ରକାଶ ପାଇଲା । ବାଣୀବିହାରରେ ଏମ୍.ଏ. ପାଠ ପଢ଼ିଲା ବେଳେ ସାଙ୍ଗମାନଙ୍କୁ ନେଇ ଆରମ୍ଭ କଲି ତ୍ରୈମାସିକ ସାହିତ୍ୟ ପତ୍ରିକା 'ନବତରଙ୍ଗ' । ସାହିତ୍ୟ ରଚନା ସହ ସମ୍ପାଦନାରେ ହାତଦେଇ ଓଡ଼ିଶାର ବହୁ ଲେଖକଙ୍କ ସଂସ୍ପର୍ଶରେ ଆସି ମୋର ସାହିତ୍ୟ ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହେଲା । 'ନବତରଙ୍ଗ' ପତ୍ରିକା ୧୯୭୩ରୁ ୧୯୭୫ ମୋର ବାଣୀବିହାର ଏମ୍.ଏ. ପଢ଼ିବା ପର୍ଯ୍ୟନ୍ତ ପ୍ରକାଶ ପାଇ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ତା'ପରେ ସର୍ବଭାରତୀୟ ସଂସ୍ଥାରେ ଚାକିରି କରି ଓଡ଼ିଶା ଓ ଓଡ଼ିଶା ବାହାରେ ରହି ଗଳ୍ପ ରାଜ୍ୟରେ ପ୍ରବେଶ କଲି ଓ ବିଭିନ୍ନ ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇ ପାଠକଙ୍କଠାରୁ ପ୍ରଶଂସା ମୂଳକ ଚିଠିପାଇ ମନ ଖୁସି ହେଉଥିଲା । ଧୀରେ ଧୀରେ କାମର ଚାପରେ ସାହିତ୍ୟ ରାଜ୍ୟ ସଙ୍କୁଚିତ ହୋଇଗଲା । ପୁଣି ଓଡ଼ିଶା ଆସିଲା ପରେ ଗଳ୍ପ ରଚନା ସହ ଆରମ୍ଭ କଲି ବ୍ୟଙ୍ଗଗଳ୍ପ ଓ ରମ୍ୟରଚନା । ପ୍ରଥମେ 'ଖାରିଆଖଡ଼ା' ବ୍ୟଙ୍ଗ ନାମରେ ସମ୍ବାଦ ପୃଷ୍ଠାରେ ଏକ ପାକ୍ଷିକ ସ୍ତମ୍ଭ ୧୯୯୦ରୁ ଲେଖିବା ଆରମ୍ଭ କଲି, ଯାହା ଅତି ଲୋକପ୍ରିୟ ହେବାରୁ ତାକୁ ସାପ୍ତାହିକ ସ୍ତମ୍ଭ କରିବା ପାଇଁ ଅନୁରୋଧ ଆସିଲା । ସମ୍ବାଦରେ ସାପ୍ତାହିକ ଲେଖିବା ସହ 'ସମୟ' ଖବର କାଗଜରେ 'ଅଧୂଆମୂଳା' ନାମରେ ପୁଣି ସାପ୍ତାହିକ ଲେଖା ଲେଖିଲି । ଦୁଇଟି ଛଦ୍ମ ନାମରେ ସଫଳ ହେବାରୁ ମୁଁ ନିଜ ନାମରେ ବ୍ୟଙ୍ଗ ଗଳ୍ପ ଓ ରମ୍ୟରଚନା ଲେଖିବା ଆରମ୍ଭ କଲି । ଏହିଭଳି ଲେଖା କାମ ଚାଲିଥିବାବେଳେ ପ୍ରବେଶ କଲେ ପ୍ରଭୁ ଶ୍ରୀଜଗନ୍ନାଥ ।

ପିଲାଦିନୁ ବାପାଙ୍କ ସହ ପ୍ରତିବର୍ଷ ରଥଯାତ୍ରାରେ ଯାଇ ତିନି ରଥରେ ଭୋଗ କରିବା ପରମ୍ପରାରେ ସାମିଲ ହୋଇ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ବଢ଼ି ଚାଲିଥାଏ । ବାପାଙ୍କୁ ନବେ ବର୍ଷ ହେବା ପରେ ଶାରୀରିକ ଅକ୍ଷମତା ଯୋଗୁ ତାଙ୍କର ପୁରୀ ଯିବା ସମ୍ଭବ ହେଲା ନାହିଁ । ବାପା ସବୁବେଳେ କହୁଥିଲେ ନିଜ ପାଇଁ କିଛି ମାଗିବୁ ନାହିଁ ପୃଥିବୀର ମଙ୍ଗଳ କାମନା କଲେ ତା' ଭିତରେ ତୁ ମଧ୍ୟ ସାମିଲ ହୋଇଯିବୁ । ବାପା ରଥଯାତ୍ରା ବେଳେ ପୁରୀ ନ ଯାଇ ପାରୁଥିବାର ଦୁଃଖ ଦୂର କରିବା ପାଇଁ ମୁଁ ବାପାଙ୍କୁ ପ୍ରସ୍ତାବ ଦେଲି ବାପା ଆମେ ରଥରେ ଭୋଗ କରି ଘରେ ଖାଇ ନେଉଛୁ ବିଶ୍ୱବାସୀଙ୍କ ପାଇଁ କ'ଣ ଭୋଗ ଦେଉଛୁ? ମୁଁ ଭାବୁଛି ବହୁ ଲୋକଙ୍କ ଅନୁଭୂତିକୁ ସଂଗ୍ରହ କରି ପ୍ରତିବର୍ଷ ରଥରେ ଆମ ଘର ଭୋଗ ସହ ପୁସ୍ତକଟିଏ ସମର୍ପଣ କରିବା ତା' ହେବ ବିଶ୍ୱବାସୀଙ୍କ ପାଇଁ ଭୋଗ । ବାପା ଭାଗ ଗଦ୍‌ଗଦ୍ ହୋଇ ମୋ ପକେଟରେ ୧୦୦୦ ଟଙ୍କା ଗୁଞ୍ଜି ଦେଲେ । ସେଇ ହଜାର ଟଙ୍କାର ମୂଳ ଧନରେ ମୁଁ ୨୦୦୬ ମସିହାରେ ଆରମ୍ଭ କଲି ଅନୁଭୂତି ଓ ଅନୁଭବର ସଂକଳନ । ଆଜି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ନେଇ ୨୪ଟି ଅନୁଭୂତିର ସଂକଳନ ଯାହା ସବୁ ଅ'ରୁ ଆରମ୍ଭ 'ଅନୁଭୂତିରେ ଶ୍ରୀଜଗନ୍ନାଥ', 'ଅନୁଭବରେ ଶ୍ରୀଜଗନ୍ନାଥ' ଏପରି ହୋଇ ୨୦୨୫ରେ ପ୍ରକାଶ ପାଇଛି 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ' । ସେହିଭଳି ଶ୍ରୀଜଗନ୍ନାଥଙ୍କୁ ନେଇ ଓଡ଼ିଶାର ପ୍ରତିଷ୍ଠିତ ଗାଳ୍ପିକମାନଙ୍କ ଗଳ୍ପକୁ ନେଇ ୧୦ ଗଳ୍ପ ସଂକଳନ, ୪ଟି ଗବେଷଣାମୂଳକ ପ୍ରବନ୍ଧ ସଂକଳନ ଓ ପ୍ରାଚୀନ ଓଡ଼ିଆ କବିଙ୍କ ରଚନାରୁ ଗୋଟିଏ କବିତା ସଂକଳନ । ଏହା ବ୍ୟତୀତ ମୋର ନିଜର ୩ଟି ଗଳ୍ପ ପୁସ୍ତକ, ୬ଟି ବ୍ୟଙ୍ଗ ପୁସ୍ତକ ମଧ୍ୟ ପ୍ରକାଶ ପାଇଛି । ମୁଁ ଗଳ୍ପ ଲେଖକରୁ ବ୍ୟଙ୍ଗଗଳ୍ପ ଲେଖକ ଓ ଏବେ ଜଗନ୍ନାଥିଆ ନାମରେ ନାମିତ ହୋଇ ଗଲାଣି ମାତ୍ର ଶ୍ରୀଜଗନ୍ନାଥଙ୍କ କୃପାରୁ ମୋର ଗଳ୍ପ, ବ୍ୟଙ୍ଗଗଳ୍ପ ଓ ଶ୍ରୀ ଜଗନ୍ନାଥଙ୍କୁ ନେଇ ରଚନା ପ୍ରକାଶ ପାଇ ଚାଲିଛି ସବୁ ସେଇ ମାଲିକଙ୍କ ଇଚ୍ଛା । ତା' ସହିତ ବିଭିନ୍ନ ସାହିତ୍ୟ ସଙ୍ଗଠନରେ ମଧ୍ୟ ସାମିଲ ହୋଇ ଅବସର ଜୀବନ ବିତାଉଛି । ଚାରିଟି ପୁସ୍ତକ ହିନ୍ଦି, ବଙ୍ଗଳା ଓ ଇଂରାଜୀରେ ଅନୁବାଦ ହୋଇଛି ଓ ବହୁ ପୁରସ୍କାର ଓ ସମ୍ବର୍ଦ୍ଧନାରେ ପୋତି ପକାଇ ଅବସର ଜୀବନକୁ କର୍ମମୟ କରିଦେଇଛନ୍ତି ପ୍ରଭୁ । ■

ମୋ: ୯୪୩୭୫୭୪୬୪୯

## ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଘଟଣାର ଦୃଢ଼ ନିନ୍ଦା କଲା ବିଜେଡି

# ବିଡିଓଙ୍କୁ ଆକ୍ରମଣ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର

ଭୁବନେଶ୍ୱର,୩।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଏବଂ ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ବିଜେଡି। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ପରଠାରୁ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେଉଛି ବୋଲି ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜନଗର ମହିଳା ବିଡିଓଙ୍କୁ ୪୦ରୁ ଅଧିକ ବିଜେପି କର୍ମୀ ଘେରି ଯାଇ ଆକ୍ରମଣ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ଅବିହିତ କରିଛନ୍ତି। ଡ. ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ସହିତ ୪୦ରୁ ଅଧିକ ବିଜେପି କର୍ମୀ ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ ଅଫିସରେ ପଶି ହଙ୍ଗାମା କରିଥିଲେ। ଏପରିକି ତାଙ୍କ କଥାରେ କାମ କରିବାକୁ ବିଡିଓଙ୍କୁ ଧମକ ଦେଇଥିଲେ। ବିଡିଓ କହିଥିଲେ ଯେ ସରକାରଙ୍କ ନିୟମ ଅନୁଯାୟୀ କାମ ହେବ। ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ନେତା ଲଳିତ ବେହେରା ବିଡିଓଙ୍କ ଟେବୁଲ ଉପରେ ଥିବା କମ୍ପ୍ୟୁଟର ଉଠାଇ ଆକ୍ରମଣ ଉଦ୍ୟମ କରିଥିଲେ । କର୍ମୀମାନେ ହାତ ଧରି ଦେବାରୁ ଅଳ୍ପକେ ବିଡିଓଙ୍କ ଜୀବନ ରକ୍ଷାପାଇଯାଇଛି। ଏହା ପରେ ବି ତାଙ୍କ କଥାରେ କାମ ନକଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବିଡିଓଙ୍କୁ ଲଳିତ ଧମକ ଦେଇଥିବା ଜଣାପଡ଼ିଛି। ସିସିଟିଭିରେ ଏହି ସବୁ ଭିଡିଓ ରେକର୍ଡ ହୋଇଛି। ବିଡିଓ ଏ ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ମହିଳା ବିଡିଓଙ୍କ ପ୍ରତି ଏପରି ଅମାନବୀୟ ବ୍ୟବହାରକୁ ଦଳ ଦୃଢ଼ ନିନ୍ଦା କରୁଛି ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଗତ ଜୁନ୍ ୩୦ ତାରିଖରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ ଟାଣି ନେଇ ମାଡ଼ ମାରିଥିଲେ। ବିଜେପି ତୁଙ୍ଗ ନେତାମାନେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଜାମିନ ମିଳିବା ପରେ ଆଣିଥିଲେ, ଯାହା ସଙ୍କେତ ଦେଇଥିଲା ଯେ ବିଜେପି ନେତାମାନେ ସବୁକିଛି କରିପାରିବେ ଏବଂ ସହଜରେ ଖସି ଯାଇପାରିବେ । ଏହି ସମସ୍ତ ଘଟଣା ଓଡ଼ିଶାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପତନ ଘଟାଉଛି । ଏହି ହିଂସାତ୍ମକ ଆକ୍ରମଣର ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ରାଜ୍ୟରେ ଆଇନ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ଡ. ମହାନ୍ତି ଦାବି କରିଛନ୍ତି।

## ଅଚ୍ୟୁତ ସାମନ୍ତଙ୍କୁ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟରୁ ୭୦ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର,୩।୧(ସମିସ):ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ଜୟପୁରରେ ଥିବା ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୦ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ଚେୟାରପର୍ସନ ଓ. ପି ଅଗ୍ରୱାଲ୍ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ଜେଇସିଆର୍‌ସି ଫାଉଣ୍ଡେସନ୍ ହେଉଛି ୨୫ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ। ଏଥିରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଏବେ ଅଧ୍ୟୟନ କରୁଛନ୍ତି। ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଶ୍ରୀ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।




## ଅବଶିଷ୍ଟାଂଶ

### ଟ୍ରମ୍ପ ସେନା କବଜାରେ...

କବଜା କରିଥିବା ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ'ରେ ସୂଚନା ଦେଇଥିଲେ। ଏସଂପର୍କରେ ପରବର୍ତ୍ତୀ ସମୟରେ ବିସ୍ତୃତ ବିବରଣୀ ଦିଆଯିବ ବୋଲି କହିଥିଲେ। କିନ୍ତୁ ନିକୋଲାସଙ୍କୁ କେଉଁଠି ରଖାଯାଇଛି, ତାହା ସେ ଜଣାଇନଥିଲେ। କେବଳ ଏତିକି ସେ ଉଲ୍ଲେଖ କରିଥିଲେ ଯେ ଆମେରିକା ସେନା ଭେନେଜୁଏଲା ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ରାଷ୍ଟ୍ରପତି ଓ ତାଙ୍କର ପତ୍ନୀଙ୍କୁ କବଜା କରିଛି। ସେମାନଙ୍କୁ ବିମାନ ଯୋଗେ ଦେଶ ବାହାରକୁ ନିଆଯାଇଛି। ଏହାପରେ ରାଷ୍ଟ୍ରପତିଙ୍କ ମୁଖପାତ୍ର କେବଳ ଏତିକି କହିଥିଲେ ଯେ ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଓ ନାରକୋଟିକ୍ ଆତଙ୍କବାଦ ମାମଲାର ବିଚାର କରାଯିବ।

ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଭେନେଜୁଏଲା ଉପରେ ବିଷ ଦୃଷ୍ଟି ପକାଇଥିଲେ। ତାଙ୍କ ଟାର୍ଗେଟରେ ଥିଲେ ରାଷ୍ଟ୍ରପତି ନିକୋଲାସ। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ ନିକୋଲାସ ଡ୍ରଗ୍ସ କାରବାର ଚଳାଇଛନ୍ତି ଏବଂ ସେ ବିଶ୍ୱ ପ୍ରତି ଡ୍ରଗ୍ସ ଆତଙ୍କ ସୃଷ୍ଟି କରୁଛନ୍ତି। ଆଉ ଏକ ଅଭିଯୋଗ ଥିଲା ଯେ ଭେନେଜୁଏଲା ରାଷ୍ଟ୍ରପତି ଲକ୍ଷ ଲକ୍ଷ ଲୋକଙ୍କୁ ଆମେରିକା ଭିତରକୁ ବେଆଇନ ଭାବେ ପଠାଉଛନ୍ତି। ୨୦୧୩ ପରେ ଆମେରିକା ଭିତରକୁ ୨୦ ଲକ୍ଷରୁ ଅଧିକ ଭେନେଜୁଏଲା ନାଗରିକ ବେଆଇନ ଭାବେ ପଶି ଆସିଛନ୍ତି। ନିକୋଲାସଙ୍କ ଯୋଗୁଁ ଆମେରିକାରେ ବେଆଇନ ଶରଣାର୍ଥୀ ସମସ୍ୟା ଗୁରୁତର ହୋଇପଡ଼ିଛି। ତେବେ ଏହିସବୁ ଅଭିଯୋଗକୁ ଭେନେଜୁଏଲା ଖଣ୍ଡନ କରି ଆସୁଛି। ସୂଚନାଯୋଗ୍ୟ ଯେ ନିକୋଲାସ ୨୦୧୩ରୁ ରାଷ୍ଟ୍ରପତି ପଦରେ ଅଛନ୍ତି।

ଇତିମଧ୍ୟରେ ଭେନେଜୁଏଲା ସରକାର ଟ୍ରମ୍ପଙ୍କ ଆକ୍ରମଣର ଦୃଢ଼ ନିନ୍ଦା କରିଛନ୍ତି। ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ଆମେରିକା ଆମ ଉପରେ ଆକ୍ରମଣ କରିଛି। ତେବେ ଏହାକୁ ନେଇ ଦେଶରେ ଅରାଜତା ସୃଷ୍ଟି ନକରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେନା ମୁତୟନ କରାଯାଇଥିବା ସେ ଘୋଷଣା କରିଛନ୍ତି। କିନ୍ତୁ ରାଷ୍ଟ୍ରପତି ନିକୋଲାସଙ୍କ ସଂପର୍କରେ ସେ କିଛି କହି ନାହାନ୍ତି।

### ମହିଳା ବିଡିଓଙ୍କୁ...

କରିବା ସହ ହଂସୁଆ ସେତୁ ନିକଟରେ ରାସ୍ତା ଅବରୋଧ, ପୋଡ଼ାଜଳା ଓ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ସନ୍ଧ୍ୟାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ରାଜନଗରରେ ଉତ୍ତେଜନା ଲାଗିରହିଛି।

ଗତକାଲି ଯେଉଁ ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜନଗର ଗସ୍ତରେ ଥିଲେ, ଠିକ୍ ସେହି ସମୟରେ ବିଜେପି ନେତା ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ। ବିଡିଓଙ୍କୁ ସରକାରୀ କାର୍ଯ୍ୟରେ ଅନିୟମିତତା କରିବାକୁ ବାଧ୍ୟ କରିଥିଲେ। ବିଡିଓ ପୃଷ୍ଟି ମନା କରିବାରୁ ପ୍ରଥମେ ଲଳିତ ଓ ତାଙ୍କ କର୍ମୀମାନେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ବିଡିଓ ଏହାର ପ୍ରତିବାଦ କରିବାରୁ ଲଳିତ ବିଡିଓଙ୍କ ସରକାରୀ ଲାପଟପକୁ ଟାଣି ଆଣି ତାଙ୍କ ଉପରକୁ ଫୋପାଡ଼ିବାକୁ ଉଦ୍ୟମ କରିଥିଲେ। ଅନ୍ୟ କର୍ମୀମାନେ ତାଙ୍କଠାରୁ ଲାପଟପ ଛଡ଼ାଇ ଆଣିଥିଲେ। ଏହାପରେ ସେମାନେ ବିଡିଓଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ କଥାରେ କାମ ନ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ବିଡିଓ ସରକାରୀ କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ସମ୍ପାଦନ କରିବାକୁ ଦେଇ ନ ଥିଲେ ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ପାତ୍ର ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ବିଡିଓଙ୍କୁ ତାଙ୍କ ବାସଭବନରେ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

ଆଜି ସରପଞ୍ଚ ସଂଘ ସଭାପତି ଆଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ, ସମିତି ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବ୍ଲକ କ୍ୟାମ୍ପସରୁ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ହଂସୁଆ ସେତୁ ନିକଟରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ମହିଳା ବିଡିଓଙ୍କୁ ଆକ୍ରମଣ କରିଥିବା ବିଜେପି ନେତାଙ୍କୁ ଗିରଫ ଦାବିରେ ଆନ୍ଦୋଳନ ଜୋରଦାର ହୋଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ରାଜନଗର, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସପି ସୁଧାକର ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା ଉତ୍ୟକ୍ତ ଜନତା ଓ ବିଜେଡି କର୍ମୀଙ୍କ ସହ ଆଲୋଚନା କରିଥିଲେ। ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ପତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

### ମିଳିବ ୫୦%...

ବ୍ୟବସ୍ଥା ରହିଛି। ତେଣୁ ଏହାକୁ ପୁରୁଣା ପେନସନ ଯୋଜନା ସହ ତୁଳନା କରାଯାଉଛି। ରାଜସ୍ଥାନ, ହିମାଚଳ ପ୍ରଦେଶ ଭଳି ରାଜ୍ୟ ଓପିଏସକୁ ଫେରିବାକୁ ନିଷ୍ପତ୍ତି ନେଇଥିବାବେଳେ ତାମିଲନାଡୁ ଏକ ହାଇବ୍ରିଡ ମଡେଲ ଆପଣାଇଛି। ଏବେ ରାଜ୍ୟରେ ପ୍ରାୟ ୬ ଲକ୍ଷ ସରକାରୀ କର୍ମଚାରୀଙ୍କୁ ଏହାର ଲାଭ ମିଳିବ।

### ଯବାନଙ୍କ ଗୁଳିରେ...

ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ। ଯବାନଙ୍କ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଏଥିରେ ୧୪ଜଣ ମାଓବାଦୀ ନିହତ ହୋଇଥିଲେ। ଅନ୍ୟ ମାଓବାଦୀମାନେ ପ୍ରାଣ ବିକଳରେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ସୂଚନା ଥାଉକି, ଛତିଶଗଡ଼ର ଅନେକ କୁଖ୍ୟାତ ମାଓ ନେତାଙ୍କ ସହ ୪୦ଜଣ ମାଓବାଦୀ ଗତକାଲି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ବର୍ତ୍ତମାନ ମାଓ ସଂଗଠନ ନିଜର ଶେଷ ନିଶ୍ୱାସ ନେଉଥିବା କୁହାଯାଉଛି।

### ତେଲଙ୍ଗାନାରେ ୨୦...

ମାଓବାଦୀମାନେ ଆମେରିକା ନିର୍ମିତ କୋଲ୍ଟ ରାଇଫଲ, ଇସ୍ରାଏଲ ନିର୍ମିତ ଟାଭୋର ରାଇଫଲ, ଏକେ-୪୭, ଆଇଏନ୍‌ଏସ୍‌ଏଏସ୍ ରାଇଫଲ, ଏସ୍‌ଏଲ୍‌ଆର୍ ରାଇଫଲ ସମେତ ମୋଟ ୪୮ଟି ଅସ୍ତ୍ରଶସ୍ତ୍ର, ବିଭିନ୍ନ କ୍ୟାଲିବରର ବିପୁଳ ପରିମାଣର ଗୁଳି ଏବଂ ନଗଦ ୨୦.୩୦ ଲକ୍ଷ ଟଙ୍କା ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଡିଜିପି କହିଛନ୍ତି ଯେ, ଏହି ଆତ୍ମସମର୍ପଣ ସହିତ ସିପିଆଇ ମାଓବାଦୀଙ୍କ ଶେଷ ଦୂର୍ଗ ଧ୍ୱଂସ ପାଇଛି। ଏହା ପିଏଲଜିଏ ଓ ତେଲଙ୍ଗାନା ରାଜ୍ୟ କମିଟିର ଅସ୍ତିତ୍ୱକୁ ଧ୍ୱଂସ କରିଛି ଓ ଆଗକୁ ମାଓ ଦମନ ଅଭିଯାନ ଜାରି ରହିବ। ପୁନର୍ବାସ ପ୍ୟାକେଜ ଅଂଶଭାବେ ପୁଲିସ ମୋଟ୍ ୧ କୋଟି ୮୧ ଲକ୍ଷ, ୯୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଛି। ପ୍ରତ୍ୟେକଙ୍କୁ ତୁରନ୍ତ ସହାୟତା ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

### ଭୁବନେଶ୍ୱର ବିମାନବନ୍ଦରରୁ...

ଦେଇଛି। ଡିଆର୍‌ଆଇ ସୂଚନା ମୁତାବକ, ଯାତ୍ରୀ ଜଣଙ୍କ ବିଦେଶରୁ ଭୁବନେଶ୍ୱର ଆସୁଥିଲେ। ସେ ତାଙ୍କ ବ୍ୟାଗ୍‌ରେ ଏକ ଗୁପ୍ତ ଚ୍ୟାମ୍ବର କରିଥିଲେ। ଏହି ଚ୍ୟାମ୍ବରରେ ଉଚ୍ଚ ଗୁଣବତ୍ତା ମାରିଜୁଆନା ପ୍ୟାକେଟ୍ ରଖା ଯାଇଥିଲା। ପରେ ଏହାକୁ ସିଲାଇ କରି ଦିଆଯାଇଥିଲା। ଜଣେ ବ୍ୟାଗ୍ ଖୋଲିଲେ ବି ଯେପରି ମରିଜୁଆନା ଠାବ କରି ପାରବ ନାହିଁ। ଯାତ୍ରୀ ଜଣଙ୍କ ଏଭଳି ଭାବେ ବିମାନରେ ମାରିଜୁଆନା ନେଇ ଆସୁଥିବା ନେଇ ଡିଆର୍‌ଆଇକୁ ପୂର୍ବରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଯାତ୍ରୀଙ୍କ ବ୍ୟାଗ୍ ଖୋଲାଯାଇଥିଲା। ହେଲେ କିଛି ମିଳି ନଥିଲା। ପରେ ବ୍ୟାଗ୍‌କୁ କାଟି ଖଣ୍ଡ ଖଣ୍ଡ କରାଯିବା ଏଥିରୁ ମାରିଜୁଆନା ପ୍ୟାକେଟ୍ ମିଳିଥିଲା। ଅଭିଯୁକ୍ତଙ୍କୁ ଡିଆର୍‌ଆଇ ତୁରନ୍ତ ହେପାଜତକୁ ନେଇ ପଚାରାଉଚରା ଚଳାଇଛି।

ମାତ୍ର ୪ଦିନ ତଳେ ଅର୍ଥାତ ଭୁବନେଶ୍ୱର ବିମାନବନ୍ଦରରୁ ୪କୋଟିର ହାଇ ଗ୍ରେଡ୍ ମାରିଜୁଆନା ଜବତ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ଘର ଗୁଜୁରାଟ୍ ଏବଂ ସେ ବ୍ୟାଙ୍କକ୍‌ରୁ ମାରିଜୁଆନା ଆଣି ଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଗତ ୧ବର୍ଷ ମଧ୍ୟରେ ୫୨କୋଟି ଟଙ୍କାର ମାରିଜୁଆନା ଜବତ ହେଲାଣି। ଏଥିରୁ ସ୍ପଷ୍ଟ ହେଉଛି ଭୁବନେଶ୍ୱର ବିମାନ ବନ୍ଦର ମାରିଜୁଆନା ଚାଲାଣର ପେଣ୍ଠ ସ୍ଥଳ ପାଲଟିଛି। ନିୟମିତ ଭାବେ ଏହି ବିମାନବନ୍ଦରକୁ ଓଡ଼ିଶାକୁ ମାରିଜୁଆନା ପ୍ରବେଶ କରୁଛି। ବହୁ ଅଭିଯୁକ୍ତ ମାରିଜୁଆନା ଚାଲାଣରେ ସଫଳ ହେଉଥିଲା ବେଳେ ମାତ୍ର କିଛି ଅଭିଯୁକ୍ତ ଡିଆର୍‌ଆଇ ହାତରେ ଧରା ପଡ଼ିଯାଉନ୍ତି ବୋଲି ଜଣାପଡ଼ିଛି।

ବିମାନବନ୍ଦରରେ ସବୁ ସମୟରେ ହାଇ ସିକ୍ୟୁରିଟିରେ ରହୁଛି। ବିମାନବନ୍ଦରକୁ ତ୍ରୀସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ଏଠାରେ ରାଜ୍ୟ ପୁଲିସ ନୁହେଁ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସିଆଇଏସ୍‌ଏଫ୍ ନିୟୋଜିତ ହୋଇଛନ୍ତି। ଲୋକଙ୍କୁ ଯାଞ୍ଚ କରିବାକୁ ଅତ୍ୟାଧୂନିକ ସ୍କାନର ଓ ଯନ୍ତ୍ରପାତି ମଧ୍ୟ ବ୍ୟବହାର କରାଯାଉଛି। ଏହା ସତ୍ତ୍ୱେ ବିମାନ ପଥରେ ନିଶା କାରବାର ପାଇଁ ଭୁବନେଶ୍ୱର ବିମାନ ବନ୍ଦର ପ୍ରମୁଖ କେନ୍ଦ୍ର ପାଲଟିଛି। ବ୍ୟାଙ୍କକ୍‌ର ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ନଜର ଭୁବନେଶ୍ୱର ଉପରେ ପଡ଼ିଛି। ସେମାନେ ଏହାକୁ ମାରିଜୁଆ ଚାଲାଣ ପାଇଁ ବ୍ୟବ୍ୟହାର କରୁଛନ୍ତି। ଗତବର୍ଷ ୪ ଅକ୍ଟୋବରରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩.୨ କିଲୋଗ୍ରାମ୍ ମାରିଜୁଆନା ଜବତ ହୋଇଥିଲା। ଯାହାର ମୁଖ୍ୟ ୩କୋଟି ଟଙ୍କା ବୋଲି ଅନୁମାନ କରାଯାଇଥିଲା। ଏହି ଲିଙ୍କ୍‌ରେ କେରଳର ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ଭୁବନେଶ୍ୱର ବିମାନବନ୍ଦରରେ ଏପରି ଜବତ ଘଟଣା କୌଣସି ନୂଆ ନୁହେଁ। ଜାନୁଆରୀ ୨୦୨୫ରେ, କଷ୍ଟମ ଅଧିକାରୀମାନେ ପ୍ରାୟ ୭ କୋଟି ଟଙ୍କାର ଚୋରା ସାମଗ୍ରୀ ସହିତ ଆଉ ଜଣେ କେରଳ ବାସିନ୍ଦାଙ୍କୁ ଗିରଫ କରିଥିଲେ। ଗତ ଜୁଲାଇ ୨୯, ୨୦୨୫ ରେ, ଅଧିକାରୀମାନେ ବ୍ୟାଙ୍କକରୁ ଏକ ବିମାନରେ ଛଅଟି ବ୍ୟାଗରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ କିଲୋ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଥିଲେ। ଯାହାର ମୂଲ୍ୟ ୩୦ କୋଟିରୁ ଅଧିକ ବୋଲି ସେହି ସମୟରେ କୁହାଯାଇଥିଲା। ଏହି ମାମଲାରେ ଉତ୍ତର ପ୍ରଦେଶର ତିନି ଜଣ ଯାତ୍ରୀଙ୍କୁ ଗିରଫ ହୋଇଥିଲେ।

### ବ୍ରାଉନସୁଗର କାରବାରରେ...

କରିଥିଲା। ସେମାନଙ୍କ ହେପାଜତରୁ ମୋଟ ୨୬୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଅଧିକ ପଚରାଉଚରା ପାଇଁ ସମସ୍ତଙ୍କୁ ଥାନାକୁ ଉଠାଇ ଆଣିଥିଲା। ସନ୍ତୋଷ ନିୟମିତ ବ୍ୟବଧାନରେ ଭୁବନେଶ୍ୱର ଆସି ଦେବୀକୁ ବ୍ରାଉନସୁଗର ଯୋଗାଉଥିଲା। ଦେବୀ ତା'ର ସହଯୋଗୀ ସୁକାନ୍ତ ମାଧ୍ୟମରେ ରାଜଧାନୀର ବିଭିନ୍ନ ଛୋଟ ଛୋଟ ନିଶା ବେପାରୀଙ୍କୁ ବ୍ରାଉନସୁଗର ବିକ୍ରି କରୁଥିଲା। ସମ୍ଭ୍ରାନ୍ତ ପରିବାରର ଅଭିଯୁକ୍ତ ଦେବୀ ଆଇନ ଛାତ୍ର ହୋଇଥିବା ବେଳେ ତା'ର ବାପା କ୍ଲାସ୍ ୧ ଠିକାଦାର ବୋଲି ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ସେ ଦୀର୍ଘଦିନ ହେବ ରାଜଧାନୀରେ ବ୍ରାଉନସୁଗର ବେପାର କରି ଆସୁଥିବା ସ୍ୱୀକାର କରିଥିଲା। ସେହିପରି ସୁକାନ୍ତ ଅଭ୍ୟାସଗତ ବ୍ରାଉନସୁଗର ହୋଇଥିବା ବେଳେ ସନ୍ତୋଷ ଏକ ହତ୍ୟା ମାମଲାରେ ୬ ବର୍ଷ ଜେଲରେ କାଟିଛି। ଅଭିଯୁକ୍ତମାନେ ଦୀର୍ଘଦିନ ହେବ ନିଜେ ବ୍ରାଉନସୁଗର ସେବନ କରିବା ସହ ବିକ୍ରି କରି ଆସୁଥିଲେ ବୋଲି ଅବକାରୀ ବିଭାଗ କହିଛି। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

### ଘର ସିଲ୍; ୧୨୭୫ ବସ୍ତା...

ମୂଲ୍ୟ ପାଇବା ପାଇଁ ଓଡ଼ିଶାରେ ଝାଡ଼ଖଣ୍ଡ ରାଜ୍ୟର ଟନ୍‌ଟନ୍ ଧାନ ବିକ୍ରି କରିବା ପାଇଁ ଦଲାଲମାନେ ଯୋଜନା କରିଥିଲେ। ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁହ୍ନୁ ଲ୍ୟାମ୍ପ ନିକଟରେ ଦୁଇଟି ବନ୍ଦ ଘର ଭିତରେ ଧାନ ଗଚ୍ଛିତ କରି ରଖିଥିଲେ। ଗତ ଶନିବାର ବଡ଼ଦୁହ୍ନୁ ଲ୍ୟାମ୍ପ ଉଦଘାଟନ ହୋଇଥିବା ବେଳେ ସେଠାରେ ଏହି ଧାନ ବିକ୍ରି କରି ଅଧିକ ଏମଏସପି ଅର୍ଥ ହାତେଇଥା'ନ୍ତେ। ଏଥିପାଇଁ ସେମାନେ ସ୍ଥାନୀୟ ଅଞ୍ଚଳର କିଛି ଚାଷୀଙ୍କୁ ମଧ୍ୟ ମୋହରା କରିଥିଲେ। ତେବେ ଗତକାଲି 'ସକାଳ'ରେ ଏହି ଖବର ପ୍ରକାଶ ପାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଆଜି ବାମନଘାଟି ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ଓ ଉପ-ଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜାମଦା ବିଡିଓ ଦେବାଶିଷ ପଣ୍ଡା, ଜାମଦା ତହସିଲଦାର ମଧୁସୂଦନ ପାଢ଼ୀ, ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ ସାରଙ୍ଗଧର ବେହେରା, ବହଳଦା ପୁଲିସ ଓ ଜାମଦା ଯୋଗାଣ ନିରୀକ୍ଷକଙ୍କୁ ନେଇ ଏକ ମିଳିତ ଟିମ୍ ବଡ଼ଦୁହ୍ନୁ ଲ୍ୟାମ୍ପ ପଛକୁ ଥିବା ସେକ୍ ଦିଲଖୁସ ଓ କାନି ମୁନିଙ୍କ ଘରେ ଚଢ଼ଉ କରିଥିଲେ। ସେଠାରୁ ଗୋଟିଏ ଘରୁ ୮୨୫ ବସ୍ତା ଓ ଅନ୍ୟ ଏକ ଘରୁ ୪୫୦ ବସ୍ତା ଧାନ ସିଲ୍ କରାଯାଇଛି। ଘର ଦୁଇଟିକୁ ମଧ୍ୟ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ଏନେଇ ଘର ମାଲିକଙ୍କୁ ନୋଟିସ୍ ଦିଆଯାଇଛି। ଏତେ ପରିମାଣର ଧାନ ଗଚ୍ଛିତ ରଖିବା ନେଇ କାଗଜପତ୍ର ଦେଖାଇବାକୁ ସମୟ ଦିଆଯାଇଛି। ଏହାପରେ ଉକ୍ତ ଧାନର ଓଜନ କରାଯାଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପ-ଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ଇନ୍ଦ୍ରମଣି ନାୟକ ହେଲେ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ

ଭୁବନେଶ୍ୱର,୩।୧(ସମିସ): ପରିବହନ ବିଭାଗର ଅତିରିକ୍ତ କମିଶନର ଇନ୍ଦ୍ରମଣି ନାୟକଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଶ୍ରୀ ନାୟକଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଶନିବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ**

ଅଭିନନ୍ଦନ ବାର୍ତ୍ତା

ଦୈନିକ ଖବର କାଗଜ "ସକାଳ" କୁ ନବବର୍ଷ ସ୍ୱତନ୍ତ୍ର ସଂଖ୍ୟା ପାଇଁ ଅଭିନନ୍ଦନବାର୍ତ୍ତା ନିମନ୍ତେ ଅବସରରେ "ଆମ ପରିଷଦ" ସହର ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଶାନ୍ତି, ମୈତ୍ରୀ, ଭାଇଚାରା ଓ ବାର୍ତ୍ତା ବହନ କରୁଥିବା ଆମ ଗଞ୍ଜାମ ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର, ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଏବଂ ଶୃଙ୍ଖଳିତ ରଖିବା ଆମ ପରିଷଦର ମୂଳ ଲକ୍ଷ୍ୟ "ଆପଣଙ୍କ ସମସ୍ୟା ଆମର ସମାଧାନ" କୁ ସଫଳ କରିବା ପାଇଁ ପରିଷଦର ସମସ୍ତ କାର୍ଯ୍ୟରେ ସହର ବାସୀଙ୍କୁ ଗଠନ ମୂଳକ ସହଯୋଗ କାମନା କରୁଛୁ।

ଆପଣଙ୍କ ସହଯୋଗ:

୧. Swachh Survekshan-2025 ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହର କୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ । ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ । ଭଙ୍ଗା ଟିଭି, କମ୍ପୁଟର, ଫ୍ରିଜ ଆଦି e-Waste ଗୁଡିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ ।

୨. ଭାଗ୍ୟାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ ରୁହନ୍ତୁ ଓ ପରିଷଦର ବିନା ଅନୁମତି ରେ ନୂତନ ଗୃହ କରନ୍ତୁ ନାହିଁ ।

୩. ଗଞ୍ଜାମ ଏନଏସି ର ପ୍ରତ୍ୟେକ ବ୍ୟବସାୟୀ ପରିଷଦ ଠାରୁ ନିଜର ଟ୍ରେଡ ଲାଇସେନ୍ସ (Trade License) କରାଇ ନିଅନ୍ତୁ।

୪. ପୌର ପରିଷଦ ର e-Website ଏବଂ Social media Pages କୁ ଅନୁସରଣ କରନ୍ତୁ ।

୫. ମୋ ଖତ (ଜୈବିକ ଖତ ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ । ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ ।

" ଆମ ପରିଷଦ ବିକଶିତ ପଥରେ..."

ଶ୍ରୀମତୀ ଅପର୍ଣ୍ଣା ଡାକୁଆ — କାର୍ଯ୍ୟ ନିର୍ବାହୀ ଅଧିକାରୀ

ଶ୍ରୀମତୀ ପ୍ରତିଭା ପାଢୀ — ଅଧ୍ୟକ୍ଷା



**OFFICE OF THE NOTIFIED AREA COUNCIL, BANPUR**

Phone No.: 06756 25309
Email id: ulbnac.banpur@gmail.com
No. 2814 / Dt. 24.12.25

**QUOTATION CALL NOTICE**

Sealed quotations are invited from intended farms, advertising agencies and SHGs for fixing of hoardings in different prominent places and locations for commercial advertisement purpose. The quotations should reach before the undersigned on dated **07.01.2026** from **11.00 AM to 3.00 PM** and the same will be opened on dated **07.01.2026** in the chamber of **Executive Officer, Banpur NAC**, in presence of the applicant or their authorized representative. The applying agencies should have **GSTIN Number, PAN Card, Aadhar Card and 03 months Bank Statement.** The offset price for fixing hoardings is **Rs. 1,50,000/- (Rupees One Lakh Fifty Thousand)** only for one year from the date of executing agreement and the farms or agencies quoted more will be selected and the selected agencies will have to deposit the full amount before executing the agreement. In shape of DD in favor of **Executive Officer, Banpur NAC.**

The undersigned reserves the right to reject any or all quotations without assigning any reason thereof.

**Sd/- Executive Officer**
**Banpur NAC**



E-Mail: eerw_gm1@yahoo.co.in — O-1873

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR
***********

Government of Odisha e-Procurement Notice
**Bid Identification No. Online Tender // 21// SERWDG-I // 2025-26**
Letter no. 6986 / RWDG-I/BAM/Date- 24.12.225

| | | | |
|---|---|---|---|
| 1 | Name of the Work | :: | Building Work |
| 2 | Estimated Cost | :: | Rs.81.03 Lakhs |
| 3 | Period of Completion | :: | 09 (Nine)Calendar Months as shown in Column No.06 of Annexure. |
| 4 | Date & Time of Availability of Bid Documents in the Portal | :: | From 04.01.2026 at 11.00 AM to 21.01.2026 upto 5.00 PM |
| 5 | Last Date/ Time for Receipt of Bids in the Portal | :: | 21.01.2026 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

ExecutiveEngineer
R.W Division-I, Ganjam
Berhampur

OIPR-2585/11/0047/2526



GOVERNMENT OF ODISHA — C-1948
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB)**

| Sl.No | Name of work | Bid Identification No | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & address of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement , installation, testing and commissioning of Multjet water meter at consumer end of Chatrapur NAC under AAP-2025-26 -SUJAL | Identification No 65/ 03 / SPH(C) / 2025-26 dt. 31.12.2025 | 12.41 | 3 (Three) Calendar Months | 11.00 Hrs of 03.01.2026 | 17.30 Hrs of 14.01.2026 | Superintending Engineer, P.H Division, Bhanjanagar at Chatrapur |

The Technical Bid shall be opened on dt.**15.01.2026 at 01.00 PM**
Further details can be seen from the e-procurement portal https://www.tenderorissa.gov.in

Additional Chief Engineer (PH)
P.H. Division, Bhanjanagar
at Chatrapur

OIPR-13013/11/0047/2526



GOVERNMENT OF ODISHA — O-1904
OFFICE OF THE SUPERINTENDING ENGINEER,
RURAL WORKS DIVISION, KUCHINDA
E-mail-eerw_kuchinda@yahoo.com

**Identification No Online Tender /12 / RWD, Kuchinda / 2025-26.**
Letter No. 9349 — Date 30.12.2025

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Roads Work. | | |
| 2. | No. of work | : | 8 Nos |
| 3. | Nature of Work | : | Road Repair |
| 4 | Class of Contractor | : | "D", "C" & "B" |
| 5 | Approx Value of Work | : | 5.51 Lakhs to 38.88 Lakhs |
| 6 | Tender Cost | : | 4000 & 6000 |
| 7 | Availability of Bid Documents in the Website | : | 05.01.2026 at 11. A.M to 12.01.2026 at 5.00 P.M |
| 8 | Last date & time for seeking clarification | : | 09.01.2026 at 05.00 A.M |
| 9 | Date of Opening of Bid | : | 13.01.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

Superintending Engineer
Rural Works Division,
Kuchinda

OIPR-25151/11/0049/2526



**AFFIDAVIT**

By virtue of an affidavit no.3244 before the Executive Magistrate, Phulbani, Kandhamal, dtd.31.12.2025, I, Dunja Kanhar, At- Upar Damingia, Po- Jajesapanga, PS- Phiringia, Dist- Kandhamal, Odisha, Pin–762011, have changed my name from Dunka Kanhar to **Dunja Kanhar**. Henceforth I shall be known as **Dunja Kanhar** for all purposes.
Sd/- Dunja Kanhar

**AFFIDAVIT**

By virtue of an affidavit No. 6580, sworn before the Executive Magistrate, Champua on dtd- 12/12/2025, I **Insha Parween,** D/o-MD. Azmatullah, permanent resident of Vill/Po/Ps- Jhumpra, Dist- Keonjhar, Odisha, Pin-758031 declare that I have changed my name from **Insah Parwin** (old name) to **Insha Parween** (new name). Henceforth, I shall be known as **INSHA PARWEEN** for all future purposes.
**Insha Parween**

**AFFIDAVIT**

By virtue of an affidavit no.3229 before the Executive Magistrate, Phulbani, Kandhamal, dtd.29.12.2025, I, Kartika Kumar Gurandi, At-Kamanakama, Po- Kelapada, Ps- Phiringia, Dist- Kandhamal, Odisha, Pin- 762011 have changed the name of my minor son from Karimdam Gurandi to Karindam Gurandi. Henceforth he shall be known as **Karindam Gurandi** for all purposes.
Sd/- Kartika Kumar Gurandi

**AFFIDAVIT**

By virtue of an affidavit (Sl No.13340, dtd- 01/12/2025) sworn before The Executive Magistrate, Jajpur. I, Bijay Kumar Maharana, S/o Sanatan Maharana, resident of Vill- Barttanda, PO- Atta, Ps- Sukinda, Dist- Jajpur, PIN-755018, Odisha declare that I have changed my name from Bijay Kumar Moharana to Bijay Kumar Maharana. Henceforth, I shall be known as **BIJAY KUMAR MAHARANA** (new name) for all purposes.

**AFFIDAVIT**

I, Mohammed Tahir, aged about 77 years, S/o- Abdul Rahman, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.32, dtd- 03/01/2026, that now onwards I shall be known as **MOHAMMAD TAHIR** for all future purposes.

**ସତ୍ୟପାଠ**

ଏତଦ ଦ୍ୱାରା ଆମେ ମିନାକ୍ଷୀ ରାଉତ ବୟସ ୫୫ ବର୍ଷ, ପିତା-ଅଦୁତି ଖଟୁଆ, ସା- ଦେଶପୁର, ପୋ- କାଳୁକାଲପଡ଼ା, ଥାନା- ଡେରାବିଶ, ଜିଲ୍ଲା- କେନ୍ଦ୍ରାପଡା, ଗତ ତା- ୨୭.୧୨.୨୦୨୫ ରିଖରେ ନୋଟାରୀ ପବ୍ଲିକ୍ କେନ୍ଦ୍ରାପଡାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସତ୍ୟପାଠ କରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହା ଜଣାଉଅଛୁ କି ଆମେ ଓ ଆମ ଭଉଣୀ ଲତା ରାଉତ, ସ୍ୱା- ଦୁର୍ଯୋଧନ ରାଉତ, ସା- ବିଦ୍ୟାଧରପୁର, ପୋ-ଯୋଦ୍ଧାମରାଇ, ଥା- କୁଆଁପାଳ, ଜିଲ୍ଲା- କଟକ, ଆମେ ଉଭୟ ଆମ ପିତା ଅଦୁତି ଖଟୁଆ, ୮୫ବର୍ଷ ଙ୍କର ୨ ଝିଅ ଅଟୁ ଏବଂ ଆମ ପିତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିର ଉତ୍ତରାଧିକାରୀଣୀ ଅଟୁ। ଯଦି କୌଣସି ବ୍ୟକ୍ତି ଆମ ପିତାଙ୍କର ବୟସାଧିକ କାରଣରୁ ସ୍ମରଣଶକ୍ତି ହାନି ଯୋଗୁ ଏହାର ସୁଯୋଗ ନେଇ ସମ୍ପତ୍ତିକୁ ହସ୍ତାନ୍ତର କରିଥାନ୍ତି ବା କରନ୍ତି ସେଥିଲାଗି ଆମେ ଦାୟୀ ରହିବୁ ନାହିଁ ।
ସ୍ୱା/- ମିନାକ୍ଷୀ ରାଉତ

**AFFIDAVIT**

I, Rafat Sulana, aged about 33 years, W/o- Gulam Gous, resident of Subhash Nagar, Ward No 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.33, dtd- 03/01/2026, that now onwards I shall be known as **RAFAT SULTANA** for all future purposes.

**AFFIDAVIT**

I, Mohmooda Khatun, aged about 64 years, W/o-Mohammad Tahir, resident of Subhash Nagar, Ward No. 14, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No.31, dtd-03/01/2026, that now onwards I shall be known as **MHMUDA KHATUN** for all future purposes.

**AFFIDAVIT**

By virtue of an affidavit No. 03 sworn before the Executive Magistrate, Champua on dated- 02/01/2026, I **Gurucharana Moharana**, S/o- Brundaban Maharana, permanent resident of Vill- Kansara (Kha) Po- Bhanda, Ps- Baria, Dist- Keonjhar, Odisha, Pin- 758044 declare that I have changed my name from **Gura Maharana** (old name) to **Gurucharana Moharana** (new name). Henceforth, I shall be known as **Gurucharana Moharana** for all future purposes.
**Gurucharana Moharana**

**AFFIDAVIT**

By virtue of an affidavit No. 3518, sworn before the Executive Magistrate, Champua on dtd- 26/12/2025, I **Ambuja Nayak**, S/o-Pitambar Nayak, parmanent resident of Vill/Po- Rangamatia, Ps- Champua, Dist- Keonjhar, Odisha, Pin- 758044. I have changed my minor daughter's name from **Tejashini Nayak** (old name) to **Laxmipriya Nayak** (new name), Henceforth, she shall be known as **Laxmipriya Nayak** for all future purposes.
**Ambuja Nayak**

**AFFIDAVIT**

By virtue of an affidavit No.32 sworn before the Notary Public Swampatana on dtd- 03/01/2026, I **Umesh Chandra Mahanta**, S/o-Balaram Mohanta, permanent resident of At- Bhalughar, Po-Mushakhori Block-Patana, Dist-Keonjhar, Odisha, Pin- 758030, declare that I have changed my name from **Umesha Chandra Mahant** (old name) to **Umesh Chandra Mahanta** (new name). Henceforth, I shall be known as **Umesh Chandra Mahanta** for all future purposes.
**Umesh Chandra Mahanta**

# ୧୦ ଦଫା ଦାବିରେ ଡାକ୍ତରଙ୍କ ପ୍ରତିବାଦ ଜାରି



କେନ୍ଦୁଝର,୩।୧(ସମିସ): ୧୦ ଦଫା ଦାବି ପୂରଣ ଦିଗରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା) ଡକରାକ୍ରମେ କେନ୍ଦୁଝରଶାଖାର ଡାକ୍ତରମାନେ ଓପିଡିରେ ୧ ଘଣ୍ଟିଆ କାର୍ଯ୍ୟ ବନ୍ଦ ଜାରି ରଖିଛନ୍ତି। ଏହି ପ୍ରତିବାଦ ଫଳରେ ରୋଗୀ ସେବା ବ୍ୟାଘାତ ହେଉଛି। ଡାକ୍ତରମାନେ ସମ୍ମିଳିତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଶନିବାର ପ୍ରଦର୍ଶନ କରି ପ୍ରତିବାଦ ଜଣାଇଛନ୍ତି। ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟ ବନ୍ଦ କରି ପ୍ରତିବାଦ କରିଥିଲେ। ଅନ୍ୟାନ୍ୟ ଜରୁରିକାଳୀନ ସେବାକୁ ଛାଡି ଓପିଡି ସେବା

## ସ୍ୱାସ୍ଥ୍ୟସେବା ପ୍ରଭାବିତ

ବନ୍ଦ ରହୁଛି। ଗତ ୨୬ ତାରିଖରୁ ୧ ଘଣ୍ଟିଆ କାର୍ଯ୍ୟବନ୍ଦ ସହ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ଜାତୀୟ କାର୍ଯ୍ୟକ୍ରମକୁ ବର୍ଜନ କରାଯାଇଛି। ବିଶେଷକରି ସାରାରାଜ୍ୟରେ ମଞ୍ଜୁରପ୍ରାପ୍ତ ଡାକ୍ତର ପଦରୁ ଅଧାରୁ ଅଧିକ ଡାକ୍ତର ପଦ ଖାଲି ପଡିଛି। ରାଜ୍ୟର ଅନ୍ୟ ଜୁନିୟର କ୍ଲାସ ୱାନ ସର୍ଭିସ ଭଳି ପଦୋନ୍ନତିରେ ୧୫ ପେ ଗ୍ରେଡ ହଟାଇବା, ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ କେନ୍ଦ୍ରୀୟ ହାରରେ ଡିଏସିପି ଲାଗୁ, ସମସ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା, ସମସ୍ତ ଗ୍ରେଡର ସମାନୁପାତିକ କ୍ୟାଡର ପୁନର୍ଗଠନ, ଓଡିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପ୍ରତ୍ୟେକ ବର୍ଷ ଡାକ୍ତର ନିଯୁକ୍ତି, ଡାକ୍ତରଙ୍କ ନିୟମିତ ପଦୋନ୍ନତି, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା, ଓଡ଼ିଶା ମେଡିକେୟାର ଆଇନ ସଂଶୋଧନ ଆଦି ଦାବି ରହିଛି। କେନ୍ଦୁଝରେ ଓଏମ୍‌ସା ସଂଘର ସମ୍ପାଦକ ଡାକ୍ତର ନିହାର ରଞ୍ଜନ ରଥଙ୍କ ନେତୃତ୍ୱରେ ଡାକ୍ତରମାନେ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍ ନରହରି ରାଉତଙ୍କ ବିୟୋଗରେ ଶୋକ

ଆନନ୍ଦପୁର, ୩।୧ (ସମିସ):



ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ନୟାଗଡ଼ରେ ଅଧ୍ୟକ୍ଷ ସରୋଜକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ସଭାଗୃହରେ ବିଶିଷ୍ଟ କବି, ସମାଜସେବୀ ଶିକ୍ଷାବିତ ନରହରି ରାଉତଙ୍କ ତିରୋଧାନ ଅବସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ନରହରି ରାଉତଙ୍କ ଗତକାଲି ରାତ୍ର ୧୦ଟା ସମୟରେ ବାର୍ଦ୍ଧକ୍ୟଜନିତ କାରଣରୁ ୭୯ ବର୍ଷ ବୟସରେ ନୟାଗଡ଼ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଡ ଚିତ୍ତରଞ୍ଜନ ନାୟକ ସ୍ୱର୍ଗତ ରାଉତଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଶ୍ରଦ୍ଧାସମ୍ମାନ ଏବଂ ତାଙ୍କ ଉଦ୍ୟମରେ ଗଢ଼ି ଉଠିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ସଂପର୍କରେ ଅଭିବ୍ୟକ୍ତି ରଖିଥିଲେ। ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ମଲ୍ଲ, ଅଧ୍ୟାପକ ଜୟନ୍ତ ମହାନ୍ତି, ସୌରିପ୍ରସାଦ ମହାନ୍ତି, ବିନୟ ସ୍ୱାଇଁ, ଅଧ୍ୟାପିକା ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ତପସ୍ୱିନୀ ପାତ୍ର, କ୍ରୀଡ଼ା ଶିକ୍ଷକ କୈଳାସଚନ୍ଦ୍ର ନାୟକ, କାର୍ଯ୍ୟାଳୟ ସହାୟକ ସନାତନ ସାହୁ, କମ୍ପ୍ୟୁଟର ସହାୟକ ଲକ୍ଷ୍ମୀଧର ରାଉତ, ପାଠାଗାର ସହାୟକ ପ୍ରଭାକର ପାଣି ଏବଂ କର୍ମଚାରୀ ସୌଦାମିନୀ ପହି ସମେତ ଅନୁଷ୍ଠାନର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ରନ୍ଧାମଦ ଓ ମହୁଲ ପୋଚ ଜବତ; ୨ ଗିରଫ

ଆନନ୍ଦପୁର, ୩।୧ (ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ଘଟଗାଁ ଓ ହାଟଡିହି ଅବକାରୀ ଥାନା କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଆଙ୍କଲପଡା, କମାରନାଳି, ନୂଆଗାଁ ଅଞ୍ଚଳରେ ଚଢ଼ଉ କରାଯାଇ ୨୭୯ ଲିଟର ଦେଶୀ ରନ୍ଧାମଦ ଓ ୩୨୦୦ ଲିଟର ମହୁଲ ପୋଚ ଜବତ କରାଯିବା ସହ ଉକ୍ତ ଗ୍ରାମର ଧନେଶ୍ୱର ନାୟକ, ଜେନାମଣି ମୁଣ୍ଡାଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧାମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଚଢ଼ଉରେ ଘଟଗାଁ ଅବକାରୀ ଥାନା ସହ ଉପନିରୀକ୍ଷକ ଆହ୍ଲାଦୀ ମାରାଣ୍ଡି ଓ ହାଟଡିହି ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ କନେଷ୍ଟବଳ ଜଗମୋହନ ବେହେରା, ଅଜୁ ନାଏକ, ସନ୍ତୋଷ ବେହେରା ସାମିଲ ଥିଲେ। ଘଟଗାଁ ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ ହୋଇଛି।

# ଟ୍ରକ୍-ହାଇୱା ମୁହାଁମୁହିଁ; ଦୁଇ ଚାଳକ ଗୁରୁତର


ବାଲିବନ୍ଧ, ୩।୧(ସମିସ): ୨୦ ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ଥାନା ଅର୍ଶଳା ନିକଟରେ ଟ୍ରକ ଏବଂ ହାଇୱା ଗାଡ଼ି ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଛନ୍ତି। ଗାଡ଼ି ସମ୍ମୁଖ ଭାଗ ଭାଙ୍ଗି ସଂପୂର୍ଣ୍ଣ ଚୁରମାର ହୋଇଯାଇଛି।



ହାଇୱା ଚାଳକ ଶ୍ୟାମ ମୁଣ୍ଡା (୨୬) ଏବଂ ଟ୍ରକ ଚାଳକ ବିହାରିଲାଲ ମହାଳିକ (୨୫)ଙ୍କୁ କ୍ୟାବିନରୁ ଅଗ୍ନିଶମ ବାହିନୀ ଏବଂ ପୁଲିସ ଉଦ୍ଧାର କରି ପ୍ରଥମେ ଝୁମ୍ପୁରା ଡାକ୍ତରଖାନା, ପରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଓଡି ୨୯ଡି ୪୮୯୯ ବିଶିଷ୍ଟ ହାଇୱା ଗାଡ଼ି ବାଲି ବୋଝେଇ କରି ବାଲିବନ୍ଧ ପଟରୁ ଝୁମ୍ପୁରା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ରିମୁଲି ଅଭିମୁଖେ ଯାଉଥିବା ଓଡି୦୪ୟୁ ୬୦୦୧ ଟ୍ରକର ଡାହାଣ ପାର୍ଶ୍ୱ ଆଗ ଚକ ଫାଟିଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଶ୍ୟାମ ମୁଣ୍ଡାଙ୍କ ଘର ଝୁମ୍ପୁରା ଥାନା କାଶିପାଳ ଗ୍ରାମରେ। ସେହିପରି ବିହାରିଲାଲଙ୍କ ଘର ଅନୁଗୁଳ, ବଁଅରପାଳ ସେନାବେଡା ଅଞ୍ଚଳରେ ବୋଲି ଜଣାପଡ଼ିଛି।

# ବ୍ରାହ୍ମଣ ମହାସଭାର ସର୍ବଭାରତୀୟ ସମ୍ମିଳନୀ ପ୍ରସ୍ତୁତି ଚୂଡ଼ାନ୍ତ

ଆନନ୍ଦପୁର,୩।୧ (ସମିସ): ଦେଓଗାଁର ଶ୍ରୀକୁଶଳେଶ୍ୱର ମହାଦେବଙ୍କ ପୀଠରେ ଆନନ୍ଦପୁର ବ୍ରାହ୍ମଣ ମହାସଭାର ସମ୍ମିଳନୀରେ ସର୍ବଭାରତୀୟ ସଭାପତି ଡ ବିପିନ ବିହାରୀ ମିଶ୍ର ଓ ରାଜ୍ୟ ସଭାପତି ଡ ସଦାନନ୍ଦ ଦୀକ୍ଷିତ ଯୋଗଦେବା ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ମନ୍ଦିର ପରିସରରେ ଆୟୋଜକ କମିଟିର ଉପଦେଷ୍ଟା ପ୍ରଦୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଙ୍ଘ ଉପଦେଷ୍ଟା ଶରତ କୁମାର ମିଶ୍ର ସଂଯୋଜକ ମଦନ ମୋହନ ମିଶ୍ର ସହସମ୍ପାଦକ ଆଇନଜୀବୀ ଭାଗୀରଥି ଦାଶ ଆଲୋଚନା କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ କର୍ମକାଣ୍ଡବିତ୍ ଯୋଗଦେଇ ବୈଦିକ ସଂସ୍କୃତି, ରୀତିନୀତି, ପରମ୍ପରା, ଯଜ୍ଞ, ଅନୁଷ୍ଠାନ, ବେଦଶାସ୍ତ୍ର, ଶ୍ରୀମଦ୍ ଭଗବତ ଉପରେ ଆଲୋଚନା କରିବେ। ବ୍ରାହ୍ମଣ ସମାଜର ସୁରକ୍ଷା, ଭବିଷ୍ୟତ ପିଢ଼ିଙ୍କୁ କର୍ମକାଣ୍ଡରେ ପ୍ରବୀଣ କରିବାକୁ ବିଭିନ୍ନ ଶାସନର ପ୍ରତିନିଧିମାନେ ଏଥିରେ ଯୋଗଦାନ କରି ନିଜ ମତ ରଖିବେ ବୋଲି ଆୟୋଜକ କମିଟି ସଂଯୋଜକ ଚିତ୍ତରଞ୍ଜନ ପତି ସଙ୍ଘ ଆବାହକ ମଦନ ପାଣି ଜଣାଇଛନ୍ତି।



# ତରିମୂଳରେ ୪୩ ଜଣଙ୍କୁ ଶୀତବସ୍ତ୍ର ପ୍ରଦାନ

ଆନନ୍ଦପୁର, ୩।୧ (ସମିସ): ଆନନ୍ଦପୁର ଉପଖଣ୍ଡରେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁଙ୍କ ଉଦ୍ୟମରେ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟ ଜାରି ରହିଛି। ଘସିପୁରା ବ୍ଲକ୍ ତରିମୂଳ ପଞ୍ଚାୟତରେ ୪୩ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ବିଧବା ଓ ଘରେ ଶଯ୍ୟାଶାୟୀ ଥିବା ବ୍ୟକ୍ତିଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଏହି ପଞ୍ଚାୟତର କଣ୍ଟାରୋହି ଗ୍ରାମରେ ମାନସ ରଞ୍ଜନ ପୁହାଣ ଏବଂ ନିରଞ୍ଜନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ତୁଳସୀପୁର ଗ୍ରାମରେ ଶ୍ରୀ ପ୍ରସାଦ କମ୍ବଳ ପ୍ରଦାନ କରିଥିଲେ। ସେହିପରି ପ୍ରସନ୍ନ ରାଉତଙ୍କ ତତ୍ତ୍ୱାବଧାନରେ ତରିମୂଳ ଗ୍ରାମରେ ଏହି ସହାୟତା ପ୍ରଦାନ କରାଯାଇଛି। ମାଧବ ରାଉତ, ଅମୂଲ୍ୟ ସାହୁ, ଯଯାତି ବେହେରା, ବିଷ୍ଣୁ ପ୍ରସାଦ ରାଉତ, କମଳଲୋଚନ ପାଢ଼ୀ, ରଘୁନାଥ ନାହାକ ସହଯୋଗ କରିଥିଲେ।

# ମାଟି ଅତଡ଼ା ଖସି ଯୁବକ ମୃତ

ତୁରୁମୁଙ୍ଗା, ୩।୧(ସମିସ): ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମ ଦେଇ ଯାଇଥିବା ନେଉଳିଯୋଡି ନାଳରୁ ଶନିବାର ବାଲି ସଂଗ୍ରହ କରୁଥିବା ସମୟରେ ମାଟି ଅତଡ଼ା ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତେନ୍ତୁଳିଖୁଣ୍ଟି ଗ୍ରାମର ନବୀନ ମୁଣ୍ଡା। ସେ ସ୍ତ୍ରୀଙ୍କ ସହ ନାଳରୁ ବାଲି ଖୋଳି ସଂଗହ କରୁଥିବା ସମୟରେ ଅଘଟଣ ଘଟି ମାଟି ଅତଡା ଖସି ପଡି ଚାପି ହୋଇ ରହିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ

 କେନ୍ଦୁଝର, ୩।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଡ଼କ ସୁରକ୍ଷା ସମିତି ସହଯୋଗରେ ନଗର ଭବନଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ମୁଖ୍ୟ ଡାକ୍ତରଖାନାର ଅଭିଜ୍ଞ ଡାକ୍ତର ଏବଂ ଟେକନିସିଆନ ୮୩ଜଣ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ୨୬ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରାଫିକ ନିୟମ ମାନି ଗାଡି ଚଳାଇଲେ ସଡ଼କ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ କହିଛନ୍ତି। ସଚେତନତା ମାସ ପାଳନରେ ସଡକ ସୁରକ୍ଷା ସଂପର୍କିତ ସଚେତନତା ଅଭିଯାନକୁ ସୀମିତ ନରଖି ବାସ୍ତବ କ୍ଷେତ୍ରରେ ନିଜେ ସଚେତନ ହୋଇ



## ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଅନ୍ୟମାନଙ୍କୁ ସଚେତନ କରାଇବାର ଅଙ୍ଗୀକାର ନେଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ପ୍ରତ୍ୟେକ ବ୍ୟକ୍ତି ସତର୍କତା ଅବଲମ୍ବନ ପୂର୍ବକ ଟ୍ରାଫିକ ନିୟମ ମାନି ଯାନବାହନ ଚଳାଇବାକୁ ପରାମର୍ଶ ଦେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ସେ ନିବେଦନ କରିଥିଲେ। କେନ୍ଦୁଝର ମୁଖ୍ୟାଳୟରେ ମାଗଣା ଚକ୍ଷୁପରୀକ୍ଷା ଶିବିର ଆୟୋଜନ ହୋଇଥିବାବେଳେ ପର୍ଯ୍ୟାୟକ୍ରମେ ଯୋଡା, ବଡବିଲ, ଆନନ୍ଦପୁରରେ ଏହି ଶିବିର ଅନୁଷ୍ଠିତ ହେବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

# ଜୀବନବୀମା ଅଧିକାରୀଙ୍କ ପରଲୋକ

ଆନନ୍ଦପୁର, ୩।୧(ସମିସ): ଜୀବନବୀମା ନିଗମର ଆଜୀବନ ସଦସ୍ୟ ତଥା ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ କାନପୁର ଗ୍ରାମର ନିବାସୀ ବନମାଳି ଚକ୍ର (୮୪)ଙ୍କ ପରଲୋକ ହୋଇଯାଇଛି। ଅସୁସ୍ଥତା ହେତୁ ଚିକିତ୍ସାଧୀନ ଅବସ୍ଥାରେ ବାସଭବନରେ ଦେହାନ୍ତ ହୋଇଛି। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଯାଇ ଶେଷ ଦର୍ଶନ କରିଥିଲେ।



କୁଶଭଦ୍ରା ନଦୀକୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବିଜେନ କୁମାର ଚକ୍ର ମୁଖାଗ୍ନି ଦେଇଥିଲେ। ସେ ୬୦ବର୍ଷ ଧରି କେନ୍ଦୁଝର ଜୀବନ ବୀମା ନିଗମ ଶାଖାରେ କାର୍ଯ୍ୟ କରି ଆନନ୍ଦପୁର ଓ ଘସିପୁରା ଅଞ୍ଚଳରେ ଲୋକମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ପରଲୋକରେ ଜୀବନବୀମା ନିଗମକର୍ମକର୍ତ୍ତାଓନିଜଗ୍ରାମରେଶୋକପ୍ରକାଶପାଇଛି।

# ଗବେଷଣା କେନ୍ଦ୍ରରେ ଆଶୁତୋଷଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୩।୧ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଭୁବନେଶ୍ୱର ଜୟଦେବ ବିହାରରେ ଥିବା ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରଠାରେ ନୂତନ ବର୍ଷ ଆରମ୍ଭରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଦ୍ୱାରା ସମ୍ବର୍ଦ୍ଧନା ଉତ୍ସବ ପାଳିତ ହେଇଛି। ଏଥିରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବାରିଗାଁର



ଆଶୁତୋଷ ପଣ୍ଡା ସମ୍ବର୍ଦ୍ଧିତ ହେଇଛନ୍ତି। ଦିଲ୍ଲୀ ଏମ୍‌ସ ମେଡିକାଲର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ ଅଶୋକ ମହାପାତ୍ରଙ୍କ ଦ୍ୱାରା ନୂତନ ବର୍ଷର ପ୍ରଥମ ଦିନରେ ଏ ସମ୍ବର୍ଦ୍ଧନା ଓ ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବା ଓ ସାହାଯ୍ୟ ସହଯୋଗ ମନୋବୃତ୍ତି ପାଇଁ ଏ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ବୋଲି ଆଶୁତୋଷ କହିଛନ୍ତି। ଉତ୍ତରରେ ଏ ସମ୍ବର୍ଦ୍ଧିତ ସମ୍ମାନ ସବୁ ମହାପ୍ରଭୁଙ୍କର, ମୁଁ ନିମିତ୍ତ ମାତ୍ର ବୋଲି ସେ କହିଛନ୍ତି।

# ତୁରୁମୁଙ୍ଗା 'ଆମ ପୁଲିସ' ବୈଠକ

ତୁରୁମୁଙ୍ଗା, ୩।୧(ସମିସ): ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମରେ ଶନିବାର ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଲିସ ପ୍ରତି ଜନସାଧାରଣଙ୍କ ରହିଥିବା ଭ୍ରାନ୍ତଧାରଣା ଓ ଭୟ ଦୂର ସହ ବିଭିନ୍ନ ଆଇନ, ଅନ୍ଧବିଶ୍ୱାସକୁ ସଂସ୍କାରିତ କରିବା ଏବଂ ଅନଲାଇନ ଠକେଇ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ତୁରୁମୁଙ୍ଗା ଥାନା ଏଏସଆଇ ସୟଦ ସଲିମ ହୁସେନ୍ ଉପସ୍ଥିତ ଥିଲେ।

# ଦେଓଗାଁ ବାଳିକା ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଆନନ୍ଦପୁର,୩।୧(ସମିସ): ଘସିପୁରା ବ୍ଲକ ଦେଓଗାଁସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରତିଭା ଅନ୍ୱେଷଣ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ରେକୁଟିଆ ଇତିହାସ ଅଧ୍ୟାପକ ବିଜୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପିଏମଶ୍ରୀ କୁଶଳେଶ୍ୱର ଉଚ୍ଚବିଦ୍ୟାଳୟ ଦେଓଗାଁର ପ୍ରଧାନଶିକ୍ଷକ ପ୍ରକାଶ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ଜେନା, ସମ୍ମାନିତ ଅତିଥି ଭାବେ ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ଆଲୁମନୀ କମିଟି ସଭାପତି ମାଳତୀ ଭୂୟାଁ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ପୁଷ୍ପଲତା ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇନ୍ଦ୍ରମଣି ବେହେରା, ଦେଓଗାଁ ସିଆରସିସି ପ୍ରସନ୍ନ ଶା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନାରାୟଣ ସେଠୀ ଯୋଗଦାନ କରିଥିଲେ। ସ୍ମରିତା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ପରିଚୟ ଶିକ୍ଷୟିତ୍ରୀ ମୌସୁମୀ ମହାନ୍ତି ଓ ଅନନ୍ତ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡ଼ା ବରିଷ୍ଠ ବିଭାଗରେ ଚାମ୍ପିଅନ ପୂଜା ନାହାକ, କନିଷ୍ଠ ବିଭାଗରେ ମେଘା ନାହାକଙ୍କ ସହ ଅନ୍ୟାନ୍ୟ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦେବାଶିଷ ରାଉତ, ବାନାମ୍ବର ମୁହୁଲି, ସ୍ମୃତିରଞ୍ଜନ ମିଶ୍ର, ପ୍ରଶାନ୍ତ ଜେନା, ପ୍ରିୟଙ୍କା ଭଞ୍ଜ, ଭାଗ୍ୟଶ୍ରୀ ମହାନ୍ତ, ନିତୁରାଣୀ ବେହେରା, ସୁବାସିନି ଚକ୍ର, ନିହାର ରଞ୍ଜନ ରାଉତ, ପ୍ରଶାନ୍ତ ସେଠୀ, ସ୍ମୃତିରଞ୍ଜନ ମିଶ୍ର, ଅମର ପାତ୍ର ପରିଚାଳନା କରିଥିଲେ।



# ଯୋଡ଼ା ବ୍ୟବସାୟୀ ସଙ୍ଘର ବନ୍ଧୁ ମିଳନ

ଯୋଡ଼ା, ୩।୧(ସମିସ): ଯୋଡ଼ା ସହରରେ ଥିବା ବ୍ୟବସାୟୀଙ୍କ ସୁରକ୍ଷା ଓ ଉନ୍ନତି ପାଇଁ ଗଠିତ ଯୋଡ଼ା ବ୍ୟବସାୟୀ ସଙ୍ଘ ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆ ବର୍ଷ ଉପଲକ୍ଷେ ସମସ୍ତେ




ଏକତ୍ରିତ ହୋଇ ସଙ୍ଘ ତଥା ବ୍ୟବସାୟୀଙ୍କ ମଧ୍ୟରେ ଆପୋଷ ଭାଇଚାରା, ବର୍ତ୍ତମାନ ବଜାର ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ବ୍ୟବସାୟର ଉନ୍ନତି, ବ୍ୟବସାୟୀଙ୍କ ସାମାଜିକ ପ୍ରତିଷ୍ଠା, ହାନିଲାଭ ବିଷୟରେ ସାମୂହିକ ଆଲୋଚନା, କମିଟିର ସମୃଦ୍ଧି ପାଇଁ ନୂତନ ସଦସ୍ୟତା ଗ୍ରହଣ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ନେଇ କମିଟିର ସଭାପତି ପି ପଟନାୟକ ସୂଚନା ପ୍ରଦାନ କରିଛନ୍ତି। ସମ୍ପାଦକ ସୁଶାନ୍ତ କୁମାର ବେବର୍ତ୍ତା, ପୌରପାଳିକା ନିର୍ବାହୀ ଅଧିକାରୀ ଡାନିଶ କୁମାର ବେହେରା ମଞ୍ଚାସୀନ ଥିଲେ। ଏହି କମିଟିରେ ୫୦୦ରୁ ଅଧିକ ବ୍ୟବସାୟୀ ସଦସ୍ୟ ରହିଥିବା ବେଳେ କାର୍ଯ୍ୟନିର୍ବାହୀ ସଦସ୍ୟ ୨୫ ଜଣ ଅଛନ୍ତି।

# ମହତାବ ଉଚ୍ଚବିଦ୍ୟାଳୟରେ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତା

ଚମ୍ପୁଆ, ୩।୧(ସମିସ): ମହତାବ ଉଚ୍ଚବିଦ୍ୟାଳୟରେ ଉଠା ଜଳସେଚନ ବିଭାଗ ତରଫରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ଗୁଇଁଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ବିଭାଗ ନିର୍ବାହୀଯନ୍ତ୍ରୀ ନିମାଇଁ ଚରଣ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ପାଣିଗ୍ରାହୀ, ଚମ୍ପୁଆ ଉଠା ଜଳସେଚନ ବିଭାଗ ଭାରପ୍ରାପ୍ତ ସହକାରୀ ନିବାହୀଯନ୍ତ୍ରୀ ବୁଧୁରାୟ ସାଙ୍ଗେ ସାମଦ,



ସହକାରୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ ବାଦଲଚନ୍ଦ୍ର ଚୌଧୁରୀ, ମେକାନିକାଲ ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ଦାସ ଯୋଗ ଦେଇଥିଲେ। ଚମ୍ପୁଆ ଉପଖଣ୍ଡ ତଥା ଚମ୍ପୁଆ ବ୍ଲକରୁ ଚନ୍ଦ୍ରଶେଖର ଇଂଲିଶ ମିଡିୟମ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜ୍ୟୋତିପୁର ଉଚ୍ଚବିଦ୍ୟାଳୟ, ମହତାବ ଉଚ୍ଚବିଦ୍ୟାଳୟ, ଭୂଇଁପୁର ଉଚ୍ଚବିଦ୍ୟାଳୟ, ବାଙ୍କ ଉଚ୍ଚବିଦ୍ୟାଳୟ, ପିଏମଶ୍ରୀ ଉତ୍କଳମଣି ସରକାରୀ ଉଚ୍ଚବିଦ୍ୟାଳୟ ପ୍ରର୍ସଳା ଝୁମ୍ପୁରା ବ୍ଲକର ବଡ଼ଡୁମୁରିଆ ଉଚ୍ଚବିଦ୍ୟାଳୟ, ବଡ଼ନେଉଳି ଉଚ୍ଚବିଦ୍ୟାଳୟ, ଗୁମୁରା ଉଚ୍ଚ ବିଦ୍ୟାଳୟ, ସପ୍ତପରି ଉଚ୍ଚବିଦ୍ୟାଳୟ ପାହାଡ଼ପୁର, କାଶୀପାଳ ଉଚ୍ଚବିଦ୍ୟାଳୟ, ବାଲିବନ୍ଧ ଉଚ୍ଚ ବିଦ୍ୟାଳୟ, ଯୋଡ଼ା ବ୍ଲକ କେବି ଉଚ୍ଚବିଦ୍ୟାଳୟ ଭୁଶୁଗାଁ ଆଦିରୁ ପ୍ରାୟ ୧୦୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସାଧାରଣ ଜ୍ଞାନ, ବକ୍ତୃତାରେ ଜଳ ବାୟୁ ସହନଶୀଳ କୃଷି: ଚାଷୀଙ୍କ ଭବିଷ୍ୟତ ସୁରକ୍ଷାର ମୂଳଆଧାର, ପ୍ରବନ୍ଧରେ ଜଳବାୟୁ ସହନଶୀଳ କୃଷିର ଉନ୍ନତି ନିମନ୍ତେ ଅଭିନବ ପ୍ରଯୁକ୍ତି ବିଦ୍ୟାର ପ୍ରଚଳନ ତଥା ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଆଦି ବିଭାଗରେ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। କୃତୀ ଉପଯୋଗୀଙ୍କୁ ଉଠା ଜଳସେଚନ ବିଭାଜନ କେନ୍ଦୁଝର ତରଫରୁ ପାଣିପାଞ୍ଚାୟତ ପକ୍ଷ ପାଳନରେ ଆସନ୍ତା ଜାନୁଆରୀ ୬ ତାରିଖରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଖୁଣ୍ଟାପଡ଼ା ପ୍ରସିଦ୍ଧ ମକର ମେଳା ପ୍ରସ୍ତୁତି

## ଏଥର ୮ ଦିନ ଚାଲିବ ମେଳା ଓ ମୀନାବଜାର

ତେଲକୋଇ, ୩।୧(ସମିସ):

ଜିଲ୍ଲାର ଉପାନ୍ତ ତେଲକୋଇ ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡ଼ାସ୍ଥିତ ବାବା ବ୍ରହ୍ମେଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ମକରମେଳା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୮ ଦିନ ଧରି ଏହି କୃଷିଭିତ୍ତିକ ଗଣପର୍ବ ମକର ମେଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ମକର ସଂକ୍ରାନ୍ତି ଦିନ ଭୋର ୪ଟା ୪୫ ମିନିଟ ସମୟରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ୧୨ଟାରୁ ଗୋଟାଏ ପର୍ଯ୍ୟନ୍ତ ନୀତିଭୋଗ, ୧ଟା ୪୫ରେ ପହଡ଼ ଓ ୩ଟା ୪୫ରେ ପହଡ଼ ଖୋଲା, ୪ଟା ୫୫ ସନ୍ଧ୍ୟା ଆଳତି ସର୍ବସାଧାରଣ ଦର୍ଶନ ତଥା ରାତି ୯ଟା ୩୦ରେ ମନ୍ଦିରଦ୍ୱାର ବନ୍ଦ ରହିବ। ଚଳିତବର୍ଷ ମେଳା ପଡ଼ିଆରେ ମୀନା ବଜାର ଖୋଲିବା ସହିତ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୪ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ମେଳାରେ ୬୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଦୋକାନ ଖୋଲିବା ସହିତ ମୀନା ବଜାର ଖୋଲିବ। ୧୫ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସୁନାମଧନ୍ୟ ଯାତ୍ରା ଅନୁଷ୍ଠାନ 'ସ୍ୱର୍ଣ୍ଣ ମହଲ' ଓ ୧୯ ତାରିଖରୁ ୨୧ ପର୍ଯ୍ୟନ୍ତ 'ଯାତ୍ରା ଇନ୍ଦ୍ର ଭୁବନ' ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ନାଟକ ପରିବେଷଣ କରିବା ଯୋଜନା ପ୍ରସ୍ତୁତ କରାଯାଇଛି। ରଙ୍ଗୀନ ଆଲୋକମାଳା ସହିତ ସୁଉଚ୍ଚ ତୋରଣ ଓ ମନ୍ଦିର ପରିସରକୁ ବିଭିନ୍ନ ସାଜସଜ୍ଜାରେ ସଜ୍ଜିତ କରାଯାଉଛି। ମକର ମେଳା କମିଟି ସାଧାରଣ ସମ୍ପାଦକ ହଟକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ସାଂସଦ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ଛଇଳବାଳା ନାୟକ, ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା, ସମିତିସଭ୍ୟ ଅନନ୍ତ ଚରଣ ବେହେରା, ତହସିଲଦାର ଅନୁପମା ମୁର୍ମୁ, ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ନାଏକ, ଆଇଆଇସି ଅଞ୍ଜନ ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକ ଡାକ୍ତର ପି ସତ୍ୟମ, ଆରଡି ଅଧୀକ୍ଷଣ ଯନ୍ତ୍ରୀ ଇଂ ହିମାଂଶୁ ଶେଖର ସେଠୀ, ଟିପିଏନଓଡିଏଲ ଯନ୍ତ୍ରୀ ଇଂ ମୁକେଶ ସାହୁ, ଫରେଷ୍ଟର ପୁଷ୍ପଲତା ମହାନ୍ତ, ଅଗ୍ନିଶମ ଅଧିକାରୀ କପିକେତନ ନାୟକ, ପାନୀୟଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଇଂ ଅଶୋକ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଗଡୁଛି ସମୟ; କାର୍ଯ୍ୟକ୍ଷମ ଅପେକ୍ଷାରେ ମରେଇଗାଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର

ହାଟଡିହି,୩।୧(ସମିସ):





ହାଟଡିହି ବ୍ଲକ ଅନ୍ତର୍ଗତ ମରେଇଗାଁଠାରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ (ଆୟୁଷ୍ମାନ ଆରୋଗ୍ୟ ମନ୍ଦିର) ନିର୍ମାଣ କାର୍ଯ୍ୟ ସରିଯାଇଥିବା ବି ଏଯାଏଁ କାର୍ଯ୍ୟକ୍ଷମ ହୋଇନି। ଏହି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି କେବେ କାର୍ଯ୍ୟକ୍ଷମ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନନ୍ଦପୁର ପକ୍ଷରୁ ଗତ ୨୦/୦୨/୨୦୨୪ରେ କାର୍ଯ୍ୟଟି ଆରମ୍ଭ ହୋଇ ୧୯/୧୧/୨୦୨୪ରେ ଶେଷ ହୋଇଛି। କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷ ତାରିଖ ସହ ନିର୍ମାଣ ଅଟକଳ ମୂଲ୍ୟ ହିସାବରେ ୪୪.୫୫ଲକ୍ଷ ଟଙ୍କା ବିନିମୟରେ ଗୃହଟି ନିର୍ମାଣ ହୋଇଥିବା ସାଇନ୍ ବୋର୍ଡରେ ଉଲ୍ଲେଖ ଅଛି। ଗୃହ ନିର୍ମାଣର ଶେଷ ତାରିଖ ଅନୁସାରେ ଆଜକୁ ୧ବର୍ଷରୁ ଊର୍ଦ୍ଧ୍ୱ ହେବ ଉପକେନ୍ଦ୍ର ଗୃହ ସହ ପକ୍କା ପାଚେରି ମଧ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର(ଆରୋଗ୍ୟ ମନ୍ଦିର)ଟି କାର୍ଯ୍ୟକ୍ଷମ ହେବାରେ ବିଳମ୍ବ କାହିଁକି ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଚିନ୍ତାରେ ପକାଉଛି। ଆଜିବି ଲୋକେ ସ୍ୱାସ୍ଥ୍ୟସେବା ପାଇଁ ୩କି.ମି ଦୂର ତେନ୍ତୁଳିନଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ଲୋକେ ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ନପାଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ପ୍ରଭାତ ନାୟକଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଚନ୍ଦନ ସାହୁ କହିଛନ୍ତି କି, ବର୍ତ୍ତମାନ ସୁଦ୍ଧା ତେନ୍ତୁଳିନଣ୍ଡା ଉପକେନ୍ଦ୍ର ସହ ମରେଇଗାଁ ଅନ୍ତର୍ଭୁକ୍ତ ଅଛି। ସରକାରଙ୍କ ନିର୍ଦ୍ଦେଶ ପରେ ତେନ୍ତୁଳିନଣ୍ଡାଠାରୁ ମରେଇଗାଁ ପୃଥକ ହେବା ନେଇ ଚିଠି ଆସିବା ପରେ ମରେଇଗାଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ହେବ। ବ୍ଲକ୍ ମଧ୍ୟରେ ମୋଟ୍ ୧୧ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ବିପିଏମ୍ ଶ୍ରୀ ସାହୁ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଟି କିଭଳି ଶୀଘ୍ରାତିଶୀଘ୍ର କାର୍ଯ୍ୟକ୍ଷମ ହେବ ସେନେଇ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟିଦେଲେ ସ୍ଥାନୀୟଲୋକଙ୍କଆଶାପୂରଣ ହେବା ସହ ଲୋକେ ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ବାସ୍ତବ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଏସ୍‌ଏଚ୍‌ଜି ମହିଳାଙ୍କୁ ସିଲେଇ ମେସିନ ବଣ୍ଟନ

ତେଲକୋଇ, ୩।୧(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ଭିମକୁଣ୍ଡ ପଞ୍ଚାୟତର ଗୋଧୁଡୁଡ଼ିଠାରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ତେଲକୋଇ ଜଳ ବିଭାଜିକା ପକ୍ଷରୁ ସିଲେଇ ମେସିନ ବଣ୍ଟନ କରାଯାଇଛି। ଜଳ ବିଭାଜିକା ତରଫରୁ ମାସିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇ ସାରିବା ପରେ ତାର ଆର୍ଥିକ ଉନ୍ନତି ଦିଗରେ ସାକାର କରିବା ପାଇଁ ଜଳ ବିଭାଜିକା ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ଜଣ ସଦସ୍ୟାଙ୍କୁ ଚୟନ କରି ଏହି ସିଲେଇ ମେସିନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ହରିହର ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ମାନସ କୁମାର ନାୟକ, ୱାଟରସେଡ ପିଡି ଅଶୋକ କୁମାର ସେନାପତି, ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ୱାଟର ସେଡର ଓଭରଶିୟର ସଂଜୀବ ମହାନ୍ତ ପରିଚାଳନା କରିଥିଲେ।

## ଭୀମକୁଣ୍ଡ ମକର ମେଳା ପ୍ରସ୍ତୁତି ବୈଠକ



ଡୁରୁମୁଙ୍ଗା, ୩।୧(ସମିସ): କେନ୍ଦୁଝର ଜିଲ୍ଲା ଡୁମୁରିଆ ପଞ୍ଚାୟତ ଘାଟବାଲି ଯୋଡ଼ିସ୍ଥିତ ପ୍ରାଚୀନ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ମକର ମେଳା ୨୦୨୬ ପାଇଁ ଶନିବାର ପାଟଣା ବ୍ଲକ୍ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜାନୁୟାରୀ ୧୪,୧୫, ୧୬ ତାରିଖ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ କ୍ରମ ମଧ୍ୟରେ ଝୁମର, ସାନ୍ତାଳୀ, ବିଭିନ୍ନ ଲୋକ ନୃତ୍ୟ ଗୀତ ସହ କଲେଜ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଡ଼ିଓ ମାନସ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, କେନ୍ଦୁଝର ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶଚନ୍ଦ୍ର ନାୟକ, ତହସିଲଦାର ଅଶ୍ୱିନୀ ନାଏକ, ଡୁମୁରିଆ ସରପଞ୍ଚ ଗୌରହରୀ ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡ଼ାକ୍ତର ଶୁଭେନ୍ଦୁ ସାଗର ନାଏକ, ଅଗ୍ନିଶମ ଅଧିକାରି ଗୌର ହେମ୍ରମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚିଦାନନ୍ଦ ସେଠୀ, ଜଳ ପରିମଳ ଯନ୍ତ୍ରୀ ମିଥୁନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ● ସଦ୍‌ଭାବନା ସମିତିର ୫୫୯ତମ ମାସିକ ସନ୍ଥ ଦିବସ

# 'ପ୍ରତୀମା ପୂଜା ନୁହେଁ, ମାନବ ସେବା ହିଁ ମାଧବ ସେବା'

ବାରିପଦା,୩।୧(ସମିସ):ସ୍ଥାନୀୟଗୋପବନ୍ଧୁଭବନରେପୌଷପୂର୍ଣ୍ଣମୀତିଥିରେସଦ୍‌ଭାବନା ସମିତିର ୫୫୯ତମ ମାସିକ ସନ୍ଥ ଦିବସ ସଦସ୍ୟ ସନ୍ଦୀପ ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦଙ୍କ ବାଣୀ ମତେ ପ୍ରତୀମା ପୂଜାକୁ ପ୍ରାଧାନ୍ୟ ନ ଦେଇ




ଯେ ନରରୂପୀ ନାରାୟଣଙ୍କ ସେବା ପୂଜା କରେ, ସେ ହିଁ ପ୍ରକୃତ ଈଶ୍ୱର ଭକ୍ତ ବୋଲି ଏ ମାସର ପ୍ରସଙ୍ଗ ରଖାଯାଇଥିଲା। ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ ତଥା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ କହିଥିଲେ, ଯିଏ ପରିଣତ ବୟସର ହେବା ପର୍ଯ୍ୟନ୍ତ ପ୍ରତୀମା ପୂଜାକୁ ପ୍ରାଧାନ୍ୟ ନ ଦେଇ ନିଜ ପିତାମାତାଙ୍କୁ ପୂଜ୍ୟପୂଜାର ସମ୍ମାନ ଦିଏ, ସେ ତାଙ୍କ ପିଲାଙ୍କ ପାଖରେ ହତାଦର ହୋଇ ନ ଥାଏ ବୋଲି ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବକ୍ତା ଭାବେ ଡ ବିଜୟ କୁମାର ଅଗ୍ରୱାଲ, ଗାୟତ୍ରୀ ପରିବାରର ଗଗନ ବେହେରା, ପ୍ରଜାପିତାର ଭଉଣୀ ମାମୁନି, ଶିବାନନ୍ଦ ଆଶ୍ରୟୀ ଡ. ଝରଣା ବେହେରା, ଡ ଯୋଗେନ୍ଦ୍ର ନାଥ ପଣ୍ଡା, ଡ କୁଞ୍ଜବନ ପୃଷ୍ଟି, ପ୍ରାଧ୍ୟାପକ ରାଜେନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁନୀଲ ଜେନା, ଡ ଶଶୀଧର ବିଶ୍ୱାଳ, ଅଶୋକ କୁମାର ପଲେଇ, ହିମାଂଶୁ ଶେଖର ଦାସ, ଭାଗ୍ୟଧର ନନ୍ଦ, କୈବଲ୍ୟ ପ୍ରସାଦ ମହାପାତ୍ର, ସତ୍ୟାନନ୍ଦ ସେଜପଡା, ରାକେଶ କୁମାର ସିଂ ଓ ରଞ୍ଜନ କୁମାର ବାନାର୍ଜୀ ପ୍ରତୀମା ପୂଜା ଖିଆଲି ମନର ମଉଜ, ମାନବ ସେବା ହିଁ ମାଧବ ସେବା ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଚଳିତ ମାସରେ ଆବିର୍ଭାବ ସ୍ୱାମୀ ବିବେକାନନ୍ଦ, ପ୍ରଜାପିତା ବ୍ରହ୍ମା, ଅଭିରାମ ପରମହଂସ, ଅଚ୍ୟୁତାନନ୍ଦଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଓ ବିଭୁଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଉଁଶ ବୋଝେଇ ଟ୍ରକ୍ ଅଟକ

ମହୁଲଡିହା,୩।୧(ସମିସ):ଠାକୁରମୁଣ୍ଡା ବ୍ଲକ୍ ଆନନ୍ଦପୁର-ଠାକୁରମୁଣ୍ଡା ୫୩ ନମ୍ବର ରାଜ୍ୟ ରାଜପଥରେ ଆନନ୍ଦପୁର ଆଡୁ ଆସ (ପାଉଁଶ) ବୋଝେଇ କରି ଆସୁଥିବା ଏକ ଟ୍ରକ ମହୁଲଡିହା ଥାନାରେ ଅଟକ ଅଛି। ୨ ତାରିଖ ରାତିରେ କରଞ୍ଜିଆ ଉପଖଣ୍ଡ ପୁଲିସ ଆରକ୍ଷୀ ଅଧୀକ୍ଷକ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ରାତି ପାଟ୍ରୋଲିଂ କରୁଥିବା ସମୟରେ ଆସ ବୋଝେଇ ଏକ ୧୪ ଚକିଆ ଟ୍ରକର ୱେବିଲ ନ ଥିବାରୁ ଥାନାରେ ଅଟକ ରଖାଯାଇଛି। ମହୁଲଡିହା ଥାନା ଅଧିକାରୀ ପରିବହନ ବିଭାଗକୁ ଅବଗତ କରି ଆରଟିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର

ଉଦଳା, ୩।୧(ସମିସ):ରକ୍ତଦାନ ମହାପୁଣ୍ୟ। ବୁନ୍ଦାଏ ରକ୍ତ ଗୋଟିଏ ଅମୂଲ୍ୟ ଜୀବନକୁ ବଞ୍ଚାଇଥାଏ। ମୟୂରଭଞ୍ଜ ଜିଲ୍ଲା ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ପକ୍ଷରୁ ଆଜି ରକ୍ତଦାନ ଶିବିର ଆୟୋଜିତ



ହୋଇଥିଲା। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୋଦ ଶତପଥୀ ଓ ଉଦଳା ମେଡିକାଲର ବରିଷ୍ଠ ଶିଶୁ ବିଶେଷଜ୍ଞ ଡ. ଲକ୍ଷ୍ମୀକାନ୍ତ ପତି ପ୍ରମୁଖ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଶେଷକରି ଆଜିର ଯୁବପିଢି କିପରି ଉତ୍ସାହିତ ହୋଇ ଆଗାମୀ ଦିନରେ ରକ୍ତଦାନକୁ ସଫଳ କରିବେ, ଉକ୍ତ ରକ୍ତଦାନ ଶିବିର ଆଭିମୁଖ୍ୟ ବୋଲି ମହାବିଦ୍ୟାଳୟର ଅଧ୍ୟାପିକା କହିଛନ୍ତି।

## ଡିଭାଇନ ୟୁଥ୍ କ୍ଲବ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

କୁଆମରା,୩।୧(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଡିଜାଇନ୍ ୟୁଥ କ୍ଲବ ପ୍ରିମିୟର ଲିଗ ସିଜିନ-୫ ଆଜି ଉଦଯାପିତ ହୋଇଯାଇଛି। ବାଗଦେବୀ ନାଇଟ ରାଇଡର୍ସ, ରଲେକ୍ସ ଇଲେଭେନ୍, ଡଷ୍ଟ ଓରି ବ୍ର, ଡିଏସ୍‌କେ ଧେନଘେରା, କେଜି ଫାଇଟର ଖୁଣ୍ଟା ଓ ନାଏକ ଇଲେଭେନ୍ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚରେ ଡୋଷ୍ଟ ଓରି ବୈରାଟପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭର ଖେଳରେ ୧୯.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ରଲେକ୍ସ ଇଲେଭେନ୍ ପୁରୁଣା ବାରିପଦା ସମସ୍ତ ୱିକେଟ ହରାଇ ୧୩୫ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ପୁରସ୍କାର ବିବରଣୀ ଉତ୍ସବରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ବିଡିଓ ନିର୍ମଳ ଚନ୍ଦ୍ର ବାରିକ, ସ୍ୱର୍ଣ୍ଣଲତା ମେଡିକାଲ କଲେଜ ଅଫ ସାଇନ୍ସର ନିର୍ଦ୍ଦେଶକ ଭବାନୀ ଶଙ୍କର ସାହୁ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ନଗଦ ଅର୍ଥ ୩୫ ହଜାର ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୫ ହଜାର ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରିଥିଲେ। ସତ୍ୟରଞ୍ଜନ ବେହେରା ଓ ଉଦୀପ୍ତ କୁମାର ଦ୍ୱିବେଦୀ ଖେଳ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଚୈତନ୍ୟ ନାୟକ, ମ୍ୟାନ ଅଫ୍ ଦି ସିରିଜ ଆକାଶ ମାଇତି, ଶ୍ରେଷ୍ଠ ବୋଲର ଅମିତ କୁମାର ଦାସବାବୁଙ୍କୁ ପୁରସ୍କୃତ କରାଯାଇଛି। ୟୁଥ କ୍ଲବ୍‌ର ବିକାଶ କୁମାର ବେହେରା, ଦିବ୍ୟସାଗର ମହାପାତ୍ର, ଦିନେଶ ମହାପାତ୍ର, ଦୀପକ ବାରିକ, ଅଭୟ ସାହୁ, ହେମନ୍ତ ସାହୁ, ସତ୍ୟରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।।

## ୨ ବାଲି ବୋଝେଇ ହାଇୱା ଜବତ

କୁଆମରା/ଖୁଣ୍ଟା,୩।୧(ସମିସ): ବିଳମ୍ବିତ ରାତିରେ ବେଆଇନ ବାଲି ବୋଝେଇ କରି ନେଉଥିବା ୨ ହାଇୱାକୁ ଜବତ କରିଛି ଖୁଣ୍ଟା ପୁଲିସ। ଶୁକ୍ରବାର ରାତିରେ ବେତନଟୀ ତହସିଲ ଅଞ୍ଚଳର ବୁଢାବଳଙ୍ଗ ନଦୀରୁ ଉତ୍ତୋଳିତ ବାଲି ବୋଝେଇ କରି ଖୁଣ୍ଟା ଅଞ୍ଚଳକୁ ଆସୁଥିବା ୨ଟି ହାଇୱାକୁ ଖୁଣ୍ଟା ପୁଲିସ ବାସିପିଠା ନିକଟରେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଚାଳକ ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବାରୁ ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ହାଇୱା ୨ଟିକୁ ଥାନାକୁ ଆଣିଥିଲେ। କିଛି ସମୟ ପରେ ବେତନଟୀ ଅଞ୍ଚଳର ହାଇୱା ମାଲିକ ବାଲି ପରିବହନ ପରମିଟ ନେଇ ସଙ୍ଗରେ ଆଣିଥିଲେ ହେଁ ପୁଲିସ ତା'ର ସଠିକତା ନ ଥିବା ଜାଣି ମାମଲା ଖଣି ବିଭାଗକୁ ହସ୍ତାନ୍ତର କରିଛି। ଖଣି ବିଭାଗ ଏହାର ତଦନ୍ତ କରୁଥିଲେ ହେଁ ହାଇୱା ଜବତ ସମୟ ଓ ପରମିଟ ଇସ୍ୟୁ ସମୟରେ ଫରକ ଥିବାରୁ ଆଗକୁ କ'ଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା

## ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ତେଲକୋଇ, ୩।୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଶନିବାର ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡି ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ଉଦଘାଟିତ ହୋଇଯାଇଛି। ତେଲକୋଇ ଉଚ୍ଚବିଦ୍ୟାଳୟସ୍ଥିତଖେଳପଡ଼ିଆରେଅସ୍ଥାୟୀ କେନ୍ଦ୍ର ଖୋଲାଯାଇ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ କରିଛନ୍ତି ମୁଖ୍ୟଅତିଥି ତଥା କେନ୍ଦୁଝର ସାଂସଦ ଅନନ୍ତ ନାୟକ। ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ଲକରେ ସମୁଦାୟ ତିନୋଟି ତେଲକୋଇ, ବିମଳା ଓ ଜଗମୋହନପୁରଠାରେ ମାଣ୍ଡିଆ କେନ୍ଦ୍ର ଖୋଲା ଯାଇଛି। କେନ୍ଦୁଝର ଜିଲ୍ଲାରେ ମୋଟ ୧୦ ହଜାର ୬ଶହ ୧୪ ଜଣ ଚାଷୀ ୯ ହଜାର ଦୁଇ ଶହ ୧୧ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିବା ବେଳେ ତେଲକୋଇ ବ୍ଲକରେ ୬୧୩ ଜଣ ଚାଷୀଙ୍କ ଦ୍ୱାରା ୫୪୮ ହେକ୍ଟର ମାଣ୍ଡିଆ ଚାଷ ହୋଇଛି। ପ୍ରଥମ ଦିନରେ ସରକାର ତେଲକୋଇ ବ୍ଲକରୁ ୨୫ ଜଣ ଚାଷୀଙ୍କଠାରୁ ୧୧୭ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିଛନ୍ତି। ମାଣ୍ଡିଆର ଦର ପୂର୍ବ ଅପେକ୍ଷା ବୃଦ୍ଧି ହୋଇ କୁଇଣ୍ଟାଲ୍ ପ୍ରତି ଦର ୪୮୮୬ ଟଙ୍କା ରହିଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ବିଡିଓ ପୂର୍ଣ୍ଣଚନ୍ଦ୍ରେ ନାଏକ, ଶ୍ରୀଅନ୍ନ ଅଭିଯାନର ଜିଲ୍ଲା ପରିଚାଳକ ନାରାୟଣ ପାଣିଗ୍ରାହୀ, ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ରର ନିଗମ ନନ୍ଦ, ଆଦିବାସୀ ଉନ୍ନୟନ ସମବାୟ ସମିତିର କ୍ଷେତ୍ରୀୟ ଅଧିକାରୀ ବାସୁଦେବ ମାରାଣ୍ଡି, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ତେଲକୋଇ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରୀ ସୀମାରାଣୀ ଦାସ ଯୋଗ ଦେଇଥିଲେ। ମଳୟ ଖଣ୍ଡା ପରିଚାଳନା କରିଥିବା ବେଳେ ଶ୍ରୀଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଦିବ୍ୟା ସରେଙ୍ଗ, ଅତିରିକ୍ତ ବ୍ଲକ ସଂଯୋଜକ ମୃତ୍ୟୁଞ୍ଜୟ ଧଳ, ପ୍ରଶାନ୍ତ ନାୟକ, ଫିଲ୍ଡ ଷ୍ଟାଫ ଓ ବ୍ଲକ କୃଷି କର୍ମଚାରୀ ସହଯୋଗ କରିଥିଲେ।



## ତାଳପଦା ସରପଞ୍ଚଙ୍କ ପରଲୋକ

ବଡ଼ସାହି,୩।୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତର ୨ ଥରର ସରପଞ୍ଚ ବାଘରାୟ ମାଝୀଙ୍କ ଅକାଳ ବିୟୋଗ ଘଟିଛି। ଏହାକୁ ନେଇ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଗତ କିଛିଦିନ ତଳେ ନିମୋନିଆ ଓ ରକ୍ତହୀନତା ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶନିବାର ପୁଣି ବିଭିନ୍ନ ପରୀକ୍ଷା କରାଇ ଡାକ୍ତରଙ୍କୁ ଦେଖାଇବାକୁ ବାରିପଦା ଯାଇଥିବାବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ପିଆରଏମ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବୋହୂ, ପୁଅଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।



## ବାଇଡ଼ଙ୍କ ବାବାଙ୍କୁ ଫକୀରମୋହନ ସାହିତ୍ୟ ସମ୍ମାନ

ହାଟଡ଼ିହୀ,୩।୧(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ବ୍ୟଙ୍ଗ କବି ସୁବାସଚନ୍ଦ୍ର ପାତ୍ର ଓରଫ୍ ବାଇଡ଼ଙ୍କ ବାବାଙ୍କୁ ସୁଚିତ୍ରା ପାଣିଗ୍ରାହୀ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆସନ୍ତା ୧୩ରୁ ୧୬ ଜାନୁଆରୀ ଯାଏଁ ୪ଦିନ ବ୍ୟାପି କଥାସମ୍ରାଟ ଫକୀରମୋହନ ସେନାପତିଙ୍କର ୧୮୪ତମ ଜୟନ୍ତୀ ଓ ପରିଷଦର ୭୯ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୁରସ୍କୃତ କରିଯିବା ନେଇ ଘୋଷଣା କରାଯାଇଛି। ବାଇଡ଼ଙ୍କ ବାବା ତଥା ସୁବାସଚନ୍ଦ୍ର ପାତ୍ର ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଛେନାପଦୀସ୍ଥିତ ବିଶ୍ୱତାରିଣୀ ମହିଳା କଲେଜରେ ଅଧ୍ୟାପକ ଭାବେ ଶିକ୍ଷାଦାନ କରୁଥିବା ବେଳେ ତାଙ୍କ ଘର ବଡରମ୍ପାସ ଗ୍ରାମରେ। ଏହି ଅବସରରେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ୨୪ଜଣ ଲୋକପ୍ରିୟ ଲବ୍ଧପ୍ରତିଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ୪ଦିନ ବ୍ୟାପି ସାହିତ୍ୟ ସଭା, ବିଭିନ୍ନ ପ୍ରତିଯୋଗିତା, ଯୁବ ଉତ୍ସବ ଓ ନାଟକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ପ୍ରକାଶ କରାଯାଇଛି।



## ଉଠାଜଳସେଚନ କରଞ୍ଜିଆ ବିଭାଜନ ପକ୍ଷରୁ ପ୍ରତିଯୋଗିତା



କରଞ୍ଜିଆ,୩।୧(ସମିସ): ଉଠାଜଳସେଚନ ବିଭାଜନ କରଞ୍ଜିଆ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ବିଭାଜନସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ମଡେଲ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଠାଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ. ବିକ୍ରମାଦିତ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କରଞ୍ଜିଆ ବିଇଓ ଶ୍ରୀମତୀ ତରୁ ନାଏକ, ଉଠାଜଳସେଚନ ବିଭାଗର ପୂର୍ବତନ ସହକାରୀ ଯନ୍ତ୍ରୀ ବିଭୁପ୍ରକାଶ ମହାନ୍ତ, ବିଭାଗୀୟ ଯନ୍ତ୍ରୀ କମଳା କାନ୍ତ ବେହେରା, ଅନଳ ସେଠୀ, ସଦାନନ୍ଦ ମହାନ୍ତ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋଜ ସାହୁ, ଦୀପ୍ତିରଂଜନ ମହାକୁଡ଼, ମଧୁସ୍ମିତା ମହାନ୍ତ, ସୁନିମଣୀ ଝରିଆଲ, ପ୍ରଜ୍ଞା ପରମିତା ପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ସତ୍ୟବ୍ରତ ବାରିକ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଉଠାଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଦିବସରେ ପୁରସ୍କାର ଦିଆଯିବ। ବିଭାଗୀୟ କର୍ମଚାରୀ ସତ୍ୟବ୍ରତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଉଦ୍‌ଘାଟିତ

କରଞ୍ଜିଆ,୩।୧(ସମିସ): କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ଚଢ଼େଇଭୋଳ ଦି ଆଜାଦ ସ୍ପୋର୍ଟ୍ସ ଏଣ୍ଡ କୋଲଚୁରାଲ କ୍ଲବ ଆନୁକୂଲ୍ୟରେ ଅୟୋଜିତ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପଶ୍ଚିମ ମୟୂରଭଂଜ ଜିଲ୍ଲା ବିଜେପି ପ୍ରଭାରୀ ଅଂଶୁମାନ ସବୁଜ ମହାନ୍ତ, ସମ୍ମାନିତ ଅତିଥି ଭାବେ ଶିକ୍ଷପତି ଏମଡି ମୁସ୍ତାକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ମହାନ୍ତ, ଜିଲ୍ଲା ଉପସଭାପତି ଆଶିଷ ମହନ୍ତ, ଦିଲ୍ଲୀପ ମହନ୍ତ, କରଞ୍ଜିଆ ଓକିଲ ସଂଘ ସଭାପତି ମଦନ ମୋହନ ମହାନ୍ତ



ପ୍ରମୁଖ ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ କେନ୍ଦୁଝର ଜିଲ୍ଲା ଫେମସ କ୍ଲବ ଓ ଝାଡ଼ଖଣ୍ଡର ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୟୁସିସି ରାଞ୍ଚି ଟସ ଜିତି କେନ୍ଦୁଝର ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କେନ୍ଦୁଝର ଦଳ ନିର୍ଦ୍ଧାରିତ ୨୦ ଓଭରର ୧୮.୨ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୩୧ ରନ କରିଥିଲା। ଜବାବରେ ରାଞ୍ଚି ୧୧.୪ ଓଭର ଖେଳି ୩ ୱିକେଟ ହରାଇ ୧୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରାଣନାଥ ଜେନା ଓ ସତ୍ୟପ୍ରକାଶ ରଥ ଖେଳ ପରିଚାଳନା କରିଥିବାବେଳେ ଗୌରୀଶଙ୍କର ତୃତୀୟ ଅମ୍ପାୟାର ଥିଲେ। ଏମଡି ଅସଗୋର ଅଲ୍ଲୀ ଓ ଅବଦୁଲ ମଲ୍ଲିକ ଧାରା ବିବରଣୀ, ଆବାସ ଅଲ୍ଲୀ, ସୁମିତ ଦାସ ସ୍କୋରର ଥିଲେ। ସଭାପତି ଏମଡି ଖଲିଲୁର ରହମାନ, ଇନ୍ଦ୍ରମଣି ମହାକୁଡ଼, ସମ୍ପାଦକ ଏମଡି ସବୀର ଅଲ୍ଲୀ, କବାବ ଅଲ୍ଲି, ନଦିଆ କିଶୋର ବେହେରା, ଏମଡି କାୟମ, ସୁରେନ୍ଦ୍ର ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ଦାବି



ବାରିପଦା, ୩।୧(ସମିସ):ଆଦିବାସୀ ଲୋକଙ୍କ ଅଧିକାର ପାଇଁ ପ୍ରଥମେ ପାଦ ଆଗକୁ ବଢାଇଥିବା ଦେଶର ମହାନ ନେତା ମାରାଙ୍ଗ ଗୋମକେ ଜୟ ପାଲ ସିଂ ମୁଣ୍ଡାଙ୍କ ୧୨୩ତମ ଜୟନ୍ତୀ ମୁଣ୍ଡା ଯୁବ ସଙ୍ଗଠନ ପକ୍ଷରୁ ସ୍ମୃତିସଭା ବାରିପଦାସ୍ଥ ରୋଟାରୀ କ୍ଲବରେ ପାଳିତ ହୋଇଯାଇଛି। ତତସହିତ ମୁଣ୍ଡା ଯୁବ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ମାରାଓ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ, ବାରିପଦା ଷ୍ଟାଡିୟମକୁ ଜୟପାଲ ସିଂ ମୁଣ୍ଡାଙ୍କ ନାମରେ ନାମିତ, ବାରିପଦାର ଷ୍ଟିଲ ଗୋଲେଇଠାରେ ଜୟପାଲ ସିଂ ମୁଣ୍ଡାଙ୍କ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ସ୍ଥାପନ, ମୁଣ୍ଡାରୀ ଭାଷା ଲିପିକୁ ଅଷ୍ଟମ ଅନୁସୂଚିରେ ସାମିଲ, ମୟୂରଭଞ୍ଜ ଜିଲ୍ଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ତାହା ମୁଣ୍ଡାରୀ ବାନୀର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂ ନାଗ୍‌ଙ୍କ ନାମରେ ନାମିତ ଆଦି ରହିଛି। ମୁଣ୍ଡା ଯୁବ ସଂଗଠନର ସଭାପତି ଫକୀରମୋହାନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ମୁଣ୍ଡା ଯୁବ ସଂଗଠନର ଉପଦେଷ୍ଟା ରାକେଶ ସିଂ, ଭାରତ ମୁଣ୍ଡା ସମାଜର ଉପଦେଷ୍ଟା ମନୋଜ ମୁଣ୍ଡା, ସରକାରୀ ଶିକ୍ଷକ ରବୀନ୍ଦ୍ର ସିଂ, ମୁଣ୍ଡା ଯୁବ ସଂଗଠନର ସମ୍ପାଦକ ଛାଟିଆ ସିଂ, ମୁଣ୍ଡା ଯୁବ ସଂଗଠନର କାର୍ଯ୍ୟକାରୀ ସଂପାଦକ ମନୋରଞ୍ଜନ ସିଂ, ମୁଣ୍ଡା ଯୁବ ସଂଗଠନର ଜିଲ୍ଲା ସଂପାଦକ ରାଜେଶ କୁମାର ସିଂ ଓ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାବିତ୍ରୀ ସିଂ, ତପସ୍ୱିନୀ ସିଂ, ସୁଭଦ୍ରା ସିଂ, ଦିବ୍ୟଶ୍ରୀ ସିଂ, ଦେବକି ସିଂ, ରଚିତା ସିଂ, ଲକ୍ଷ୍ମୀପ୍ରିୟା ସିଂ, ସାରଥୀ ସିଂ, ରବି ସିଂ, ବିନଦ ସିଂ, ନିରଞ୍ଜନ ସିଂ, ଅଜିତ କୁମାର ସିଂ, ଶିବ ଶଙ୍କର ସିଂ, ଲୁସି ସିଂ ପ୍ରମୁଖ ଯୋଗଦେଇ ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କ ଜୀବନୀ ଓ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ।

## ନଡ଼ିଆ ଗଛରୁ ପଇଡ଼ ତୋଳିବାକୁ ଛାତ୍ରଙ୍କୁ ବାଧ କରାଯାଉଥିବାର ପ୍ରତିବାଦ

# ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା

ଶୁଳିଆପଦା/ମୋରଡା,୩।୧(ସମିସ):



ଶୁଳିଆପଦା ବ୍ଲକ ଅଧୀନ ଗୁହାଳଡିହା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ବିଦ୍ୟାଳୟ ଫାଟକ ସମ୍ମୁଖରେ ଶନିବାର ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଶୀତକାଳୀନ ଛୁଟିରେ ବିଦ୍ୟାଳୟବନ୍ଦ ଥିବା ସମୟରେ ବିଦ୍ୟାଳୟ ପରିସରରେ ଥିବା ନଡ଼ିଆ ଗଛରୁ ପଇଡ଼ ତୋଳିବାକୁ ଉକ୍ତ ବିଦ୍ୟାଳୟର ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ସି ବାଧ କରିଥିଲେ। ଫଳରେ ପିଲାମାନେ ଗଛକୁ ଚଢି ଥିବା ନେଇ ପ୍ରକାଶ କରିଛନ୍ତି। ଉକ୍ତ ଘଟଣାର ପ୍ରତିବାଦ କରି ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ତେବେ ଦୀର୍ଘ ଏକଘଣ୍ଟା ଧାରଣାରେ ବସିବା ପରେ ଶୁଳିଆପଦା ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଜଗନ୍ନାଥ ନାଏକ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଭୁଲ ମାଗିବା ସହ ଆଗକୁ ଏପରି କରାଇବେ ନାହିଁ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ବିଇଓ ନାଏକଙ୍କୁ ପଚାରିବାରୁ ବିଦ୍ୟାଳୟ ପରିସରରେ କାର୍ଯ୍ୟ ଚାଲୁଥିବାବେଳେ ଶ୍ରମିକମାନେ ପଇଡ଼ ତୋଳୁଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ନିଜ ଦୋଷ ସ୍ୱୀକାର କରିଛନ୍ତି ବୋଲି କହିଛନ୍ତି।

## ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ମୋରଡ଼ା/ରାସଗୋବିନ୍ଦପୁର, ୩।୧(ସମିସ): ରାସଗୋବିନ୍ଦପୁର ବ୍ଲକ୍ ଗଡ଼ିଘାଟି ପଞ୍ଚାୟତର ତମ୍ବାଖୁରିଠାରେ ୧୫ତମ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାସଗୋବିନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀ ସତୀଶ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ମିଶ୍ର, ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ବାରିକ, ରାଜେଶ କବି, ଅଭିରାମ କବି ଯୋଗ ଦେଇଥିଲେ। ସଭାପତି ଗଣେଶ ଜେନା, ଉତ୍ତମ ବେହେରା, ମାନସ ଜେନା ମଞ୍ଚ ପରିଚାଳନା କରିଥିଲେ। ଅଭିରାମ କବି, ଶୁଭଙ୍କର ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଉତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।





ସକାଳ THE SAKALA
www.sakalaepaper.com

# ଭେନେଜୁଏଲା ଉପରେ ଆକ୍ରମଣ କାହିଁକି

ମସ୍କୋ, ୩।୧ (ଏଜେନ୍ସି): ସାରା ବିଶ୍ୱରେ ପୁଣି ଆମେରିକାର ଏକଚାଟିଆ ନୀତିକୁ ନିନ୍ଦା କରାଯାଉଛି। ଭେନେଜୁଏଲା ଉପରେ କରାଯାଇଥିବା ଆକ୍ରମଣର ଗମ୍ଭୀର ପ୍ରଭାବ ଆଞ୍ଚଳିକ ଏବଂ ବିଶ୍ୱର ସ୍ଥିରତା ଉପରେ ପଡ଼ିବ ବୋଲି ଦେଶଗୁଡ଼ିକୁ ୱାସିଂଟନକୁ ଚେତାବନୀ ଦେଇଛନ୍ତି। ଏପରି ସମୟରେ ଆମରିକା ନିଜ ଆକ୍ରମଣକୁ ପ୍ରାସଙ୍ଗିକ ଦର୍ଶାଇବାକୁ ପ୍ରୟାସ କରିଛି। ଦୀର୍ଘ ଦିନ ହେଲା ଆମେରିକା ଏବଂ ଭେନେଜୁଏଲା ମୁହାଁମୁହିଁ ସ୍ଥିତିରେ ଥିଲେ। କ୍ରମାଗତ ଭାବେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇ ଚାଲିଥିବା ଆମେରିକା ଶୁକ୍ରବାର ରାତିରେ ଅଚାନକ ଆକ୍ରମଣ କରି ମାଦୁରୋଙ୍କୁ ହେପାଜତକୁ ନେଇଥିଲା। ଆମେରିକାକୁ ନିଶା, ପ୍ରବାସୀ ଚାଲାଣ କରି ଜାତୀୟ ଏବଂ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆର୍ଥିକ ସ୍ଥିତି ଭୁଶୁଡ଼ିବା ଏବଂ ରାଜନୈତିକ କାରଣ ଯୋଗୁଁ ୨୦୧୩ରୁ ଏ ପର୍ଯ୍ୟନ୍ତ ୮ ନିୟୁତ ଭେନେଜୁଏଲା ନାଗରିକ ଆମେରିକା ଆସିଛନ୍ତି। ମାଦୁରୋ ନିଜ ଜେଲରୁ ପାଗଳ ଏବଂ କଏଦୀଙ୍କୁ ଆମେରିକା ତଡୁଛନ୍ତି। ସେହିପରି ଭେନେଜୁଏଲା ଦେଇ ବିପୁଳ କୋକେନ ଏବଂ ଫେଣ୍ଟାନାଇଲ ଆମେରିକାରେ ପହଞ୍ଚୁଛି। ଏଥିରେ ଭେନେଜୁଏଲାରେ ଦୁଇଟି କାର୍ଟେଲ ସାମିଲ ରହିଛି। ମାଦୁରୋ ଏହାର ନେତୃତ୍ୱ ନେଉଥିବା ଟ୍ରମ୍ପ ଅଭିଯୋଗ କରୁଛନ୍ତି। ଏଥିରୁ ମୁକ୍ତି ଦେବା ପାଇଁ ଆକ୍ରମଣକୁ ଆମେରିକା ବୈଧ ଦର୍ଶାଇଛି।

ଅନ୍ୟପଟେ ରୁଷ, ଇରାନ, ଆର୍ଜେଣ୍ଟିନା, କ୍ୟୁବା, ସ୍ପେନ, କଲମ୍ବିଆ, ଜର୍ମାନୀ, ବଲିଭିଆ, ମେକ୍ସିକୋ ପ୍ରମୁଖ ଦେଶ ଏହାକୁ ବିରୋଧ କରିଛନ୍ତି। ରୁଷ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ରଜରୁରୀ ବୈଠକ ଡାକିଛି। ଲାଟିନ ଆମେରିକୀୟ ଦେଶ ଏଥିପାଇଁ ଦେଇଥିବା ଆହ୍ୱାନକୁ ରୁଷ ସମର୍ଥନ କରିଛି। ରୁଷ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନର କୌଣସି ବୈଧ କାରଣ ନ ଥିଲା। ଏହା କୌଣସି ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ। ଏଭଳି ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ ଏବଂ ନିନ୍ଦନୀୟ। ଏହାକୁ ବୈଧ ଦର୍ଶାଇବା ପାଇଁ କରାଯାଉଥିବା ସମସ୍ତ ପ୍ରୟାସ ଅଯୌକ୍ତିକ ଏବଂ ଆଧାରହୀନ। ଆଦର୍ଶଗତ ପ୍ରତିଶୋଧ ଉପରେ ବ୍ୟବସାୟୀକ ଉଦ୍ଦେଶ୍ୟ ଭାରି ପାଲଟି ଯାଇଛି ବୋଲି ରୁଷ ପକ୍ଷରୁ କୁହାଯାଇଛି।

## ବସ୍ ଡ୍ରାଇଭରରୁ ରାଷ୍ଟ୍ରପତି



ୱାସିଂଟନ, ୩।୧ (ଏଜେନ୍ସି): ଗତ ୧୩ ବର୍ଷ ହେଲା ଭେନେଜୁଏଲାର ଶାସନ ଗାଦିରେ ବସିଥିବା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ବନ୍ଦୀ କରି ନେଇଛି। ଏବେ ସେ କେଉଁଠି ଅଛନ୍ତି ତାହା ଜଣ ପଡ଼ି ନ ଥିବାବେଳେ ଜୀବନ ଯାତ୍ରାକୁ ନେଇ ମାଦୁରୋ ଚର୍ଚ୍ଚାରେ ଅଛନ୍ତି। ୧୯୬୨ ନଭେମ୍ବର ୨୩ରେ ରାଜଧାନୀ କାରକାସର ଏକ ଶ୍ରମିକ ପରିବାର ଜନ୍ମିତ ମାଦୁରୋ ପ୍ରଥମେ କ୍ଷମତା କେନ୍ଦ୍ରଠାରୁ ବହୁତ ଦୂରରେ ଥିଲେ। ସେ ସୀମିତ ସମୟ ମଧ୍ୟରେ ବିଶ୍ୱର ସବୁଠାରୁ ଅଧିକ ତୈଳ ଭଣ୍ଡାର ଥିବା ଦେଶର ନେତୃତ୍ୱ ନେଇ ପାରିଥିଲେ। ମାଦୁରୋ ବସ୍ ଡ୍ରାଇଭର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ମେଟ୍ରୋ ୟୁନିଅନର ନେତା ହୋଇଥିଲେ। ସେ ୧୯୯୯ରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଘନିଷ୍ଠ ସହଯୋଗୀ ହ୍ୟୁଗୋ ଚାଭେଜ ତାଙ୍କ ରାଜନୈତିକ କ୍ୟାରିୟରକୁ ଗତି ଦେଇଥିଲେ।

ମାଦୁରୋ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ ଭେନେଜୁଏଲା ବୈଦେଶିକ ମନ୍ତ୍ରୀ ହୋଇଥିଲେ। ଏହି ସମୟରେ ସେ ଆଞ୍ଚଳିକ ସଂଗଠନ ଆଲ୍‌ବା ଏବଂ ସେଲାକ ଆଦି ଗଠନ କରିଥିଲେ। ୨୦୧୨ରେ ଉପ-ରାଷ୍ଟ୍ରପତି ଭାବେ ମାଦୁରୋ ଦାୟିତ୍ୱ ଗ୍ରହଣ କରିଥିଲେ। ଚାଭେଜଙ୍କ ମୃତ୍ୟୁ ପରେ ସେ ୨୦୧୩ରେ ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ। ସେହି ବର୍ଷ ଅନୁଷ୍ଠିତ ନିର୍ବାଚନରେ ସେ ବହୁତ କମ୍ ଭୋଟରେ ବିଜୟୀ ହୋଇଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ ସେ କ୍ଷମତାରେ ଅଛନ୍ତି। କ୍ରମାଗତ ଭାବେ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲାଗି ଆସୁଛି। ଏହି ସମୟରେ ଭେନେଜୁଏଲା ଉପରେ ଆମେରିକା ଏବଂ ଅନ୍ୟ ଅନ୍ତର୍ଜାତୀୟ କଟକଣା ଲଗାଇ ଥିଲା। ଏଥିଯୋଗୁଁ ଅର୍ଥନୀତି ଭୁଶୁଡ଼ି ଯାଇଥିଲା। ଦେଶରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା ଏବଂ ଭେନେଜୁଏଲା ପ୍ରାୟ ଏକଘରିକିଆ ହୋଇଯାଇଥିଲା।

ମାଦୁରୋଙ୍କ ବ୍ୟକ୍ତିଗତ ସମ୍ପତ୍ତିକୁ ନେଇ ସର୍ବଦା ବିଶ୍ୱରେ ଚର୍ଚ୍ଚା ହେଉଛି। ଆର୍ଥିକ ସ୍ୱଚ୍ଛତା ନ ଥିବାରୁ ତାଙ୍କ ସମ୍ପତ୍ତି ବିବାଦର ପ୍ରସଙ୍ଗ ପାଲଟି ଯାଇଛି। ଯେତିକି ଘୋଷଣା ହୋଇଛି ତା ତୁଳନାରେ ମାଦୁରୋଙ୍କ ଅମାପ ସମ୍ପତ୍ତି ରହିଥିବା କୁହାଯାଉଛି। ସେ ଅନେକ ଦୁର୍ନୀତିରେ ମଧ୍ୟ ଲିପ୍ତ ରହିଛନ୍ତି। ସରକାରୀ ସୂଚନା ଅନୁଯାୟୀ, ମାଦୁରୋଙ୍କ ସମ୍ପତ୍ତି ୨ ନିୟୁତ ଡଲାର ରହିଛି। ରାଷ୍ଟ୍ରପତି ଭାବେ ତାଙ୍କୁ ମାସକୁ ୪ ହଜାର ଡଲାର ଦରମା ମିଳୁଥିଲା। କିନ୍ତୁ ନିର୍ଦ୍ଦେଶ ନ ମାନିବାରୁ ଆମେରିକା କ୍ରମାଗତ ଭାବେ ମାଦୁରୋଙ୍କ ବିରୋଧୀ ରହି ଆସିଛି। ୨୦୨୦ ମାର୍ଚ୍ଚରେ ସେ ଆମେରିକାକୁ ନିଶା ଚାଲାଣ କରୁଥିବା ଅଭିଯୋଗ ଲଗା ଯାଇଥିଲା।

# ବାଂଲାଦେଶରେ ଅରାଜକତା: ଆଖି ବୁଜିଲେ ଗୁରୁତର ହିନ୍ଦୁ ବ୍ୟବସାୟୀ

ଢାକା,୩।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାଂଲାଦେଶରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଖୋକନ ଚନ୍ଦ୍ର ଦାସ ଭିଡ଼ ହତ୍ୟାର ଶିକାର ହୋଇଛନ୍ତି। କିଛିଦିନ ତଳେ ତାଙ୍କୁ କେତେକ ଲୋକ ଏକାଠି ହୋଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ଓ ପରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଢାକା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ସେ ମୃତ୍ୟୁବରଣ କରିଛନ୍ତି। ଢାକାଠାରୁ ୧୫୦ କିମି ଦୂରରେ ଥିବା ତାଙ୍କ ଗାଁରେ ଖୋକନ ଔଷଧ ଓ ମୋବାଇଲ ବ୍ୟାଙ୍କିଙ୍ଗ୍ ବ୍ୟବସାୟ କରୁଥିଲେ। ବୁଧବାର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା ଓ ନିଆଁ ଲଗାଇ ତାଙ୍କୁ ପୋଡି ଦେବାକୁ ଭିଡ଼ ଚେଷ୍ଟା କରିଥିଲା। କିନ୍ତୁ ସେ ପୋଖରୀକୁ ଡେଇଁ ଦେହରେ ଲାଗିଥିବା ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲେ। ଏହାପରେ ଆକ୍ରମଣକାରୀମାନେ ସେଠାରୁ ପଳାଇଯାଇଥିଲେ। ପ୍ରଥମେ ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ଡାକ୍ତରମାନେ ତାଙ୍କୁ ଢାକାର ଏକ ବଡ଼ ହସ୍ପିଟାଲକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ମୃତ୍ୟୁବରଣ କରିଛନ୍ତି। ସେ ଅଞ୍ଚଳରେ ଖୋକନଙ୍କ କେହି ଶତ୍ରୁ ନଥିବା ବେଳେ ତାଙ୍କୁ କାହିଁକି ଆକ୍ରମଣ କରାଗଲା ବୋଲି ତାଙ୍କ ପତ୍ନୀ ସୀମା ଦାସ ପ୍ରଶ୍ନ କରିଛନ୍ତି। ଆକ୍ରମଣକାରୀମାନେ ମୁସଲମାନ ହୋଇଥିବା ବେଳେ ପରିବାରକୁ ସାହାଯ୍ୟ କରିବା ପାଇଁ ସୀମା ସରକାର ଓ ପୁଲିସକୁ ନିବେଦନ କରିଛନ୍ତି। ଦୁଇଜଣ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା କାରଣରୁ ଖୋକନଙ୍କୁ ପୋଡି ଦିଆଯାଇଥିଲା ବୋଲି ସୀମା ଅଭିଯୋଗ କରିଛନ୍ତି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ତୀବ୍ରତର ହେବାରେ ଲାଗିଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଦ୍ୱିତୀୟ ହିନ୍ଦୁ ବ୍ୟକ୍ତିଙ୍କୁ ପୋଡି ଓ ମୋଟ ଉପରେ ୪ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ପୂର୍ବରୁ ଡିସେମ୍ବର ୧୮ରେ ମେମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ପିଟିପିଟି ମାରିଦିଆଯାଇଥିଲା ଓ ଏହାପରେ ତାଙ୍କ ମୃତଦେହକୁ ଗଛରେ ଓହଳାଇ ପୋଡିଦିଆଯାଇଥିଲା।

**ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ ଚରମପନ୍ଥୀ**

**୧୫ ଦିନରେ ୪ ହିନ୍ଦୁ ହତ୍ୟାର ଶିକାର**



# ୧୨୭ ବର୍ଷ ପରେ ଭାରତକୁ ଅଣାଗଲା ବୁଦ୍ଧଙ୍କ ପବିତ୍ର ଅବଶେଷ

ନୂଆଦିଲ୍ଲୀ,୩।୧(ଏଜେନ୍ସି): ଦୀର୍ଘ ୧୨୭ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଭଗବାନ ବୁଦ୍ଧଙ୍କ ଅବଶେଷ ଭାରତକୁ ଅଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଏ ନେଇ ଘୋଷଣା କରିଛନ୍ତି। ଏହା ଆମ ପାଇଁ ଗର୍ବ, ଗୌରବ ଓ ଆନନ୍ଦର ବିଷୟ ବୋଲି ସେ କହିଛନ୍ତି। ଏହାକୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ଗୌରବର ବିଷୟ ବୋଲି ସେ କହିଛନ୍ତି। ଏହା ବିକାଶ ଓ ଐତିହ୍ୟର ଭାବନାକୁ ପ୍ରତିଫଳିତ କରେ ଓ ଏହାର ଆଧ୍ୟାତ୍ମିକ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବୁଦ୍ଧଙ୍କର ଏହି ଅବଶେଷ ୧୮୯୮ ରେ ଉତ୍ତରପ୍ରଦେଶର ପିପ୍ରାହୱା ସ୍ତୁପ ଖନନ ବେଳେ ବ୍ରିଟିଶ ଅଧିକାରୀ ୱିଲିୟମ କ୍ଲାକ୍ସଟନ ପାପେ ଆବିଷ୍କୃତ କରିଥିଲେ ଓ ଏହାକୁ ଭାରତ ବାହାରକୁ ପଠାଯାଇଥିଲା। ଏଥିରେ ଝାଡ଼ଖଣ୍ଡ, ସ୍ଫଟିକ ପାତ୍ର, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ନୈବେଦ୍ୟ ଅନ୍ତର୍ଭୁକ୍ତ ଥିଲା। ଏଗୁଡିକୁ ବୌଦ୍ଧ ପରମ୍ପରା ଅନୁଯାୟୀ ସ୍ତୁପରେ ରଖାଯାଇଥିଲା। ଏକ ବ୍ରାହ୍ମୀ ଶିଳାଲିପି ଅନୁଯାୟୀ ଏହି ଅବଶେଷ ଶାକ୍ୟ ବଂଶର ରାଜାମାନଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କ ପ୍ରତି ସମର୍ପିତ ଥିଲା। ଏଗୁଡିକ ବୁଦ୍ଧଙ୍କ ପରିବାରର ଥିଲା। ଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ ପରିସରରେ ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ମୂର୍ତ୍ତି, ଅବଶେଷ ପ୍ରଦର୍ଶନୀରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ଏହି ପ୍ରଦର୍ଶନୀକୁ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ପିପ୍ରାହୱା ଅବଶେଷଗୁଡିକ ହେଉଛି ଭଗବାନ ବୁଦ୍ଧଙ୍କ ସହିତ ଜଡିତ ପବିତ୍ର ଓ ପ୍ରତ୍ନତାତ୍ତ୍ୱିକ କଳାକୃତି। ବିଶ୍ୱାସ କରାଯାଏ ଯେ, ଏହି ଅବଶେଷରେ ବୁଦ୍ଧଙ୍କ ସହିତ ଜଡିତ ହାଡ଼ (ଧାତୁ ଅବଶେଷ) ଓ ପ୍ରାଚୀନ ବସ୍ତୁ ରହିଛି। ଏଗୁଡିକୁ ତାଙ୍କ ମହାନିର୍ବାଣ ପରେ ବିଭିନ୍ନ ସ୍ଥାନରେ ରଖାଯାଇଥିଲା।

# 'ବିଜେପିକୁ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କରେନି'

ଭୋପାଳ,୩।୧(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ପୁଣିଥରେ ବିଜେପି ଓ ବିଶ୍ୱ ହିନ୍ଦୁ ପରିଷଦ ନେଇ ଆଭିମୁଖ୍ୟ ଓ ମତ ସ୍ପଷ୍ଟ କରିଛନ୍ତି। ବିଜେପି ଓ ବିଶ୍ୱ ହିନ୍ଦୁ ଦୃଷ୍ଟିକୋଣରୁ ଆରଏସ୍‌ଏସ୍‌କୁ ବୁଝିବା ଭୁଲ। ସବୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସଂଘ କାହକୁ ନିୟନ୍ତ୍ରଣ କରେ ନାହିଁ। ସଂଘର ଉଦ୍ଦେଶ୍ୟ କ୍ଷମତା, ଟିକଟ କିମ୍ବା ନିର୍ବାଚନ ନୁହେଁ। ଆରଏସ୍‌ଏସ୍ ଉନ୍ନତ ସମାଜ ଗଠନ ଓ ଚରିତ୍ର ନିର୍ମାଣକୁ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଛନ୍ତି। ଭୋପାଳରେ ଆରଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତି ପାଳନ ନେଇ ଆୟୋଜିତ 'ପମୁଖ ଜନଗୋଷ୍ଠୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଗବତ କହିଛନ୍ତି ଯେ, ଆମେ ସ୍ୱତନ୍ତ୍ର ପୋଷାକ ପିନ୍ଧୁଛୁ ଓ ଲାଠିକୁ ନେଇ ଅଭ୍ୟାସ କରୁଛୁ। ଏଭଳି ସ୍ଥିତିରେ ଯଦି କିଏ ଆରଏସ୍‌ଏସ୍‌କୁ ଏକ ଅର୍ଦ୍ଧ ସାମରିକ ବାହିନୀ ବୋଲି ବିଚାର କରେ ତାହା ଭୁଲ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମ ମଧ୍ୟରେ ମତ-ପନ୍ଥ, ସମ୍ପ୍ରଦାୟ, ଭାଷା ଓ ଜାତି ଭିନ୍ନ ହୋଇପାରେ। କିନ୍ତୁ ଏହା ସତ୍ତ୍ୱେ ହିନ୍ଦୁ ପରିଚୟ ଆମକୁ ଏକାଠି କରିଥାଏ। ଆମର ସଂସ୍କୃତି ଗୋଟିଏ, ଧର୍ମ ଗୋଟିଏ, ପୂର୍ବଜ ମଧ୍ୟ ସମାନ।

## ୭ ଇମ୍ରାନ ସମର୍ଥକଙ୍କୁ ଆଜୀବନ କାରାଦଣ୍ଡ

ଇସଲାମାବାଦ୍,୩।୧(ଏଜେନ୍ସି): ପାକିସ୍ତାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ୭ ଜଣ ସମର୍ଥକଙ୍କୁ ଏକ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛି। ୨୦୨୩ ଇମ୍ରାନ ଗିରଫ ହେବା ପରେ ହିଂସକ ପ୍ରଦର୍ଶନ ସହିତ ଏହି ମାମଲା ଜଡିତ। ଏହି ୭ ଜଣଙ୍କ ଉପରେ ଦେଶର ବିଭିନ୍ନ ପ୍ରତିଷ୍ଠାନ ବିରୋଧରେ ଡିଜିଟାଲ ଆତଙ୍କବାଦରେ ଲିପ୍ତ ରହିବାର ଅଭିଯୋଗ କରାଯାଇଥିଲା। କୋର୍ଟ କହିଛନ୍ତି ଯେ, ପ୍ରତିବାଦ ସମୟରେ ଏମାନେ ହିଂସା ଓ ଅଶାନ୍ତି ସୃଷ୍ଟି କରିବା ପାଇଁ ଅନ୍‌ଲାଇନ ପ୍ଲାଟଫର୍ମ ତଥା ସାମାଜିକ ଗଣମାଧ୍ୟମରେ ଦୁରୁପଯୋଗ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୟୁଟ୍ୟୁବର ଆଦିଲ ରାଜା, ସାମ୍ବାଦିକ ୱାଜହତ ସଇଦ ଖାନ୍, ସାବିର ସାକିର ସେହବାଇ, ଟେଲିଭିଜନ ଉପସ୍ଥାପକ ହାଇଦର ରାଜା ମେହେଦି, ବିଶ୍ଳେଷକ ମୋଇଦା ପିରଜାଦା ଏବଂ ପୂର୍ବତନ ସେନା ଅଧିକାରୀ ଆକବର ହୁସେନ ଅନ୍ତର୍ଭୁକ୍ତ।

## ଚୀନ୍ କଥାରେ ହଁ ମାରିଲା ପାକିସ୍ତାନ

ବେଜିଂ/ଇସଲାମାବାଦ୍,୩।୧(ଏଜେନ୍ସି): 'ଅପରେସନ ସିନ୍ଦୂର' ଅବସରରେ ଚୀନର ମଧ୍ୟସ୍ଥତା ଦାବିକୁ ପାକିସ୍ତାନ ସ୍ୱୀକାର କରିବା ସହ ସମର୍ଥନ କରିଛି। ଅର୍ଥାତ ଚୀନକୁ ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ଦେବାକୁ ପଛାଇନାହିଁ। ଚୀନ୍‌ର ଦାବି ସହିତ ଜଡିତ ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ତାହିର ଆନ୍ଦ୍ରେବୀ ଏ ନେଇ ସୂଚନା ଦେଇଛନ୍ତି। ଅପରେସନ ସିନ୍ଦୂର ବେଳେ ଚୀନ୍‌ର ନେତାମାନେ ପାକିସ୍ତାନ ନେତୃତ୍ୱ ସହ ଲଗାତର ସମ୍ପର୍କରେ ଥିଲେ। ସେହିପରି ସେମାନେ ଭାରତୀୟ ନେତୃତ୍ୱସହ ମଧ୍ୟ କିଛି କଥାବାର୍ତ୍ତା କରିଥିଲେ। ଫଳରେ ଏହି ଅଞ୍ଚଳରେ ଉତ୍ତେଜନା କମ୍ ହୋଇଥିଲା ଏବଂ ଶାନ୍ତି, ସୁରକ୍ଷାକୁ ଫେରାଇଆଣିବାରେ ଏହା ବେଶ ସହାୟ ହୋଇଥିଲା। ତେଣୁ ଚୀନ୍‌ର ଏହି ଦାବି ଆଦୌ ମିଥ୍ୟା ନୁହେଁ ବୋଲି ଆନ୍ଦ୍ରେବୀ କହିଛନ୍ତି।

## ୟୁକ୍ରେନ ଯୁଦ୍ଧରେ ଜଲନ୍ଧରର ଯୁବକ ସହିଦ

ଜଲନ୍ଧର,୩।୧(ଏଜେନ୍ସି): ୪ ବର୍ଷ ଧରି ଚାଲିଆସୁଥିବା ରୁଷ- ୟୁକ୍ରେନ ଯୁଦ୍ଧରେ ପଞ୍ଜାବ ଜଲନ୍ଧରର ଗୋରାୟାର ଜଣେ ଯୁବକ ସହିଦ ହୋଇଛନ୍ତି। ଟ୍ରାଭେଲ ଏଜେଣ୍ଟମାନେ ତାଙ୍କୁ ପ୍ରଲୋଭିତ କରି ରୁଷ ନେଇଯାଇଥିଲେ ଓ ସେଠାରେ ତାଙ୍କୁ ବଳପୂର୍ବକ ରୁଷ୍ ସେନାରେ ଭର୍ତ୍ତି କରିଥିଲେ। କିଛିମାସ ଧରି ନିଖୋଜ ରହିବା ପରେ ତାଙ୍କୁ ମୃତଦେହକୁ ଏବେ ଭାରତ ଫେରାଇ ଅଣାଯାଇଛି। ଏହି ଯୁବକ ହେଉଛନ୍ତି ୩୦ ବର୍ଷୀୟ ମନଦୀପ କୁମାର। ଦୀର୍ଘଦିନ ଧରି ରୁଷ୍‌ରେ ରହି ସେ ଏକ ଉନ୍ନତ ଭବିଷ୍ୟତ ଓ ନିଯୁକ୍ତିର ସ୍ୱପ୍ନ ଦେଖୁଥିଲେ। ତାଙ୍କ ପରିବାରର ସଦସ୍ୟମାନେ କହିଛନ୍ତି ଯେ, ମନଦୀପ ଟ୍ରାଭେଲ ଏଜେଣ୍ଟଙ୍କ ପ୍ରତାରଣାର ଶିକାର ହୋଇଥିଲେ। ତାଙ୍କୁ ଚାକିରିର ମିଥ୍ୟା ପ୍ରତିଶ୍ରୁତି ଦେଇ ରୁଷ୍ ପଠାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପରେ ସ୍ଥିତି ବଦଳିଯାଇଥିଲା।

## ଗାନ୍ଧୀନଗରରେ ଟାଇଫଏଡ୍: ହସ୍ପିଟାଲରେ ୧୦୦

ଗାନ୍ଧୀନଗର, ୩।୧(ଏଜେନ୍ସି): ଗାନ୍ଧୀନଗରରେ ଟାଇଫଏଡ ଅର୍ଥାତ ଆନ୍ତ୍ରିକ ଜ୍ୱରରେ ୧୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗାନ୍ଧୀନଗର ସିଭିଲ ହସ୍ପିଟାଲରେ ଛୋଟପିଲାଙ୍କ ସମେତ ୧୦୪ ଜଣ ଭର୍ତ୍ତି ହେବା ପରେ ଗୁଜରାଟ ଉପ-ମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ଶନିବାର ସ୍ଥିତି ସମୀକ୍ଷା କରିଛନ୍ତି। ଗତ ୩ ଦିନରେ ସିଭିଲ ହସ୍ପିଟାଲରେ ଟାଏଫଏଡ ମାମଲା ବୃଦ୍ଧି ପାଇଛି। ସବୁ ରୋଗୀଙ୍କୁ ଶିଶୁ ଭବନରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜିଲ୍ଲାପାଳଙ୍କ ସହ ଫୋନ୍‌ରେ ୩ଥର ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ରୋଗୀଙ୍କ ଚିକିତ୍ସା କରିବାକୁ ୨୨ଜଣ ଡାକ୍ତରଙ୍କୁ ନେଇ ଟିମ୍ ଗଠନ କରାଯାଇଛି।

## ସୋମବାର ଉମରଙ୍କ ଜାମିନ ନେଇ ରାୟ ଦେବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩।୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ସୋମବାର ଉମର ଖାଲିଦ, ଶର୍ଜିଲ ଇମାମ, ଫାତିମା, ମୀରାନ ହାଇଦର ଓ ସିଫା ଉର ରହମାନଙ୍କ ଜାମିନ ଆବେଦନ ନେଇ ବଡ଼ ରାୟ ପ୍ରଦାନ କରିବେ। ଏମାନେ ଗତ ୪ ବର୍ଷ ହେବ ଜେଲ୍‌ରେ ରହିଆସୁଛନ୍ତି। ୨୦୨୦ ଫେବୃଆରୀ ହୋଇଥିବା ଦିଲ୍ଲୀ ଦଙ୍ଗା ପାଇଁ ଏମାନେ ବଡ଼ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଜଷ୍ଟିସ ଅରବିନ୍ଦ କୁମାର ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାରେ ଅଭିଯୁକ୍ତଙ୍କ ଅନେକ ଆବେଦନ ଉପରେ ରାୟ ଘୋଷଣା କରିବେ। ନ୍ୟୁୟର୍କର ନବ ନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀଙ୍କ ଦ୍ୱାରା ଉମର ଖାଲିଦଙ୍କୁ ସମ୍ବୋଧିତ କରି ଏକ ଚିଠି ଇଣ୍ଟରନେଟ ଓ ସାମାଜିକ ଗଣମାଧ୍ୟମରେ ବିବାଦ ସୃଷ୍ଟି କରିବା ପରେ ଓ ବିଜେପିର ମନ୍ତ୍ରୀମାନଙ୍କ ପ୍ରତିକ୍ରିୟା ପ୍ରକାଶ ହେବା ପରେ ଜାମିନ ଆବେଦନକୁ ନେଇ ସୁପ୍ରିମକୋର୍ଟ ରାୟ ଦେବାକୁ ଯାଉଛନ୍ତି।

## ମହାନଗର ନିଗମ ନିର୍ବାଚନ: ବିଜେପି-ଏନ୍‌ସିପି ତୁତୁମେଁମେଁ

ମୁମ୍ବଇ, ୩।୧ (ଏଜେନ୍ସି): ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନକୁ ନେଇ କ୍ଷମତାସୀନ ମହାୟୁତି ମେଣ୍ଟ (ଏନଡିଏ)ରେ ତୁତୁ ମେମେଁ ଆରମ୍ଭ ହୋଇଛି। ଏହି ମେଣ୍ଟରେ ସାମିଲ ତିନି ଦଳ ପରସ୍ପର ସହ ଝଗଡ଼ାରେ ଲିପ୍ତ ରହି ଗୋହି ଖୋଳିବା ଆରମ୍ଭ କରିଦେଇଛନ୍ତି। ଶୁକ୍ରବାର ପିମ୍ପରି-ଚିଞ୍ଚୱାଡରେ ଏକ ସାମ୍ବାଦିକ ସମ୍ମିଳନୀ କରି ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ବିଜେପିକୁ ଘେରିଛନ୍ତି। ସେ କହିଥିଲେ ଯେ ଯେଉଁମାନେ ମୋ ଉପରେ ୭୦ ହଜାର କୋଟିର ଜଳସେଚନ ଦୁର୍ନୀତି ଅଭିଯୋଗ ଲଗାଇ ଥିଲେ ତାଙ୍କ ସହ ଆଜି ମୁଁ କ୍ଷମତାରେ ରହିଛି। ଖାଲି ଅଭିଯୋଗ ଲଗାଇ ଦେଲେ କେହି ଦୋଷୀ ହୋଇଯାଏନି। ଅଦାଲତରେ ଏହି ଅଭିଯୋଗକୁ ସାବ୍ୟସ୍ତ କରିବାକୁ ପଡ଼େ। ସେହିପରି କେଉଁ ଦଳ ଅପରାଧିକ ପୃଷ୍ଠଭୂମିରୁ ଆସୁଥିବା କେତେ ଲୋକଙ୍କୁ ଟିକଟ ଦେଇଛି ଏବଂ ପଳାତକଙ୍କୁ ସହାୟତା କରିଛି ତାହା ଜାଣିବା ପାଇଁ ୧୫ ବର୍ଷର ରେକର୍ଡ ଦେଖିବା ଉଚିତ। ଅନ୍ୟପଟେ ବିଜେପି ପ୍ରଦେଶ ଅଧ୍ୟକ୍ଷ ରବୀନ୍ଦ୍ର ଚୌହାନ ନିଜେ ନିଜକୁ ଦେଖିବା ପାଇଁ ଏନ୍‌ସିପି ମୁଖ୍ୟଙ୍କୁ କହିଛନ୍ତି।

# କୁହୁଡ଼ି ପାଇଁ ରେଳ, ବିମାନ ଚଳାଚଳ ବାଧାପ୍ରାପ୍ତ



ନୂଆଦିଲ୍ଲୀ,୩।୧(ଏଜେନ୍ସି): ଦେଶ ସାରା ଖାସ୍ କରି ଉତ୍ତର ଭାରତରେ ପ୍ରବଳ କୁହୁଡି ଜାରି ରହିଛି। ଫଳରେ ରେଳ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶନିବାର ବହୁ ଟ୍ରେନ ବିଳମ୍ବ ହୋଇଥିବାରୁ ସୂଚନା ମିଳିଛି। ଖରାପ ପାଗ କାରଣରୁ ବହୁ ଟ୍ରେନ୍‌ର ଯାତ୍ରା ପୁନଃନିର୍ଦ୍ଧାରିତ କରାଯାଇଛି। ଇତିମଧ୍ୟରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ କରି ଉଲ୍ଲେଖ କରିଛିଯେ, ଉତ୍ତର ଭାରତରେ କିଛି ବିମାନବନ୍ଦରରେ ଖରାପ ପାଗ କାରଣରୁ ଦୃଶ୍ୟମାନ ଦୂରତା ହ୍ରାସ କାରଣରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇପାରେ। ଧର୍ମଶାଳା, ଇନ୍ଦୋରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ। ସେପଟେ ରାଜସ୍ଥାନରେ ପ୍ରବଳ କୁହୁଡି ଯୋଗୁ ଦୃଶମାନ ଦୂରତା ହ୍ରାସ ପାଇବା କାରଣରୁ ଏକ ସ୍ଲିପର ବସ୍ ଓଲଟି ପଡିଛି। ଯାହା ଫଳରେ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେହିପରି ମଧ୍ୟ ପ୍ରଦେଶରେ ପ୍ରବଳ କୁହିଡି ଯୋଗୁ ଦୃଶ୍ୟମାନ ଦୂରତା ୨୦ମି ତଳକୁ ଖସିଛି। ଉତ୍ତର ପ୍ରଦେଶ କାଶୀରେ ହାଲ୍‌କା ବର୍ଷା ହୋଇଛି। ବିହାରରେ ଅତ୍ୟଧିକ ଥଣ୍ଡା ଓ କୁହୁଡି ପରିଲକ୍ଷିତ ହୋଇଛି। ପାଟନା, ସମସ୍ତିପୁର ଓ ଜେହାନାବାଦ୍‌ରେ ପ୍ରବଳ କୁହୁଡି ଦେଖିବାକୁ ମିଳିଥିଲା। ରାଜ୍ୟର ସବୁ ୩୮ଟି ଜିଲ୍ଲାରେ କୁହୁଡି ନେଇ ସତର୍କତା ଜାରି କରାଯାଇଛି।


# ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ
## ଜିଲ୍ଲା - ଭଦ୍ରକ

ଏତଦ୍ ଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ଅନ୍ତର୍ଗତ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୫.୦୧.୨୦୨୬ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୂର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।"

| ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ |
|---|---|---|---|---|
| ସୋମବାର | ମଙ୍ଗଳବାର | ବୁଧବାର | ଶୁକ୍ରବାର | ଶନିବାର |


ସମୟ - ସକାଳ ୮ଘଟିକାରୁ ଦିବା ୨ ଘଟିକା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଦୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା - ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |




ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରୀଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ । ଅଗ୍ରୀମ ଟୋକନ୍ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଚଳିତ ବର୍ଷ ଟୋକନ୍ ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ । ବିନା ଟୋକନ୍ ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ । ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ.ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ ।

I.V.R.S ପଦ୍ଧତିରେ -
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପାରିବେ ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ ।

ସା - ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ

ସା - ଉପଜିଲ୍ଲାପାଳ ଭଦ୍ରକ ତଥା ଅଧ୍ୟକ୍ଷ
ନିୟନ୍ତ୍ରୀତ ବଜାର କମିଟି, ଭଦ୍ରକ



# ୧୦ରୁ 'ଗୋମାତା କାନ୍ଦୁଛି ରାଜରାସ୍ତାରେ'ର ସୁଟିଂ

ଜାନୁଆରୀ ୧୦ ତାରିଖରୁ ନୂଆ ଓଡ଼ିଆ ସିନେମା 'ଗୋମାତା କାନ୍ଦୁଛି ରାଜରାସ୍ତାରେ' ର ସୁଟିଂ ଆରମ୍ଭ ହେବ । ଏହାର ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ସୁଧାକର ବସନ୍ତ । ସିନେମାର କାହାଣୀ ଏବଂ ସଂଳାପ ରଚନା କରିଛନ୍ତି ସୁକାନ୍ତ ପାତ୍ର । ସିନେମାର ମୁଖ୍ୟ ଚରିତ୍ରରେ ସୁକାନ୍ତ ପାତ୍ର ନଜର ଆସିବେ । ଅରୁଣ ମନ୍ତ୍ରୀ ଗୀତ ରଚନା କରିଥିବା ବେଳେ ସଂଗୀତରେ ଅଛନ୍ତି ପ୍ରଶାନ୍ତ ପାଢ଼ୀ । ଗୋ ମାତା ଉପରେ ଅତ୍ୟାଚାରକୁ ନେଇ ଫିଲ୍ମର କାହାଣୀ ଆଧାରିତ । ମୁଖ୍ୟତଃ ସିନେମାଟି ଏକ ସାମାଜିକ ବାର୍ତ୍ତା ଭାରତ ସମେତ ଅନ୍ୟ ଦେଶକୁ ପ୍ରଦାନ କରିବ ବୋଲି ନିର୍ଦ୍ଦେଶକ ସୁଧାକର ବସନ୍ତ କହିଛନ୍ତି । ଭଲ ବଜେଟ୍ରେ ଏହାକୁ ନିର୍ମାଣ କରାଯାଉଥିବା ବେଳେ ଫିଲ୍ମ ଫେଷ୍ଟିଭାଲ- ୨୦୨୬, ଗୋଆ ପାନାରୋମା ଫିଲ୍ମ ଫେଷ୍ଟିଭାଲ, ଦିଲ୍ଲୀ ଫିଲ୍ମ ଫେଷ୍ଟିଭାଲ ଏବଂ ଆନ୍ତର୍ଜାତୀୟ ସିନେ ଫେଷ୍ଟିଭାଲକୁ ଦୃଷ୍ଟିରେ ରଖି ସୁଧାକର ଏହି ସିନେମାଟିକୁ ନିର୍ମାଣ କରୁଥିବା କହିଛନ୍ତି ।

# ପ୍ରେକ୍ଷାଳୟରେ ଲଢ଼େଇ



ଡିସେମ୍ବର ୩୧ରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ସିନେମା 'ଲଢ଼େଇ' । ଏହି ଚଳଚ୍ଚିତ୍ର ଜରିଆରେ ନବାଗତନାୟକଲୋହିତାକ୍ଷକଥାଚିତ୍ରଜଗତରେପଦାର୍ପଣ କରିଛନ୍ତି । ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ନାୟିକା ଅଛନ୍ତି ନବାଗତା ଅଭିଲିପ୍ସା । 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କ ଅଭିନୟ ଦେଖିବାକୁ ମିଳିଛି । ଏଥିରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି । ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି. ୱାର୍ଡସ୍ୱିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ କଣ୍ଠଶିଳ୍ପୀ ।

# ନୂଆ ଚଳଚ୍ଚିତ୍ର 'ସଂଘର୍ଷ'



ଏ. କେ. ଫିଲ୍ମସ୍ ବଲାଙ୍ଗିର ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ସଂଘର୍ଷ' । ଏହାର ସୁଟିଂ ଫେବୃଆରୀ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାପଡ଼ିଛି । ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ସହିତ ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଶୋକ ମିଶ୍ର । 'ଶତ୍ରୁ' ଚଳଚ୍ଚିତ୍ର ପାଇଁ ଅଶୋକ ଦୁଇ ଦୁଇଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଉଚ୍ଚ ପ୍ରଶଂସିତ ହୋଇଥିଲେ । 'ସଂଘର୍ଷ' ସିନେମାର କାହାଣୀ ବିସ୍ଥାପନ ଉପରେ ଗତିଶୀଳ । ଏଥିରେ ଡ. ରଜନୀ ରଞ୍ଜନ ଓ ରତନ ପୂଜାରୀଙ୍କ ଗୀତଗୁଡ଼ିକକୁ ସଂଗୀତ ନିର୍ଦ୍ଦେଶନା ଦେଉଛନ୍ତି ଯଜ୍ଞ ଦାଶ । ସେହିପରି ଏହାର ସଂଳାପ ରଚନା ମଧ୍ୟ ଡ. ରଜନୀ ରଞ୍ଜନ କରିଛନ୍ତି । ତେବେ ୧୯୯୦-୯୧ ମସିହାରେ ଏଇ 'ସଂଘର୍ଷ' ନାମରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ଏହି ଚଳଚ୍ଚିତ୍ରରୁ ହିଁ ଗୀତିକାର ଭାବରେ ଡ.ରଜନୀ ରଞ୍ଜନଙ୍କର ଓଲିଉଡ୍ରେ ଏଣ୍ଟ୍ରି ହୋଇଥିଲା ।



# ଶୁଭମୁକ୍ତିକୁ 'ଅପେକ୍ଷା'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'କୁ ଅପେକ୍ଷା କରିଛନ୍ତି ପ୍ରଯୋଜକ ଡ. କେ. ତମନ୍ନା, ନିର୍ଦ୍ଦେଶକ ଆନନ୍ଦ କୁମାର, ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗି । ଡ. କେ. ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି । ତେବେ 'ଅପେକ୍ଷା' ଫିଲ୍ମଟି ରିଲିଜ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର ଏବଂ ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ବଢ଼ିବ ବୋଲି ସମସ୍ତେ ଆଶାବାଦୀ । ଏହି ଚଳଚ୍ଚିତ୍ରରେ ଚୌଧୁରୀ ବିକାଶ ଦାସ, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ପ୍ରଦୀପ ଦେବତା, ଗୁଡ୍ଡୁ, ଟୁନା ଟନ ଟନ ପ୍ରମୁଖ ଅଭିନୟ କରିଛନ୍ତି । ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ । କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍ସିତା ସାହୁ ଓ ଉମାକାନ୍ତ ବାରିକ ।

# କିମିଆ କରିଛି 'ହେ କଳା ବାନ୍ଧବ'



ଆଖି ନଥିବା ମଣିଷ ପାଇଁ ଏ ଦୁନିଆଟା ଅନ୍ଧାର, କଳା କିଟ୍‌ମିଟ୍ । କଳା ବି ଆମ କାଳିଆ ଠାକୁର । ହେଲେ ସେହି କଳା ସାଆନ୍ତଙ୍କୁ କେମିତି ଦେଖେ ଆଖି ନଥିବା ମଣିଷଟି ? ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଟି ଦାରୁଦିଅଁଙ୍କୁ କେଉଁ ରୂପରେ ଦର୍ଶନ କରେ ? ଏ ପ୍ରଶ୍ନର ଗୋଟିଗୋଟି ଉତ୍ତର ନିକଟରେ ରିଲିଜ୍ ହୋଇଥିବା ଏକ ସୁନ୍ଦର ଭାବପୂର୍ଣ୍ଣ ଭଜନ 'ହେ କଳା ବାନ୍ଧବ'ରେ ପ୍ରତିଫଳିତ ହୋଇଛି । ଏହା ଏକ ମ୍ୟୁଜିକ ଭିଡିଓ ହେଇଥିଲେ ହେଁ ଦେଖିବାକୁ ଗଲେ ଏହା ଏକ ଛୋଟ ସିନେମା ପରି । ଏ କାହାଣୀ ଅଭିମାନର, କାହାଣୀ କୌତୁହଳର, କାହାଣୀ ମୀରା ଓ କାଳିଆର ବନ୍ଧୁତ୍ୱର । 'ଡବି ବବ୍ଲି' ପ୍ରସ୍ତୁତ ଏହି ଗୀତଟି ଶ୍ରୋତାଙ୍କ ମନକୁ ବେଶ୍ ଛୁଇଁପାରିଛି । ମନୋଜ ଏବଂ ସମୀରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବିଶ୍ୱଜିତ ଶତପଥୀଙ୍କ ଦ୍ୱାର ପ୍ରଯୋଜିତ ଏହି ଭଜନରେ ଜଣେ କୁନି ଝିଅ (ମୀରା) ର ଜଗା ପ୍ରତି ଥିବା ନିଷ୍କପଟ ଭକ୍ତି ଓ ଆବେଗକୁ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଏଥିରେ ମୁଖ୍ୟ ଭୂମିକାରେ ଶିଶୁ କଳାକାର ସାଇ ଦିବ୍ୟାଂଶୀ ଅଭିନୟ କରିଥିବା ବେଳେ ଭଜନରେ କଣ୍ଠଦାନ ମଧ୍ୟ କରିଛନ୍ତି । ଭେଟେରାନ ଅଭିନେତ୍ରୀ ଈଶା ବିବର୍ତ୍ତୀ ଏବଂ ଜନ୍ମେଶ୍ୱର ଖୁଣ୍ଟିଆ ଏଥିରେ ଅଭିନୟ କରିଛନ୍ତି । ଭକ୍ତିର ଏହି ସୁନ୍ଦର ଭଜନକୁ ଗୀତିକାର ପୁଷ୍ପକ ପରିଡ଼ା ଶବ୍ଦରେ ସଜାଇଥିବା ବେଳେ ମ୍ୟୁଜିକ ଅନିଲ ନାଏକ ଦେଇଛନ୍ତି । ତେବେ ପୂରା ଟିମ୍‌ର ଏହି ପ୍ରୟାସକୁ ଦର୍ଶକ ବେଶ ପସନ୍ଦ କରୁଥିବା ବେଳେ ବର୍ତ୍ତମାନ ଏହି ଭିଡିଓଟି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି ।

## ସାକ୍ଷାତକାର



# "ଭଲ କଳାକାର ହେବା ପାଇଁ ଧୈର୍ଯ୍ୟ ଦରକାର"

ଆୟୁଷ୍ମାନ ଦାସ, ଅଭିନେତା

ପାଠପଢ଼ାରେ ତାଙ୍କର ମନ ଲାଗୁ ନ ଥିଲା । ସ୍କୁଲ ଓ କଲେଜରେ ସବୁଠି ଅଭିନୟ କରି ପୁରସ୍କୃତ ହେଉଥିଲେ । ତାଙ୍କ ଭିତରେ ଥିବା ପ୍ରତିଭାକୁ ପ୍ରଥମେ ମା' ଚିହ୍ନିଥିଲେ । ଖୋର୍ଦ୍ଧା ଜିଲ୍ଲା ବନମାଳିପୁର ଗାଁର ଆୟୁଷ୍ମାନ ଦାସ ମାଆଙ୍କ ମାର୍ଗଦର୍ଶନରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମା ବିଭାଗରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଏହା ପରେ ସେ ଧାରାବାହିକରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ । 'ମହାଦେବୀ' ତାଙ୍କର ପ୍ରଥମ ଧାରାବାହିକ । ପରେ କିଛି ହାତଗଣତି ଧାରାବାହିକରେ ଅଭିନୟ କରିଛନ୍ତି ଆୟୁଷ୍ମାନ । ଏବେ ହିନ୍ଦୀ ଧାରାବାହିକ 'ସତ୍ୟା ସାଚୀ'ରେ ଖଳନାୟକ ଚରିତ୍ରରେ ଅଭିନୟ କରୁଛନ୍ତି । ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଆୟୁଷ୍ମାନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

**ଅଭିନୟ ପାଇଁ କେବେଠୁ ଦୁର୍ବଳତା ଆସିଲା?**

- ପିଲାଦିନେ କ୍ରିକେଟ୍ ଖେଳୁଥିଲି । ପଢ଼ା ପଢ଼ି ପ୍ରତି ଏତେଟା ମନ ଲାଗୁନଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଏହା ପରେ ମୁଁ ଆକ୍ଟିଂରେ କ୍ୟାରିୟର କରିବାକୁ ଚିନ୍ତା କରିଥିଲି । ଅଭିନୟ ପ୍ରତି ଦୁର୍ବଳତା ଦେଖି ମୋ ମା' ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବାକୁ କହିଥିଲେ । ଯେହେତୁ ମା' ସେଠାରେ ପଢ଼ିଥିଲେ ଆଉ ସେ ଜଣେ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ତେଣୁ ଏ କ୍ଷେତ୍ରରେ ଆଗକୁ ବଢ଼ିବାକୁ ମୋତେ ସହଜ ହୋଇଥିଲା । ସ୍ନାତକ ପରେ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଅଭିନୟରେ ସ୍ନାତକୋତ୍ତର କରିଛି । ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି ।

**ଧାରାବାହିକରେ କେମିତି ସୁଯୋଗ ପାଇଲେ?**

- ମୁଁ ଯୁକ୍ତ ୩ ପ୍ରଥମ ବର୍ଷରେ ପଢ଼ିବା ସମୟରୁ ସବୁ ସୁଟିଂ ସେଟ୍‌କୁ ଯାଇ ମ୍ୟାନେଜରମାନଙ୍କୁ ଦେଖା କରୁଥିଲି । ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅରୁ ଭାଇ ମୋତେ 'ମହାଦେବୀ' ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ଏଥିରେ ମଣିକାନ୍ତ ବାବା ଚରିତ୍ରରେ କାମ କରିଥିଲି । ଏହା ପରେ ମୁଁ ଦିବ୍ୟଦୃଷ୍ଟିରେ କାମ କରିବାକୁ ସୁଯୋଗ ପାଇଲି । 'ଝିଲି' ଧାରାବାହିକରେ 'ରୁଦ୍ର' ପୋଲିସ ଚରିତ୍ରରେ କାମ କରିଛି । ରୁଦ୍ର ଚରିତ୍ରଟି ମୋତେ ଅଧିକ ଲୋକପ୍ରିୟତା ଦେଇଛି ।

**ଏବେ ଆୟୁଷ୍ମାନ କ'ଣ କରୁଛନ୍ତି ?**

- ସନ୍ ନିଓରେ 'ସତ୍ୟା ସାଚୀ' ହିନ୍ଦୀ ଧାରାବାହିକରେ ଅଭିନୟ କରୁଛି । ଏଥିରେ ମୁଁ ଦୀପ ଖଳନାୟକ ଚରିତ୍ରରେ କାମ କରୁଛି ।

**କଳାକାର ହେବାକୁ ତାଲିମ ନେବାର ଆବଶ୍ୟକତା କେତେ?**

- ପ୍ରତ୍ୟେକ କ୍ଷେତ୍ରରେ ତାଲିମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ କୁହନ୍ତି ଭଲ ଅଭିନେତା ହେବାକୁ ହେଲେ ଚରିତ୍ରରେ ବୁଡ଼ିଯିବାକୁ ହୁଏ, କିନ୍ତୁ ତାଲିମ ଦ୍ୱାରା ଚରିତ୍ରରେ କେମିତି ପ୍ରବେଶ କରିବ ଓ ବୁଡ଼ିଯିବ ତା'ର ରାସ୍ତା ମିଳିଯାଏ । ଏହା ଦ୍ୱାରା ଅଭିନୟ ମାର୍ଜିତ ହୁଏ । ତାଲିମ ନେବା ପରେ ସମସ୍ତେ ଗୋଟେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖନ୍ତି । ଅବଶ୍ୟ ଏସବୁ ପାଇଁ ଧୈର୍ଯ୍ୟ ରଖିବା ଦରକାର ।

**ଚରିତ୍ରକୁ ଜୀବନ୍ତ କରିବାକୁ ଆୟୁଷ୍ମାନ କ'ଣ କରନ୍ତି?**

- ଯେଉଁ ଚରିତ୍ର ମିଳେ, ସେହି ଚରିତ୍ରଗୁଡ଼ିକ କାହା ସହିତ କେମିତି ବ୍ୟବହାର କରୁଛନ୍ତି । ସେମାନଙ୍କ ଚତୁଃପାର୍ଶ୍ୱିକ ପରିସ୍ଥିତି, ପୋଷାକ ପିନ୍ଧା ଶୈଳୀ, ସଂଳାପ କହିବା ଶୈଳୀ, ଚରିତ୍ରର କେଉଁ ପାର୍ଟରେ ଏଣ୍ଟରଟେନମେଣ୍ଟ ରହୁଛି ସେ ସବୁକୁ ଗୁରୁତ୍ୱ ଦିଏ ।

**ଆଗାମୀ ଯୋଜନା?**

- ଏହି ଧାରାବାହିକ ସରିବା ପରେ ସାଙ୍ଗସାଥିଙ୍କ ସହିତ କିଛି ସମୟ ବିତାଇବା ପରେ ମୁଁ ପୁଣି ମୋର କାମକୁ ଗୁରୁତ୍ୱ ଦେବି । ଜୀବନ ଥିବା ଯାଏଁ ମୁଁ ଅଭିନୟ କରିବି ।

**ସ୍ମରଣୀୟ ମୁହୂର୍ତ୍ତ?**

- 'ଝିଲି' ଧାରାବାହିକରେ 'ରୁଦ୍ର' ଭୂମିକା ମୋତେ ବହୁତ ଭଲ ଲାଗିଥିଲା । ପୋଲିସ ଆଉ ପୋଲିସ ପୋଷାକ ପ୍ରତି ମୋର ସବୁବେଳେ ଦୁର୍ବଳତା ରହିଛି । ମୁଁ ଯେତେବେଳେ ପୋଲିସ ପୋଷାକ ପିନ୍ଧିଲି, ସେତେବେଳେ ବହୁତ ଖୁସି ଲାଗିଥିଲା । ସୌଭାଗ୍ୟବଶତଃ ରୁଦ୍ର ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଲେ । ସାମାଜିକ ଗଣମାଧ୍ୟମରେ ମୋ ଚରିତ୍ରକୁ ନେଇ ଚର୍ଚ୍ଚା ହେବା ମୋ' ପାଇଁ ସୌଭାଗ୍ୟର ବିଷୟ ।

**ଫିଟ୍ ରହିବାର ଫର୍ମୁଲା?**

- କଳାକାର ପାଇଁ ଫିଟ୍ ରହିବା ନିହାତି ଦରକାର । କାରଣ ଆମର କାମ କରିବା ତରିକା ଟିକେ ଭିନ୍ନ ଥାଏ । ବିଳମ୍ବିତ ରାତି ଯାଏଁ କାମ ସାଙ୍ଗକୁ ଖାଦ୍ୟପେୟ ଗ୍ରହଣରେ ସମୟ ନଥାଏ । ତେଣୁ ଶାରୀରିକ କାର୍ଯ୍ୟକଳାପ, ଯୋଗ, ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

- କ୍ରିକେଟ୍ ଖେଳିବାକୁ ପସନ୍ଦ କରେ । ଏହା ଦ୍ୱାରା ମୋତେ ଶାନ୍ତି ମିଳେ ।
କାମକୁ ଗୁରୁତ୍ୱ ଦିଅନ୍ତୁ ।

**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

- ଅଧିକାଂଶ ପିଲା ରାତାରାତି ଲୋକପ୍ରିୟ ହେବାକୁ ଇଚ୍ଛା ରଖନ୍ତି । ଆଜିକାଲିର ପିଲାଙ୍କ ଧୈର୍ଯ୍ୟ ଶକ୍ତି ବହୁତ କମ୍ । ହେଲେ ମୁଁ କହିବି ଜଣେ କଳାକାର ଭିତରେ ଧୈର୍ଯ୍ୟ ରହିବା ବହୁତ ବଡ଼ କଥା । ଏହି କାମରେ ଜୀବନସାରା ରହିବେ । ତେଣୁ କାମକୁ ଗୁରୁତ୍ୱ ଦିଅନ୍ତୁ ।

## ପରଦା ପଛର କାହାଣୀ

# ନିଆଁରେ ଅଭିନେତାଙ୍କ

ନିଜ ଦମ୍‌ଦାର ଅଭିନୟ ତଥା ଆକ୍ସନ ସିନ୍ ପାଇଁ ବଲିଉଡ୍‌ର ଅଭିନେତା ଧର୍ମେନ୍ଦ୍ର ବେଶ୍ ଲୋକପ୍ରିୟ । ଦୀର୍ଘ ଜୀବନକାଳ ମଧ୍ୟରେ ସେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ସେମିତି ଏକ ଫିଲ୍ମ ହେଉଛି ୧୯୬୬ ମସିହାରେ ରିଲିଜ୍ ହୋଇଥିବା 'ଫୁଲ ଔର୍ ପଥର' । ଏହି ଫିଲ୍ମ ପାଇଁ ଧର୍ମେନ୍ଦ୍ର ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ । ତେବେ ଫିଲ୍ମକୁ ନେଇ ଏକ ରୋଚକ କାହାଣୀ ରହିଛି । ଏହି ଫିଲ୍ମରେ ଧର୍ମେନ୍ଦ୍ର ସତସତିକା ନିଆଁରେ ସୁଟିଂ କରିଥିଲେ । ଫଳରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା । ଫିଲ୍ମର ଏକ ଦୃଶ୍ୟରେ ଧର୍ମେନ୍ଦ୍ରଙ୍କୁ ଜଳନ୍ତା ଶିଢ଼ିରୁ ଜଣେ ଛୋଟ ଝିଅକୁ ତଳକୁ ଆଣିବାର ଥିଲା । ତେବେ ନିଆଁ ଦେଖିବା ପରେ ଧର୍ମେନ୍ଦ୍ରଙ୍କ ପାଇଁ ଏହି ଦୃଶ୍ୟ ସୁଟ୍ କରିବା ସୁରକ୍ଷିତ ନ ଥିବା ଫିଲ୍ମ ନିର୍ଦ୍ଦେଶକ ଓ. ପି. ରଲହନ୍ ଅନୁଭବ କରିଥିଲେ । ଏଥିପାଇଁ ଏଭଳି ବିପଦଜ୍ଜନକ ଭାବେ ସୁଟ୍ ନ କରିବା ପାଇଁ ତାଙ୍କୁ କହିଥିଲେ । କିନ୍ତୁ ଧର୍ମେନ୍ଦ୍ର ଏହାକୁ ଠିକ୍ ଭାବେ ବୁଝି ପାରି ନଥିଲେ । ରଲହନ୍ ଏହି ଦୃଶ୍ୟ ସୁଟିଂ କରିବା ପାଇଁ ନିର୍ଦ୍ଦେଶ ଦେଲେ ବୋଲି ଭାବିଥିଲେ । ଆଉ ଧର୍ମେନ୍ଦ୍ର ଏହି ନିଆଁ ଦୃଶ୍ୟ ସୁଟିଂ କରିଥିଲେ । ଫଳସ୍ୱରୂପ ସେ ନିଆଁରେ ପୋଡ଼ି ଯାଇଥିଲେ । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ କରିଥିଲା । ୧ କୋଟି ବ୍ୟୟରେ ନିର୍ମିତ 'ଫୁଲ ଔର୍ ପଥର' ପ୍ରାୟ ୧୭ କୋଟି ଟଙ୍କା ଆୟ କରିଥିଲା । ଏହାର ସଫଳତାକୁ ଦୃଷ୍ଟିରେ ରଖି ଏହାକୁ ତାମିଲ, ତେଲୁଗୁ ଏବଂ ମାଲାୟଲମ୍ ଭାଷାରେ ରିମେକ୍ କରାଯାଇଥିଲା । ଏହି ଫିଲ୍ମରେ 'ଶାକା' ନାମକ ଏକ ଗ୍ୟାଙ୍ଗଷ୍ଟାର୍ ଚରିତ୍ରରେ ଧର୍ମେନ୍ଦ୍ର ଅଭିନୟ କରିଥିଲେ । ଏଥିରେ ଟ୍ରାଜେଡି କୁଇନ୍ ମୀନା କୁମାରୀଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ଉଭୟଙ୍କ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରିଥିଲେ ।



# କେକେଆର୍‌ରୁ ବାହାରିଲେ ମୁସ୍ତାଫିଜୁର



**ଶେଷରେ ଆକ୍ସନ ନେଲା ବିସିସିଆଇ**

କୋଲକାତା, ୩।୧ (ଏଜେନ୍ସି): ଗତ କିଛିଦିନ ଧରି ଆଇପିଏଲ୍‌ରେ ବାଂଲାଦେଶ କ୍ରିକେଟର୍‌ଙ୍କ ଅଂଶଗ୍ରହଣକୁ ନେଇ ଲାଗି ରହିଥିବା ବିବାଦର ଏକପ୍ରକାର ଅନ୍ତ ଘଟିଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ନିର୍ଦ୍ଦେଶକ୍ରମେ ଶେଷରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ଦଳରୁ ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ବାହାର କରିଛି। ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ ଆଇପିଏଲ୍‌କୁ ବିସିସିଆଇ ପରିଚାଳନା କରୁଛି। ତେଣୁ ବିସିସିଆଇର ନିର୍ଦ୍ଦେଶ ଅନୁଯାୟୀ ଆଇପିଏଲ୍‌ର ଆଗାମୀ ସିଜନ ପୂର୍ବରୁ କୋଲକାତା ଦଳରୁ ମୁସ୍ତାଫିଜୁରଙ୍କୁ ରିଲିଜ କରାଯାଇଛି। ଏଥିସହ ତାଙ୍କ ବଦଳ ଖେଳାଳିଭାବେ ଆଉ ଜଣଙ୍କୁ ଦଳରେ ସାମିଲ କରିବାକୁ ବିସିସିଆଇ ଅନୁମତି ଦେଇଛି। ପ୍ରକାଶଯୋଗ୍ୟ, ଗତ ଖେଳାଳି ନିଲାମୀରେ କୋଲକାତା ୯.୨ କୋଟି ଟଙ୍କା ବ୍ୟୟରେ ମୁସ୍ତାଫିଜୁରଙ୍କୁ କ୍ରୟ କରିଥିଲା। କିନ୍ତୁ ସଦ୍ୟ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଭୟଙ୍କର ଆକ୍ରମଣ ପରେ ପରିସ୍ଥିତି ବଦଳିଯାଇଥିଲା। ବାଂଲାଦେଶ ଖେଳାଳିଙ୍କୁ ଆଇପିଏଲ୍‌ରେ ସାମିଲ କରିବା ନେଇ ଅନେକେ ପ୍ରଶ୍ନ ଉଠାଇବା ସହ ବିସିସିଆଇ ଓ କେକେଆର୍‌କୁ ଟାର୍ଗେଟ କରିଥିଲେ। ଶେଷରେ ବିସିସିଆଇ ଏହି ବଡ଼ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲା।

# ଭାରତ ଛାଡ଼ିଲେ; କାନାଡ଼ାରୁ ଖେଳିବେ



ଚଣ୍ଡିଗଡ଼, ୩।୧ (ଏଜେନ୍ସି): ଦୁଇଥରର ଏସିଆନ ଚାମ୍ପିଅନ ତଥା ଅଲିମ୍ପିଆନ ସୁଟର୍ ଅଙ୍ଗଦ ବୀର ସିଂହ ବାଜୱା କ୍ୟାରିୟରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ୩୦ ବର୍ଷୀୟ ଏହି ସୁଟର୍ ଏବେ ଭାରତ ଛାଡ଼ି କାନାଡ଼ା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଅଙ୍ଗଦ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ଦେଶ ଛାଡ଼ିବାର କାରଣ ମଧ୍ୟ ଅଙ୍ଗଦ ଉଲ୍ଲେଖ କରିଛନ୍ତି। 'ଗତ ୧୨-୧୩ ବର୍ଷ ଧରି ଭାରତ ପକ୍ଷରୁ ଖେଳିଆସୁଛି। କିନ୍ତୁ ମୋ ପରିବାର କାନାଡାରେ ରହୁଛନ୍ତି ଏବଂ ସେଠାରେ ମଧ୍ୟ ମୋ ବ୍ୟବସାୟ ଚାଲିଛି। ପ୍ରତି ମାସରେ କାନାଡ଼ା ଯାତ୍ରା କରିବା ମୋ ପାଇଁ କଷ୍ଟସାଧ୍ୟ ଥିଲା। ତେଣୁ ଶେଷରେ ଏକ କଠିନ ଓ ଭାବବିହ୍ୱଳ ନିଷ୍ପତ୍ତି ନେଇଛି' ବୋଲି ଅଙ୍ଗଦ କହିଛନ୍ତି। ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଅଙ୍ଗଦଙ୍କୁ ମଧ୍ୟ ଏନେଇ ସବୁଜ ସଙ୍କେତ ପ୍ରଦାନ କରାଯାଇଛି।

## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ପନ୍ତ୍ ରହିଲେ, ଗିଲ୍ ଓ ଆୟର ଫେରିଲେ

ମୁମ୍ବଇ,୩।୧(ଏଜେନ୍ସି):

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳର ନାମ ତାଲିକା ଘୋଷଣା କରାଯାଇଛି। ଆହତ ହୋଇ ଦଳରୁ ବାଦ୍ ପଡ଼ିଥିବା ଅଧିନାୟକ ଶୁବମନ ଗିଲ୍ ଓ ଉପଅଧିନାୟକ ଶ୍ରେୟସ ଆୟର ଦଳକୁ ଫେରିଛନ୍ତି। ଗିଲ୍ ମ୍ୟାଚ୍ ଫିଟ୍ ହୋଇଥିଲାବେଳେ ଫିଟ୍‌ନେସ ପରୀକ୍ଷାରେ ପାସ୍ ହେଲେ ଖେଳିବା ଲାଗି ସୁଯୋଗ ପାଇବେ। ଉଭୟ ଖେଳାଳି ଆସନ୍ତା ୬ ତାରିଖ ଖେଳାଯିବାକୁ ଥିବା ବିଜୟ ହଜାରେ ଟ୍ରଫିରେ ନିଜ ରାଜ୍ୟ ପକ୍ଷରୁ ଖେଳିବା ଲାଗି ସ୍ଥିର ହୋଇଛି। ଏଥିରେ ଉଭୟ ଖେଳାଳି ସେମାନଙ୍କ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେବେ। ବରୋଦାରେ ଜାନୁଆରୀ ୧୧ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ। ୧୪ ଓ ୧୮ରେ ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଯଥାକ୍ରମେ ରାଜକୋଟ ଓ ଇନ୍ଦୋରରେ ଖେଳାଯିବ।

ଘୋଷିତ ୧୫ ଜଣିଆ ଦଳରେ ୱିକେଟ ରକ୍ଷକ ଋଷଭ ପନ୍ତ ସ୍ଥାନ ବଜାୟ ରଖିଛନ୍ତି। ସେ ଓ ଲୋକେଶ ରାହୁଲ ୱିକେଟ ରକ୍ଷକ ଭାବେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଆହତ ଗିଲ୍‌ଙ୍କ ସ୍ଥାନରେ ରାହୁଲ ଦଳର ନେତୃତ୍ୱ ନେଇଥିଲେ, କିନ୍ତୁ ପନ୍ତ୍‌ଙ୍କୁ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିଲା। ସେହିପରି ଦଳକୁ ଫେରିଥିବା ତୃତୀୟ ଖେଳାଳି ହେଲେ ମହମ୍ମଦ୍ ସିରାଜ୍। ସିରାଜ ଅଷ୍ଟ୍ରେଲିଆ ସିରିଜ୍ ପରେ ଆଉ ସୀମିତ ଓଭର ମ୍ୟାଚ୍ ଖେଳିନାହାନ୍ତି। କିନ୍ତୁ ନିଜ ଟିମ୍ ହାଇଦରାବାଦ୍ ପକ୍ଷରୁ ସୟଦ ମୁସ୍ତାକ ଅଲି ଟି-୨୦ ଓ ବିଜୟ ହଜାରେ ଟ୍ରଫିରେ ଖେଳିଛନ୍ତି। ତାଙ୍କ ସହ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପେସ୍ ବୋଲର ଭାବେ ସାମିଲ କରାଯାଇଛି। ଏହା ଫଳରେ ମହମ୍ମଦ୍ ସାମି ନିରାଶ ହୋଇଛନ୍ତି। ଏହା ଫଳରେ ସାମିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏକପ୍ରକାର ଶେଷ ହୋଇଛି ବୋଲି କୁହାଯାଉଛି। ଟି-୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ବିଶ୍ୱକପ୍ ଖେଳାଯାଉଥିବାରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମରାଙ୍କୁ ଏହି ସିରିଜ୍ ଲାଗି ବିଚାରକୁ ନିଆଯାଇନାହିଁ।



**ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ବରୋଦା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |

ଦଳକୁ ଫେରିଥିବା ୩ଜଣ ଖେଳାଳିଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକା ବିପକ୍ଷ କୋଲକାତା ଟେଷ୍ଟରେ ବେକରେ ଆଘାତ ଲାଗିବାରୁ ଗିଲ୍ ବାଦ୍ ପଡ଼ିଥିଲେ। ଅଷ୍ଟ୍ରେଲିଆରେ ପିଠିରେ ଆଘାତ ପାଇଥିବାରୁ ଆୟର ଆଉ ଖେଳି ପାରି ନ ଥିଲେ। ସିରାଜଙ୍କୁ ଦଳରେ ନିଆଯାଇ ନ ଥିଲା। ଗିଲ୍ ବିଜୟ ହଜାରେ ଟ୍ରଫି ଖେଳି ମ୍ୟାଚ୍ ଫିଟ୍ ପ୍ରମାଣ ଦେଇଛନ୍ତି। ଆୟର ଫିଟ୍ ହେବାର ପ୍ରମାଣ ଦେବାକୁ ବାକି ରହିଛି। ଗିଲ୍, ଆୟର ଓ ସିରାଜଙ୍କୁ ସାମିଲ କରାଯିବା ଫଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ଲାଗି ମନୋନୀତ ହୋଇଥିବା ତିଲକ ବର୍ମା, ଧ୍ରୁବ ଜୁରେଲ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ବାଦ୍ ଦିଆଯାଇଛି। ରାହୁଲଙ୍କ ନେତୃତ୍ୱରେ ଭାରତ ୨-୧ରେ ଏହି ସିରିଜ୍ ଜିତିଥିଲାବେଳେ ତିଲକ ଓ ଜୁରେଲ ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ ଇନ୍ଦୋରରେ ଗୋଟିଏ ମ୍ୟାଚ୍ ଖେଳି ନଂ-୪ରେ ବ୍ୟାଟିଂ କରିଥିବା ଋତୁରାଜ ୧୦୫ ରନ୍ କରିଥିଲେ।

ବ୍ୟାଟିଂରେ ଗିଲ ଓ ଆୟରଙ୍କ ବ୍ୟତୀତ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଓ ଦୁଇ ୱିକେଟକିପର ରାହୁଲ ଓ ପନ୍ତ୍ ରହିଛନ୍ତି। ଦଳରେ ୩ଜଣ ଅଲରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର (ଉଭୟ ସ୍ପିନର) ଓ ନୀତୀଶ କୁମାର ରେଡ୍ଡୀ (ମିଡିୟମ ପେସ୍‌ର) ରହିଛନ୍ତି। କୁଲଦୀପ ଏକମାତ୍ର ସ୍ପେଶାଲିଷ୍ଟ ସ୍ପିନ୍‌ର ଭାବେ ସ୍ଥାନ ପାଇଛନ୍ତି।

**ଖେଳାଳି ଦଳ**

**ଭାରତ :** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ଶୁବମନ ଗିଲ୍ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ ଓ ଋଷଭ ପନ୍ତ୍ (ଉଭୟ ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ନୀତୀଶ କୁମାର ରେଡ୍ଡୀ।

**ନ୍ୟୁଜିଲାଣ୍ଡ :** ହେନରୀ ନିକୋଲସ, ୱିଲ ୟଙ୍ଗ୍, ଡେଭନ କନୱେ ଓ ମିଚେଲ ହେ' (ଉଭୟେ ୱିକେଟରକ୍ଷକ), ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ଜୋଶ କ୍ଲାର୍କସନ, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନ୍ନକ୍ସ, ଆଦିତ୍ୟ ଅଶୋକ, କାଏଲ ଜାମିସନ, କ୍ରିଷ୍ଟିଆନ କ୍ଲାର୍କ, ମାଇକେଲ ରେ'।

# ୧୮ରୁ ରାୟଗଡ଼ାରେ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୩।୧ (ସମିସ): ରାଜ୍ୟ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ ଚଳିତ ମାସ ୧୮ରୁ ରାୟଗଡ଼ାରେ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ୩ ଦିନ ଧରି ରାୟଗଡ଼ା ଜିଲ୍ଲାର ବିଷମକଟକଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରୁ ୨୦ଟି ଲେଖାଏ ବାଳକ ଓ ବାଳିକା ଦଳର ପାଖାପାଖି ୮୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ ଜଣାଇଛନ୍ତି। ଅଧିକ ଯୋଗାଯୋଗ ଲାଗି କୋର୍ଡିନେଟର ଗୌରୀଶଙ୍କର ମିଶ୍ର ଓ ରାୟଗଡ଼ା ଜିଲ୍ଲା ସମ୍ପାଦକ ଶୁଭେନ୍ଦୁ ଚୌଧୁରୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗୀତାରୁ ଜାତୀୟ ଟୁର୍ଣ୍ଣାମେଣ୍ଟ ଲାଗି ଖେଳାଳି ଚୟନ କରାଯିବ।

# ପାଣ୍ଡ୍ୟା-ପଟେଲଙ୍କ ପ୍ରଥମ ଲିଷ୍ଟ-ଏ ଶତକ

ବେଙ୍ଗାଲୁରୁ, ୩।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିର ୫ମ ରାଉଣ୍ଡ ମୁକାବିଲାରେ ଦୁଇ ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଶତକୀୟ ପାଳି ଖେଳିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ଉଭୟ ଖେଳାଳିଙ୍କ ଏହା ପ୍ରଥମ ଶତକ ଥିଲା। ଆଲୁରରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଅକ୍ଷରଙ୍କ ଶତକ ବଳରେ ଗୁଜରାଟ ୭ ରନରେ ଆନ୍ଧ୍ର ପ୍ରଦେଶକୁ ହରାଇଦେଇଛି। ଅକ୍ଷର ୧୧୧ ବଲରେ ୧୦ ଚୌକା ଓ ୫ ଛକା ସହାୟତାରେ ୧୩୦ ରନ କରିଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୯ ୱିକେଟ୍ ହରାଇ ୩୧୮ ରନ କରିଥିଲା। ଜବାବରେ ଓପନର୍ ସିଆର୍ ଗଣେଶ୍ୱରନଙ୍କ ୧୦୨ ରନ ସତ୍ତ୍ୱେ ଆନ୍ଧ୍ର ୭ ୱିକେଟ୍‌ରେ ୩୧୧ ରନ କରି ପରାସ୍ତ ହୋଇଥିଲା। ପୂର୍ବରୁ ଅକ୍ଷର ଲିଷ୍ଟ-ଏ'ରେ ୧୨୪ଟି ପାଳି ଖେଳିଥିଲେ ମଧ୍ୟ ୯୮ ତାଙ୍କର ସର୍ବୋଚ୍ଚ ସ୍କୋର ରହିଥିଲା। ଅପରପକ୍ଷରେ ରାଜକୋଟରେ ଅନୁଷ୍ଠିତ ଏକ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶତକ ସତ୍ତ୍ୱେ ବରୋଦା ୯ ୱିକେଟ୍‌ରେ ବିଦର୍ଭଠାରୁ ହାରିଯାଇଛି। ୧୧ ଛକା ଓ ୮ ଚୌକା ବଳରେ ୯୨ ବଲରୁ ପାଣ୍ଡ୍ୟା ୧୩୩ ରନର ଦ୍ରୁତ ଶତକୀୟ ପାଳି ଖେଳିଥିଲେ। ଏପରିକି ବାମହାତୀ ସ୍ପିନର ପାର୍ଥ ରେଖାଡେଙ୍କ ଏକ ଓଭରରୁ ସେ ୩୪ ରନ ସଂଗ୍ରହ କରିଥିଲେ। ପାଣ୍ଡ୍ୟା ଏଥିପୂର୍ବରୁ ଲିଷ୍ଟ-ଏ'ରେ ୧୧୯ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଶତକ ମାରିପାରି ନ ଥିଲେ।

## ଶେଷ ୨ଟି ମ୍ୟାଚ୍ ଖେଳିବେ ଆୟର

ଜୟପୁର, ୩।୧ (ଏଜେନ୍ସି): ଫିଟ୍‌ନେସ ପ୍ରମାଣ ଦେବାର ସର୍ତ୍ତରେ ଶ୍ରେୟସ ଆୟରଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଏହା ଫଳରେ ସେ ମୁମ୍ବଇ ଖେଳିବାକୁ ଥିବା ଜାନୁଆର ୬ ଓ ୮ରେ ଦୁଇଟିଯାକ ମ୍ୟାଚ୍ ଖେଳିବେ ବୋଲି ମୁମ୍ବଇର ମୁଖ୍ୟ ଚୟନକର୍ତ୍ତା ସଞ୍ଜୟ ପାଟିଲ କହିଛନ୍ତି। ଏହି ମ୍ୟାଚ୍ ଦ୍ୱୟରେ ଭାରତୀୟ ଦଳର ଉପଅଧିନାୟକ ଆୟର ମ୍ୟାଚ୍ ଫିଟ୍‌ନେସ ପରୀକ୍ଷା ଦେଲେ ତାଙ୍କୁ ସାମିଲ କରାଯିବ। ସେହିପରି ଅସୁସ୍ଥତା ହେତୁ ଅଧିନାୟକ ଶୁବମନ ଗିଲ୍ ଆଜି ସିକ୍କିମ ବିପକ୍ଷ ମ୍ୟାଚ୍‌ରେ ଖେଳି ନ ଥିଲେ। ସେ ସେ ୬ରେ ହେବାକୁ ଥିବା ଗୋଆ ବିପକ୍ଷ ମ୍ୟାଚ୍‌ରେ ଖେଳିବେ ବୋଲି କୋଚ୍ ସନ୍ଦୀପ ଶର୍ମା କହିଛନ୍ତି। ଜାନୁଆରୀ ୭ରେ ମନୋନୀତ ଖେଳାଳିମାନେ ବରୋଦାରେ ଏକତ୍ର ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଆୟର ଫିଟ୍ ହେଲେ ୯ କିମ୍ବା ୧୦ରେ ଦଳ ସହ ଯୋଗଦେବେ। ବରୋଦାରେ ୧୧ ତାରିଖରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

■ ପୁରୁଷ ହକି ଇଣ୍ଡିଆ ଲିଗ୍

# କଳିଙ୍ଗ ଲାନ୍ସର୍ସ-ରାଞ୍ଚି ରୟାଲ୍ସ ମୁକାବିଲା ଆଜି

ଚେନ୍ନଇ,୩।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍ ଆଜିଠାରୁ ଆରମ୍ଭ ହୋଇଛି। କିନ୍ତୁ ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ଆସନ୍ତାକାଲି ବା ରବିବାର ଚେନ୍ନଇର ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ପ୍ରଥମ ମ୍ୟାଚ୍ ଖେଳିବ। ଓଡ଼ିଶାର ଅଧିକାଂଶ ଖେଳାଳିମାନଙ୍କୁ ନେଇ ଗଠିତ ଏହି ଦଳର ନେତୃତ୍ୱ ନେଉଛନ୍ତି ବେଲଜିୟମର ଆର୍ଥର ଭାନ୍ ଡୋରେନ୍। ଦଳ ୮ ବର୍ଷ ପୂର୍ବେ ଟାଇଟଲ ଜିତିଥିଲା। ଏହା ପରେ ଲିଗ୍ ବନ୍ଦ ହୋଇଯାଇଥିଲା। ଗତବର୍ଷ ପୁଣିଥରେ ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେବା ପରେ କଳିଙ୍ଗ ଲାନ୍ସର୍ସ ଏହି ପ୍ରିମିୟର ଟୁର୍ଣ୍ଣାମେଣ୍ଟ ଲାଗି ନିଜକୁ ପ୍ରସ୍ତୁତ କରିନେଇଛି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପ୍ରଶିକ୍ଷଣ ଶିବିର କରିଛି। ଏହି ଦଳର ପ୍ରଥମ ମୁକାବିଲା ହେବ ନୂଆକରି ଗଠିତ ହୋଇଥିବା ରାଞ୍ଚି ରୟାଲ୍ସ ସହ। ଓହରିଯାଇଥିବା ଓଡ଼ିଶାର ଅନ୍ୟତମ ଟିମ୍ ଗୋନସିକାର ଅଧିକାଂଶ ଖେଳାଳିମାନଙ୍କୁ ନେଇ ରୟାଲ୍ସ ଟିମ୍ ଗଠିତ ହୋଇଛି। ଏଣୁ ଦଳ ଲାନ୍ସର୍ସକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି।

ଆଜି ତାମିଲନାଡୁ ଡ୍ରାଗନ୍ସ ଓ ହାଇଦ୍ରାବାଦ୍ ତୁଫାନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ଖେଳ ୨-୨ ଗୋଲରେ ସମାନସ୍ତରରେ ରହିଛି।



**ମହିଳା ହକି ଇଣ୍ଡିଆ ଲିଗ୍**

# ଏସ୍‌ଜି ପାଇପର୍ସର ଲଢୁଆ ବିଜୟ

ରାଞ୍ଚି,୩।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଏକ ରୋମାଞ୍ଚକ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୩-୧ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଲୋଲା ରିଏରା, ଜ୍ୟୋତି ସିଂ ଓ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସୁରମା ପକ୍ଷରୁ ପେନି ସ୍କିବ୍ ପେନାଲ୍ଟି କର୍ଣ୍ଣରରୁ ଏକମାତ୍ର ଗୋଲ ଦେଇଥିଲେ। ଏହି ମ୍ୟାଚ୍‌ର ଦ୍ୱାଦଶ ମିନିଟ୍‌ରେ ପେନିଙ୍କ ଗୋଲ ବଳରେ ସୁରମା ଅଗ୍ରଣୀ ନେଇଥିଲା। କିନ୍ତୁ ଲୋଲା ଏହି ଗୋଲକୁ ଶୁଝାଇବା ଫଳରେ ପ୍ରଥମ କ୍ୱାର୍ଟର ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୧୮ତମ ମିନିଟ୍‌ରେ ଜ୍ୟୋତି ସିଂ ଆଉ ଏକ ଗୋଲ ଦେଇଥିଲେ। ଏହି ଗୋଲ ଶୁଝାଇବାକୁ ସୁରମା ପ୍ରାଣପଣେ ଉଦ୍ୟମ କରିଥିଲା। ଖେଳର ଶେଷ ମୁହୂର୍ତ୍ତ ବା ୫୮ତମ ମିନିଟ୍‌ରେ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଏକାକୀ ବଲ୍ ନେଇ ଗୋଲ କରିଦେଇଥିଲେ। ଫଳରେ ଏସ୍‌ଜି ପାଇପର୍ସ ୩-୧ ଗୋଲରେ ଏହି ମ୍ୟାଚ୍‌କୁ ଜିତିନେଇଥିଲା।

**ବିଜୟ ହଜାରେ ଟ୍ରଫି** | **ସାମଲଙ୍କ ଶତକ ବ୍ୟର୍ଥ**

# ଓଡ଼ିଶାକୁ ହରାଇଲେ ପାର୍ଥ-ଅନୁଜ

ଭୁବନେଶ୍ୱର,୩।୧(ସମିସ):

ଦୁଇ ଯୁବ ଖେଳାଳି ପାର୍ଥ ଭାଟ୍ସ ଓ ଅନୁଜ ଠାକରାଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ବେଙ୍ଗାଲୁରୁର ଅଲୁର ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ବିଜୟ ହଜାରେ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ହରିୟାଣା ୪ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ୫ମ ରାଉଣ୍ଡ ଖେଳ ଶେଷପରେ ଦିଲ୍ଲୀ ଓ ହରିୟାଣା ୪ଟି ଲେଖାଏଁ ବିଜୟ ସହ ଗ୍ରୁପ୍-ଡି' ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଛି। ଓଡ଼ିଶା ୫ମ ମୁକାବିଲାରୁ ଦ୍ୱିତୀୟ ପରାଜୟ ପରେ ରେଳବାଇ ଓ ସୌରାଷ୍ଟ୍ର ସହ ସମାନ ୧୨ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛି। କିନ୍ତୁ ଉନ୍ନତ ନେଟ୍‌ରନ୍‌ରେଟ୍ ଯୋଗୁଁ ଦଳ ତୃତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ଓଡ଼ିଶା ତାହାର ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଜାନୁଆରୀ ୬ରେ ଶକ୍ତିଶାଳୀ ଗୁଜରାଟ ଓ ୮ରେ ରେଳବାଇ ସହ ଖେଳିବ। ଏହି ମ୍ୟାଚ୍ ଦୁଇଟିରେ ଦଳ ବିଜୟୀ ହେଲେ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାର ସମ୍ଭାବନା ରହିପାରେ।



ସ୍ୱସ୍ତିକ ସାମଲ



ଗୋବିନ୍ଦ ପୋଦ୍ଦାର

ଅଲୁରଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ଲାଗି ଓଡ଼ିଶାକୁ ଆମନ୍ତ୍ରଣ କରିଥିଲା। ଦଳ ଯୁବ ଖେଳାଳି ସ୍ୱସ୍ତିକ ସାମଲ (୧୦୧ରନ୍, ୧୦୨ ବଲ୍, ୧୦ ଚୌକା, ୩ଛକା)ଙ୍କ ଶତକ ଏବଂ ଦୁଇ ସିନିଅର ଖେଳାଳି ଗୋବିନ୍ଦ ପୋଦ୍ଦାରଙ୍କ ୮୨ବଲ୍‌ରୁ ୭୭ ଓ ବିପ୍ଳବ ସାମନ୍ତରାୟଙ୍କ ୩୯ ବଲ୍‌ରୁ ୪୭ ରନ୍ ସହାୟତାରେ ଓଡ଼ିଶା ୯ ୱିକେଟରେ ୩୦୫ ରନ୍ କରିଥିଲା। ଜବାବରେ ୩୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହରିୟାଣା ୮ଟି ବଲ ଓ ୪ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୩୦.୧ ଓଭରରେ ୬ ୱିକେଟ ହରାଇ ୧୩୩ ରନ୍ କରିଥିବାବେଳେ ଓଡ଼ିଶାର ଖେଳାଳିମାନେ ହାଲ୍‌କା ହୋଇଯାଇଥିଲେ। ଫଳରେ ଦୁଇ ଯୁବ ଖେଳାଳି ଯଥା ୨୨ ବର୍ଷୀୟ ପାର୍ଥ ଭାଟ୍ସ ଓ ୨୩ ବର୍ଷୀୟ ପେସ୍ ବୋଲିଂ ଅଲରାଉଣ୍ଡର ଅନୁଜ ଠାକ୍‌ରାଲ ଅବିଭକ୍ତ ୭ମ ୱିକେଟ ଯୋଡ଼ିରୁ ୧୧୧ ବଲ୍‌ରେ ୧୭୬ ରନ୍ ଉଠାଇ ୪୮.୪ ଓଭରରେ ୬ ୱିକେଟ ହରାଇ ଓଡ଼ିଶାକୁ ହରାଇଦେଇଥିଲେ। ଦଳ ମ୍ୟାଚ୍ ଜିତିଲାବେଳକୁ ପାର୍ଥ ୧୩୬ ବଲ୍‌ର ସାମ୍ନା କରି ୧୩ ଚୌକା ଓ ୫ଛକା ସହ ୧୫୭ ଓ ଅନୁଜ ୪୮ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୯ ରନ୍‌ରେ ଅପରାଜିତ ରହିଥିଲେ। ନୂଆ ଆତ୍ମବିଶ୍ୱାସର ସହ ଖେଳୁଥିବା ବିପ୍ଳବ ସାମନ୍ତରାୟଙ୍କ ଓଡ଼ିଶା ଦଳ ଏହି ପାର୍ଟନରସିପ୍‌କୁ ଭାଙ୍ଗି ନପାରିବା ଫଳରେ ଦଳର ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବା ଆଶଙ୍କା ମଧ୍ୟକୁ ଚାଲିଯାଇଛି। ସେହିପରି ଦଳ ପ୍ରଥମ ମ୍ୟାଚ୍‌ରେ ୩୪୫ ରନ୍ କରି ମଧ୍ୟ ସୌରାଷ୍ଟ୍ର ନିକଟରୁ ହାରିଯାଇଥିଲା। ସଂଯୋଗ ବଶତଃ ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ରାଜ୍ୟ ପକ୍ଷରୁ ପ୍ରଥମ ଦ୍ୱିଶତକ ସହ ୨୧୨ ରନ୍ କରିଥିଲେ। ବିପ୍ଳବଙ୍କ ବ୍ୟାଟରୁ ଶତକୀୟ ଇନିଂସ ମଧ୍ୟ ଦେଖିବାକୁ ମିଳିଥିଲା।

# ଅନିମେଶଙ୍କୁ ଭାଙ୍ଗିବାକୁ ପଡ଼ିବ ନିଜ ରେକର୍ଡ

ନୂଆଦିଲ୍ଲୀ, ୩।୧ (ଏଜେନ୍ସି): ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ। ଏସିଆ ମହାଦେଶର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ପକ୍ଷରୁ ଆଥ୍‌ଲେଟ୍‌ଙ୍କ ଲାଗି ଯୋଗ୍ୟତା ମାନଦଣ୍ଡ ଜାରି କରାଯାଇଛି। ଏହିକ୍ରମରେ ପୁରୁଷ ଓ ମହିଳା ୧୦୦ ମିଟର ରେସ୍ ଲାଗି ଯଥାକ୍ରମେ ୧୦.୧୬ ଓ ୧୧.୫୪ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟାଇମିଂକୁ ଦେଖିଲେ ବର୍ତ୍ତମାନ ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଥିବା ଅନିମେଶ କୁଜୁରଙ୍କ ଶ୍ରେଷ୍ଠ ଟାଇମିଂ ୧୦.୧୮ ସେକେଣ୍ଡ ରହିଛି। ଅର୍ଥାତ୍ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଅନିମେଶଙ୍କୁ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଆଗାମୀ ଦିନରେ ଭାଙ୍ଗିବାକୁ ପଡ଼ିବ। ସେହିଭଳି ପୁରୁଷ ଜାଭେଲିନ୍ ଥ୍ରୋ'ରେ ଯୋଗ୍ୟତା ମାନଦଣ୍ଡ ୭୭.୮୭ ମିଟର ରହିଛି।

**ଏସୀୟ କ୍ରୀଡ଼ା ଯୋଗ୍ୟତା ମାନଦଣ୍ଡ**

**ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍**

# ସେମିରେ ବାପୁଜୀ କ୍ଲବ୍



ଯାଜପୁର,୩।୧(ସମିସ): ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଳବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚରେ ଭୁବନେଶ୍ୱରର ବାପୁଜୀ କ୍ଲବ୍ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବନାରସ କ୍ରିକେଟ୍ କ୍ଲବ ୨୩.୪ ଓଭରରେ ୧୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବେଦ ପ୍ରକାଶ ସର୍ବାଧିକ ୪୭ରନ୍ ସଂଗ୍ରହ କରିଥିଲେ। ବାପୁଜୀ କ୍ଲବ ଭୁବନେଶ୍ୱରର ବୋଲର କ୍ଷମା ସାଗର ୫ଓଭରରେ ୨୦ରନ୍ ଦେଇ ୩ଟି ଓ ସୟଦ ଜାକି ୨୪ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାପୁଜୀ କ୍ଲବ ୧୪ଓଭରରେ ୩ ୱିକେଟ୍ ହରାଇ ୧୩୯ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିକାଶ ଦୀକ୍ଷିତ ସର୍ବାଧିକ ୬୯ ଓ ଜୟନ୍ତ କାୱେତ୍ ୫୨ରନ୍ ସଂଗ୍ରହ କରିଥିଲେ। ଆଜିର ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିକାଶ ଦୀକ୍ଷିତଙ୍କୁ ଯାଜପୁର ସହରର ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ମନୋଜ କୁମାର ସାହୁ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ରଞ୍ଜନ ମହାନ୍ତି, ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ଦାୟିତ୍ୱ ତୁଲାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS